e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ–୩୩ ● ସଂଖ୍ୟା–୨୦୭ ● ୨୭ ଅଗଷ୍ଟ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-207 ● 27th August 2026, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

୬ ଚତୁର୍ଥ ଟେଷ୍ଟ : ବିଜୟର ଦ୍ୱାରଦେଶରେ ଟିମ୍ ଇଣ୍ଡିଆ



## ନେପାଳରେ ପ୍ରକୃତିର ତାଣ୍ଡବ : ଭୟଙ୍କର ମହାପ୍ରଳୟ

# ଶତାଧିକ ଭାରତୀୟଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ନିଖୋଜ

**କାଠମାଣ୍ଡୁ, ୨୬।୮**

ନେପାଳରେ ଜଳ ପ୍ରଳୟ। ପ୍ରକୃତିର ତାଣ୍ଡବରେ ଅସହାୟ ହିମାଳୟର ପାଦଦେଶ। ନେପାଳର ନୁଓ୍ୱାକୋଟ ଏବଂ ଧାଡିଂ ଜିଲ୍ଲା ଦେଇ ଭୋଟେକୋଶି ନଦୀରେ ହଠାତ୍ ବନ୍ୟା ଆସିବାରୁ ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଭାରତୀୟଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ସୀମାର ତିବ୍ବତୀୟ ପାର୍ଶ୍ୱରୁ ବନ୍ୟା ଜଳ ଆସି ବ୍ୟାପକ କ୍ଷୟକ୍ଷତି କରିଛି ଏବଂ ନେପାଳର ଅନେକ ଗାଁ ଭାସି ଯାଇଛି। ନେପାଳ-ଚୀନ୍ ସୀମାସ୍ଥିତ ରସୁଓ୍ୱା ଜିଲ୍ଲାରେ ବୁଧବାର ଆସିଥିବା ଭୀଷଣ ବନ୍ୟା ଏବଂ ଭୂସ୍ଖଳନ ଅଞ୍ଚଳରେ ତାଣ୍ଡବ ରଚିଛି। ଏହି ବିପର୍ଯ୍ୟୟ କାରଣରୁ ଘରଦ୍ୱାର, ରାସ୍ତାଘାଟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କୈଳାସ ମାନସରୋବର



ଯାତ୍ରାରେ ବାହାରିଥିବା ପ୍ରାୟ ୪୦୦ ଶ୍ରଦ୍ଧାଳୁ ରସୁଓ୍ୱାଗଡ଼ି ଅଞ୍ଚଳରେ ଫସି ରହିଛନ୍ତି ଏବଂ ସେମାନଙ୍କ ସହ ସମ୍ପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। କାଠମାଣ୍ଡୁ ସ୍ଥିତ ଟଚ୍ କୈଳାସ ଟ୍ରାଭେଲ୍ସ ଆଣ୍ଡ ଟୁର୍ସର ଏମ୍‌ଡି ବାସୁ କୁମାର ଅଧିକାରୀ ଜଣାଇଛନ୍ତି ଯେ, ବୁଧବାର ୯୩ ଜଣ ନେପାଳୀ ନାଗରିକଙ୍କ ସମେତ ମୋଟ ୩୯୦ ଜଣ ଶ୍ରଦ୍ଧାଳୁ ଚୀନ୍ ସୀମା ପାର୍ କରିବାର ଥିଲା। ତେବେ ଅପରାହ୍ଣ ୩ଟା ସୁଦ୍ଧା ସେମାନଙ୍କ ମଧ୍ୟରୁ ମାତ୍ର କିଛି ଲୋକଙ୍କ ସହ ସମ୍ପର୍କ ହୋଇପାରିଥିବା ବେଳେ ଅଧିକାଂଶ ଯାତ୍ରୀଙ୍କ ବିଷୟରେ କୌଣସି ସଠିକ୍ ସୂଚନା ମିଳିପାରି ନାହିଁ। ଟ୍ରେକିଂ ଏଜେନ୍ସିଜ୍ ଆସୋସିଏସନ୍ ଅଫ୍ ନେପାଳର ଅଧ୍ୟକ୍ଷ ସାଗର ପାଣ୍ଡେ ସୂଚନା ଦେଇଛନ୍ତି ଯେ, ପ୍ରଭାବିତ ଅଞ୍ଚଳରେ ଫସିଥିବା ତୀର୍ଥଯାତ୍ରୀଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏବଂ ସେମାନଙ୍କ ସ୍ଥିତିର ସଠିକ୍ ଆକଳନ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଜାରି ରହିଛି। ନେପାଳ ସେନା କହିଛି ଯେ, ପାଣି ହଠାତ୍ ବୃଦ୍ଧି ପାଇବା ଯୋଗୁଁ ରସୁଓ୍ୱା ଜିଲ୍ଲାର ତିମୁରେ ଏବଂ ନିକଟବର୍ତ୍ତୀ ସ୍ୟାଫ୍ରୁବେସି ଅଞ୍ଚଳରେ ପ୍ରବଳ କ୍ଷୟକ୍ଷତି ହୋଇଛି। ଗାଡ଼ିମୋଟର, ଜିନିଷପତ୍ର ଏବଂ ଅନ୍ୟାନ୍ୟ ସମ୍ପତ୍ତି ଭାସି ଯାଇଛି। ରସୁଓ୍ୱା ଜିଲ୍ଲା କାଠମାଣ୍ଡୁର ଉତ୍ତର-ପୂର୍ବରେ ଅବସ୍ଥିତ ଏବଂ ତିବ୍ବତ ସୀମାରୁ ପ୍ରାୟ ୧୨୫ କିଲୋମିଟର ଦୂର। (ପୃଷ୍ଠା ୭ରେ)

## ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

**ନୂଆଦିଲ୍ଲୀ, ୨୬।୮**

ନେପାଳରେ ହଠାତ୍ ଆସିଥିବା ବନ୍ୟାରେ ହୋଇଥିବା ବ୍ୟାପକ ବିପର୍ଯ୍ୟୟ ଏବଂ ଜନହାନି ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ବୁଧବାର ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଉଭୟ ନେତା ଏହି କଠିନ ସମୟରେ ନେପାଳର ଲୋକଙ୍କ ପ୍ରତି ଏକତା ପ୍ରକାଶ କରିବା ସହ ପ୍ରଭାବିତ ଲୋକଙ୍କ ପାଇଁ ପ୍ରାର୍ଥନା କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆ ମଞ୍ଚ 'ଏକ୍ସ'ରେ (ପୃଷ୍ଠା ୭ରେ)

## ଭାରତ-ଚୀନ୍ ୨୫ତମ ସୀମା ବୈଠକ

# ଶାନ୍ତି ପ୍ରସ୍ତାବ ଦେଲା ଭାରତ



**ବେଜିଂ, ୨୬।୮**

ଚୀନ୍ ଗସ୍ତରେ ଥିବା ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସ୍‌ଏ) ଅଜିତ୍ ଡୋଭାଲ ବୁଧବାର ଦୁଇ ଦେଶର ସୀମା ବିବାଦ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଡୋଭାଲ ସୀମା ବିବାଦ ପ୍ରସଙ୍ଗରେ ଚୀନ୍ ବୈଦେଶିକ ମନ୍ତ୍ରୀ ଓ୍ୱାଙ୍ଗ ଓ୍ୱିଙ୍କ ସହିତ ପ୍ରତିନିଧିସ୍ତରୀୟ କଥାବାର୍ତ୍ତା କରିଛନ୍ତି। ସୀମା ବିବାଦକୁ ନେଇ ଏହା ଦୁଇ ଦେଶ ମଧ୍ୟରେ ୨୫ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ବୈଠକ। ଏହି ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ବେଳେ ଦୁଇ ଦେଶ ମଧ୍ୟରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ଡୋଭାଲ ଗୁରୁତ୍ୱ ଦେଇଛନ୍ତି। ସୀମାରେ ଶାନ୍ତି ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ନିବିଡ଼ତା ହିଁ ଉଭୟ ଦେଶର ମୂଳ ଲକ୍ଷ୍ୟ ହେବା ଉଚିତ୍ ବୋଲି ସେ କହିଛନ୍ତି। ଚୀନ୍ ସହ ସୀମା ବିବାଦ କଥାବାର୍ତ୍ତା ପାଇଁ ଭାରତର ସ୍ୱତନ୍ତ୍ର ପ୍ରତିନିଧି ଭାବେ ନିଯୁକ୍ତ ହୋଇଥିବା ଡୋଭାଲ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଣିବା ଲାଗି ନିଜ ମତ ଉପସ୍ଥାପନ କରିଥିଲେ। ସୀମାରେ ଶାନ୍ତି ଓ ସ୍ଥିରତା ଆସିପାରିଲେ ଏହା ଦୁଇ ଦେଶର ଆର୍ଥିକ, ରାଜନୈତିକ ଓ ଅନ୍ୟାନ୍ୟ କ୍ଷେତ୍ରକୁ ସଶକ୍ତ କରିବ ବୋଲି ସେ ମତ ଦେଇଥିଲେ। (ପୃଷ୍ଠା ୭ରେ)

## ଗଭୀର ଖାଇରେ ବସ୍ ଖସିପଡ଼ି ୬ ମୃତ

**ପୁଞ୍ଚ, ୨୬।୮**

ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲ୍ଲାର ସୁରନକୋଟ ଅଞ୍ଚଳରେ ଏକ ଗାଡ଼ି ରାସ୍ତାରୁ ଖସି ଗଭୀର ଖାଇରେ ପଡ଼ିଯାଇଥିଲା, ଯାହାଫଳରେ ଛଅ ଜଣଙ୍କ ମୃତ୍ୟୁ ହୋଇଛି।

ପୁଲିସର ସୂଚନା ଅନୁଯାୟୀ ପୁଞ୍ଚରୁ ଶେଂଧାରା ଆଡ଼କୁ ଯାଉଥିବା ଏକ ଗାଡ଼ି ହଠାତ୍ ଚାଳକଙ୍କ ନିୟନ୍ତ୍ରଣରୁ ବାହାରିଯାଇଥିଲା ଏବଂ ରାସ୍ତାର ଗୋଟିଏ ପାର୍ଶ୍ୱରେ ଥିବା ଖାଇରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ଅତି କମ୍‌ରେ ଛଅ ଜଣଙ୍କ ମୃତ୍ୟୁ ହୋଇଛି। ବିସ୍ତୃତ ସୂଚନାକୁ ଅପେକ୍ଷା କରାଯାଉଛି।

## ଆଜିର ମୁଖ୍ୟ ଖବର

- ପାକିସ୍ତାନର ହସ୍ପିଟାଲରେ ଲାଗିଥିବା ନିଆଁରେ ୧୫ ନବଜାତ ଶିଶୁଙ୍କ ମୃତ୍ୟୁ।
- ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ମାଓବାଦୀ ଡମ୍ପ ଠାବ।
- ପୂର୍ବତନ ଆଇଆଇଏସ ସୁଜିତ ଦାସଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା ଜାରି।
- ଦିଲ୍ଲୀ ଏନସିଆରରେ ସିଏକ୍ୟୁଏମର ବଡ଼ କାର୍ଯ୍ୟାନୁଷ୍ଠାନ, ୧୬ ଶିଳ୍ପ ୟୁନିଟ୍ ସିଲ୍।
- ପୁଣେ ରେଳ ଜଙ୍କସନରେ ୩.୪୧ କୋଟି ଟଙ୍କାର ଡ୍ରଗ୍ସ ଜବତ, ମହିଳା ଗିରଫ।
- ଆସାମର ୯୩ଟି ଗ୍ରାମରେ ବନ୍ୟା ପରିସ୍ଥିତି, ମୃତ୍ୟୁ ସଂଖ୍ୟା ୧୦୮।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୩୭୫ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୧୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୮୧ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

# ରାକ୍ଷୀରେ ମହିଳା ଯାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା

**ଭୁବନେଶ୍ୱର, ୨୬।୮**
**ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ରକ୍ଷା ବନ୍ଧନ ଅବସରରେ ମହିଳା ଯାତ୍ରୀଙ୍କ ପାଇଁ ୨୭ ଅଗଷ୍ଟ ୨୦୨୬ରେ ଆମ ବସ୍‌ରେ ଦେୟମୁକ୍ତ ଯାତ୍ରା ସୁବିଧା ଘୋଷଣା କରିଛି କମ୍ପ୍ରେହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)।

ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ଆମ ବସ୍‌ରେ ଏହି ସୁବିଧା ଉପଲବ୍ଧ ହେବ। ଏହାଦ୍ୱାରା ଦିନକରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

ଜିପିଏସ୍ ଆଧାରିତ ବସ୍ ଟ୍ରାକିଂ, ସିସିଟିଭି ନିରୀକ୍ଷଣ, ପ୍ରଶିକ୍ଷିତ ବସ୍ କର୍ମଚାରୀ ଓ ଯାତ୍ରୀ ସହାୟତା ବ୍ୟବସ୍ଥା ଭଳି ସୁବିଧା ସହ ଆମ ବସ୍ ସେବାକୁ ଅଧିକ ନିରାପଦ ଓ



ନିର୍ଭରଯୋଗ୍ୟ କରାଯାଉଛି। କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସିଦ୍ଦିକ୍ ଆଲମ୍ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନିଆଯାଇଥିବା ଏହି ପଦକ୍ଷେପ ମହିଳାମାନଙ୍କୁ ନିରାପଦ, ସୁଲଭ ଓ ସମ୍ମାନଜନକ ଯାତାୟାତ ସୁବିଧା ପ୍ରଦାନ ଦିଗରେ କ୍ରୁଟ୍‌ର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବ।

ଦେୟମୁକ୍ତ ଯାତ୍ରା ସତ୍ତ୍ୱେ 'ଜିରୋ ଟିକେଟ୍' ନେବା ମହିଳା ଯାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ। ଏଥିସହ ସମସ୍ତ ଯାତ୍ରୀଙ୍କୁ ବସ୍ କର୍ମଚାରୀଙ୍କ ସହଯୋଗ କରିବା ଏବଂ ଯାତ୍ରୀ ଶିଷ୍ଟାଚାର ପାଳନ କରିବାକୁ କ୍ରୁଟ୍ ପକ୍ଷରୁ ଅନୁରୋଧ କରାଯାଇଛି।

ପବିତ୍ର ରକ୍ଷା ବନ୍ଧନ ଦିନଟିକୁ ସ୍ମରଣୀୟ କରିବା ନିମନ୍ତେ ମହିଳାମାନଙ୍କୁ ଆମ ବସ୍ ଯାତ୍ରାର ସାଥୀ କରି ନିରାପଦ, ସୁବିଧାଜନକ ଓ ଚିନ୍ତାମୁକ୍ତ ଯାତ୍ରାର ଅନୁଭୂତି ନେବାକୁ କ୍ରୁଟ୍ ଆହ୍ୱାନ କରିଛି। ପ୍ରଥମ ଥର ପାଇଁ ରାଜ୍ୟରେ ମହିଳା ଯାତ୍ରୀଙ୍କ ନିମନ୍ତେ ମାଗଣା ବସ୍ ସେବା ଯୋଗାଇ ଦେବା ପଦକ୍ଷେପ କ୍ରୁଟ ପକ୍ଷରୁ ନିଆଯାଇଥିବାରୁ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏଭଳି ସେବା ମହିଳାଙ୍କ ପାଇଁ ସହରାଞ୍ଚଳରେ କରାଯାଇଛି। ମହିଳା ଯାତ୍ରୀମାନେ ଏହାର ସୁବିଧା ଉଠାଇବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି।

# ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ପରଲୋକ



**ଜୟପୁର, ୨୬।୮**
**ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ସତ୍ୟ ଭୂଷଣ ସାହୁଙ୍କର ୭୩ ବର୍ଷ ବୟସରେ ବୁଧବାର ପରଲୋକ ଘଟିଛି। ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।

ସେ କଂଗ୍ରେସ ଦଳ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରି ପଦ୍ମପୁର ଆସନରୁ ୩ ଥର (୧୯୮୦, ୧୯୮୫ ଏବଂ ୨୦୦୪) ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ସେ ନିଜର ଦକ୍ଷତା ପ୍ରତିପାଦନ କରି ସରକାରୀ ମୁଖ୍ୟ ସଚେତକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଅଳଙ୍କୃତ କରିଥିଲେ।

ତାଙ୍କର ଏହି ଅକାଳ (ପୃଷ୍ଠା ୭ରେ)

## ବଡ଼ ଧରଣର ଆକ୍ରମଣ ଷଡ଼ଯନ୍ତ୍ର ପଣ୍ଡ
## ୫ ହାଇବ୍ରିଡ୍ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ, ୨୬।୮**

ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲାରେ ବୁଧବାର ଏକ ମିଳିତ ଘେରାବନ୍ଦୀ ଏବଂ ସର୍ଚ୍ଚ ଅପରେସନ୍ ସମୟରେ ୫ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ସେମାନଙ୍କ ଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ମଧ୍ୟ ଉଦ୍ଧାର କରାଯାଇଛି।

କୁଲଗାମ ପୋଲିସ, ୯ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ୧୮ ବାଟାଲିୟନ ସିଆରପିଏଫ ଦ୍ୱାରା ମିଳିତ ଭାବରେ ଏହି ଅଭିଯାନ କରାଯାଇଥିଲା। ଅଧିକାରୀଙ୍କ ସୂଚନା ଅନୁସାରେ, ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ବୁଗମ ଅର୍ଚାର୍ଡ ଅଞ୍ଚଳରେ ମିଳିତ ଅଭିଯାନ ସଫଳତାର ସହ ସମାପ୍ତ ହୋଇଥିଲା।

ମିଳିତ ବାହିନୀ ଚାରୋଟି ୯ ଏମଏମ ପିସ୍ତଲ, ଚାରୋଟି ମ୍ୟାଗାଜିନ୍, ୨୨ ରାଉଣ୍ଡ ଗୁଳି ଏବଂ ଦୁଇଟି ହାଣ୍ଡ (ପୃଷ୍ଠା ୭ରେ)

## ଡିଆରଡିଓର କ୍ଷେପଣାସ୍ତ୍ର ଜ୍ଞାନକୌଶଳ ପ୍ରତିରକ୍ଷା ଶିଳ୍ପକୁ ହସ୍ତାନ୍ତର

**ନୂଆଦିଲ୍ଲୀ, ୨୬।୮**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ଦ୍ୱାରା ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ତିଆରି ପ୍ରଯୁକ୍ତିବିଦ୍ୟାକୁ ଭାରତୀୟ ପ୍ରତିରକ୍ଷା ଶିଳ୍ପକୁ ହସ୍ତାନ୍ତର ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଅଧିକ ମଜଭୁତ୍ କରିବା ଓ ଦେଶର କ୍ଷେପଣାସ୍ତ୍ର ତିଆରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦେଶରେ କ୍ଷେପଣାସ୍ତ୍ର ଉତ୍ପାଦନ ବୃଦ୍ଧି, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ଓ ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳ ମଜଭୁତ ହେବ। ଏହା ସହିତ ଭାରତୀୟ ଘରୋଇ ପ୍ରତିରକ୍ଷା କମ୍ପାନୀ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସ୍‌ଏମଇ) ଗୁଡ଼ିକ



ବିଦେଶକୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରି ପାରିବେ। ଗବେଷଣା ଓ ବିକାଶ ପର୍ଯ୍ୟାୟରୁ କ୍ଷେପଣାସ୍ତ୍ର ସିଷ୍ଟମଗୁଡ଼ିକୁ ଶିଳ୍ପ ସ୍ତରରେ ବ୍ୟାପକ ଉତ୍ପାଦନ ଆଡ଼କୁ ନେବାରେ ଏହି ନୀତି ସାହାଯ୍ୟ କରିବ। ଆବଶ୍ୟକୀୟ ଯୋଗ୍ୟତା, ପ୍ରମାଣପତ୍ର ଓ ମାନଦଣ୍ଡ ପୂରଣ କରୁଥିବା ଭାରତୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକୁ ଏହି ପ୍ରଯୁକ୍ତିବିଦ୍ୟା ଯୋଗାଇ ଦିଆଯିବ। ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳରେ ଭାରତୀୟ ଏମଏସ୍‌ଏମଇ ଏବଂ ନୂତନ (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ ଆଜି

**ଛତ୍ରପୁର, ୨୬।୮**
**ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଗୋପାଳପୁର ନିର୍ବାଚନମଣ୍ଡଳୀ ଧବଳେଶ୍ୱର ପୀଠକୁ ଆସିବେ। ଏହାଛଡ଼ା ଏକ ସାଧାରଣ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହ ବିସ୍ଥାପିତଙ୍କୁ ପଟ୍ଟା ବଣ୍ଟନ କରିବେ। ଦୁଇ ବର୍ଷରେ ଗଞ୍ଜାମର ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଆଗକୁ ଯୋଜନା ଥିବା ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ଜଣାପଡ଼ିଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ, ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ପାଇଁ ବ୍ୟାପକ ପ୍ରସ୍ତୁତି




## ଏକାଳ ପଖାଳ




ମିଠା ଖାଇବାକୁ ମନ ହେଉଛିକି !
ବଜାଅ ବସିକି ଗିନି
ଚା' କପ୍ କଥା ପୂରା ଭୁଲିଯାଅ
ନାଚ ତାକ୍ ଧିନାଧିନି
କଥା ଆମର ମାନି
ଚିନି ଚାମଚଟେ ଖଟୁଲିରେ ରଖି
ପୂଜ ରଖି ଦୀପଧୂପ ଦାନି।

# ବିଶ୍ୱରେ ସର୍ବାଧିକ ସାପକାମୁଡ଼ା ଭାରତରେ



**ନୂଆଦିଲ୍ଲୀ, ୨୬।୮**

ଏକ ଅଧ୍ୟୟନରୁ ବାର୍ଷିକ ସର୍ପ ଦଂଶନ ଭାରତରେ ସର୍ବାଧିକ ବୋଲି ଜଣାପଡ଼ିଛି। ଲିଭରପୁଲ ସ୍କୁଲ ଅଫ ଟ୍ରପିକାଲ ମେଡିସିନର ବୈଜ୍ଞାନିକଙ୍କ ସୂଚନା ଅନୁସାରେ ବର୍ଷକୁ ପାଖାପାଖି ୨୧ରୁ ୭୦ ଲକ୍ଷ ଲୋକେ ସାପ କାମୁଡ଼ାର ଶିକାର ହୁଅନ୍ତି। ଏଥିରୁ କେବଳ ଭାରତରେ ୧୩ଲକ୍ଷ ଲୋକେ ଥିବା ଜଣାପଡ଼ିଛି। ଏହି ମାମଲାରେ ଭାରତ ପଛକୁ ରହିଛି ନାଇଜେରିଆ। ଏଠାରେ ବାର୍ଷିକ ୬ ଲକ୍ଷ ୬୬ ହଜାର ଲୋକେ ସାପ କାମୁଡ଼ାରେ ଆକ୍ରାନ୍ତ ହୁଅନ୍ତି। ଇଣ୍ଡୋନେସିଆରେ ବାର୍ଷିକ ୪,୯୦,୦୦୦ ଲୋକେ ସାପ କାମୁଡ଼ାର ଶିକାର ହେଉଥିବା ବେଳେ ଡିଆରସି କଙ୍ଗୋରେ ୪.୬୭ ହଜାର ମାମଲାର ଅଭିଯୋଗ ମିଳିଛି। ଏଥିରେ ନିମ୍ନଆୟକାରୀ ଦେଶମାନଙ୍କରେ ସାପ କାମୁଡ଼ା ମୃତ୍ୟୁ ହାର ସର୍ବାଧିକ ହେଉଥିବା ବେଳେ ଏଥିରେ ଉପସାହାରା ଆଫ୍ରିକାରେ ସାପ କାମୁଡ଼ା ଓ ଏଥି ପାଇଁ ହେଉଥିବା ମୃତ୍ୟୁ ମାମଲା ସର୍ବାଧିକ। ଏଠାରେ ସାପ କାମୁଡ଼ା ମୃତ୍ୟୁ ହାର ପାଖାପାଖି ୪୫% ବୋଲି ଜଣାପଡ଼ିଛି। ଦକ୍ଷିଣ ଏସିଆରେ ଦେଖା ଦେଉଥିବା ଘଟଣା ତୁଳନାରେ ଏହା ପାଖାପାଖି ୩ ଗୁଣା ଅଧିକ ହୋଇଥିବା ବେଳେ ଏହାର ପିଛିଲା ଅନୁମାନ ବହୁତ କମ୍ ଥିଲା ଓ ସଠିକ ନଥିଲା ବୋଲି କୁହାଯାଇଛି। ପିଏଲଓଏସ୍ ମେଡିସିନରେ ପ୍ରକାଶିତ (ପୃଷ୍ଠା ୭ରେ)

# ନଭେମ୍ବର ୨୪ରୁ ଐତିହାସିକ ବାଳିଯାତ୍ରା






**କଟକ, ୨୬।୮**
**ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ବୁଧବାର ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୬ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ ବୋଲି ବିଭାଗୀୟ ସମନ୍ୱୟ ବୈଠକରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ସହିତ ଆଲୋଚନା ମାଧ୍ୟମରେ କହିଛନ୍ତି। (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର ୨୭ ଅଗଷ୍ଟ ୨୦୨୬ ଗୁରୁବାର





# ରାସ୍ତାରେ ପଲ ପଲ ଗୋରୁଗାଈ: ଯାନ ଚଳାଚଳ ବାଧାପ୍ରାପ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ସହରରେ ଦିନକୁ ଦିନ ବଢ଼ି ଚାଲିଛି ବୁଲା ଗାଈଗୋରୁଙ୍କ ଆତଙ୍କ। ରାସ୍ତା କଡ଼ରେ ଓ ବିଭିନ୍ନ ଗଳିରେ ବୁଲୁଥିବା ଗାଈମାନେ ସନ୍ଧ୍ୟା ହେଲେ ମୁଖ୍ୟ ରାସ୍ତା ଉପରେ ଆସି ଡେରା ପକାଉଛନ୍ତି। ସାରାରାତି ରାସ୍ତା ଉପରେ ଗାଈମାନେ ଦଳଦଳ ହୋଇ ଶୋଇ ରହୁଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଛି। ବୌଦ୍ଧ ସଦର ମହକୁମାର ମର୍ଜାକୁଦ ବ୍ରିଜ୍ ଉପରେ , ବୁଟୁପାଲି, ନୂଆସାହି ସମେତ ସହରର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ସନ୍ଧ୍ୟା ସମୟରେ ଏକାଧିକ ଗାଈ ରାସ୍ତା ଉପରେ ଜମା ହୋଇ ରହୁଥିବା ବେଳେ ରାତିରେ ଏମାନଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଉଛି। ଫଳରେ ରାତିରେ ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କିଛି ଗାଈ ମାଲିକ ସକାଳୁ ଗାଈଙ୍କ କ୍ଷୀର ଦୁହିଁବା ପରେ ସେମାନଙ୍କୁ ଘରେ ନରଖି ଖୋଲାରେ ଛାଡ଼ି ଦେଉଛନ୍ତି । ଦିନସାରା ଗାଈମାନେ ଏଣେତେଣେ ଘୁରିବା ପରେ ସନ୍ଧ୍ୟା ହେଲେ ରାସ୍ତା ଉପରକୁ ଚାଲି ଆସୁଛନ୍ତି। ରାତିରେ ମଧ୍ୟ ସେମାନଙ୍କୁ ଘରକୁ ନିଆଯାଉ ନଥିବାରୁ ରାସ୍ତା ହିଁ ସେମାନଙ୍କର ଆଶ୍ରୟସ୍ଥଳ ପାଲଟିଛି। ବିଶେଷକରି ରାତି ସମୟରେ ଏହି ସମସ୍ୟା ଅଧିକ ଗମ୍ଭୀର ହେଉଛି। ରାସ୍ତା ଉପରେ ଶୋଇରହିଥିବା ଗାଈମାନେ ଅନ୍ଧାରରେ ଦୂରରୁ ସହଜରେ ଦେଖାଯାଉ ନଥିବାରୁ ହଠାତ୍ ଗାଈ ସାମ୍ନାକୁ ଆସିଲେ ଚାଳକମାନେ ବ୍ରେକ୍ ମାରିବା କିମ୍ବା ଗାଡ଼ିର ଦିଗ ବଦଳାଇବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ଥିତିରେ ଦୁଇଚକିଆ ଯାନ ଚାଳକମାନେ ଅଧିକ ବିପଦରେ ପଡୁଛନ୍ତି। ଗାଈକୁ ବାଡାଇବାକୁ ଯାଇ ଗାଡ଼ି ନିୟନ୍ତ୍ରଣ ହରାଇବାର ଆଶଙ୍କା ମଧ୍ୟ ରହୁଛି। କେବଳ ଯାନବାହନ ଚଳାଚଳ ନୁହେଁ, ରାସ୍ତା ଉପରେ ଗାଈଙ୍କ ଅବାଧ ଚଳାଚଳ ଯୋଗୁଁ ସହରର ସ୍ୱଚ୍ଛତା ମଧ୍ୟ ପ୍ରଭାବିତ ହେଉଛି। ରାସ୍ତା କଡ଼ରେ ପଡ଼ିଥିବା ଆବର୍ଜନା ଓ ଅବଶିଷ୍ଟ ଖାଦ୍ୟ ଖାଇବାପାଇଁ ଗାଈମାନେ ଏକାଠି ହେଉଛନ୍ତି। ଏହା ଫଳରେ ଆବର୍ଜନା ରାସ୍ତାରେ ବିଛାଡ଼ି ହୋଇ ପଡ଼ିବା ସହ ପରିବେଶ ମଧ୍ୟ ଅପରିଷ୍କାର ହେଉଛି। ସହରର ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛତା ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗାଈ ପାଳିବା ମାଲିକଙ୍କ ବ୍ୟକ୍ତିଗତ ଅଧିକାର ହୋଇଥିଲେ ମଧ୍ୟ ତାହାର ଦାୟିତ୍ୱ ମଧ୍ୟ ମାଲିକଙ୍କର। କ୍ଷୀର ଦୁହିଁବା ପରେ ଗାଈଙ୍କୁ ରାସ୍ତାରେ ଛାଡ଼ି ଦେବା ଏକ ସାଧାରଣ ଘଟଣା ହୋଇଗଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ଜରୁରୀ। ଗାଈମାନଙ୍କୁ ନିଜ ଗୁହାଳରେ ରଖିବାସହ ରାସ୍ତାରେ ଛାଡ଼ି ନଦେବା ପାଇଁ ମାଲିକମାନଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ସହରରେ ଏଭଳି ବୁଲା ଗାଈଙ୍କ ସମସ୍ୟାକୁ ନେଇ ପୌରପାଳିକା ପକ୍ଷରୁ ନିୟମିତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ରାସ୍ତାରେ ଗାଈ ଛାଡୁଥିବା ମାଲିକଙ୍କୁ ସଚେତନ କରିବାସହ ନିୟମ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଗଲେ ସମସ୍ୟା କିଛି ମାତ୍ରାରେ କମିପାରିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ଆଗାମୀ ଦିନରେ କୌଣସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ପୌରପାଳିକା ଓ ସମ୍ପୃକ୍ତ ଗାଈ ମାଲିକମାନେ ଏ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ। ରାସ୍ତା ଉପରେ ଗାଈଙ୍କ ଏହି ଅବାଧ ଚଳାଚଳ ଉପରେ ପୌରପାଳିକାର ଦୃଷ୍ଟି କେବେ ପଡ଼ିବ, ତାହା ଏବେ ଦେଖିବାକୁ ବାକିରହିଲା।

## କେନାଲ ରାସ୍ତାର ଶୋଚନୀୟ ଅବସ୍ଥା ପ୍ରଶାସନର ନୀରବତା ଯୋଗୁଁ ବଢୁଛି ବିପଦ

**ନୂଆପଡ, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ବିଜେପୁର ଛକ ଠାରୁ ମଡେଲ ଡିଗ୍ରୀ କଲେଜ ପର୍ଯ୍ୟନ୍ତ ଯାଇଥିବା ଖଡ଼ିଆଳ ଡିଷ୍ଟ୍ରିବ୍ୟୁଟାରୀ କେନାଲ ରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ଓ ବିପଦପୂର୍ଣ୍ଣ ଅବସ୍ଥାରେ। ରାସ୍ତାର ବିଭିନ୍ନ ସ୍ଥାନରେ ୧ରୁ ୨ ଫୁଟ୍ ପର୍ଯ୍ୟନ୍ତ ଗଭୀର ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ନିକଟସ୍ଥ ଏଫସିଆଇ ଗୋଦାମକୁ ପ୍ରତିଦିନ ଭାରୀ ଯାନବାହନ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଦିନକୁ ଦିନ ଅଧିକ ଦୟନୀୟ ହେବାରେ ଲାଗିଛି। ବିଭାଗୀୟ ଅଧିକାରୀମାନେ ସମୟ ସମୟରେ କେନାଲ ପରିଦର୍ଶନରେ ଆସୁଥିଲେ ମଧ୍ୟ ରାସ୍ତାର ଏଭଳି ଦୁରାବସ୍ଥା ପ୍ରତି ଦୃଷ୍ଟି ନଦେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକାଙ୍କ ସମେତ ସାଧାରଣ ଲୋକେ ଯାତାୟାତ କରୁଛନ୍ତି। ଖାଲଖମା ଯୋଗୁଁ ଦୁଇଚକିଆ ଯାନ ଚାଳକମାନେ ବିଶେଷ ଭାବେ ବିପଦରେ ପଡୁଥିବା ବେଳେ ଛୋଟବଡ଼ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ତୁରନ୍ତ ରାସ୍ତାର ମରାମତି ଓ ଆବଶ୍ୟକ ରକ୍ଷଣାବେକ୍ଷଣ କରିବାକୁ ଦାବି ହୋଇଛି। ଆଗାମୀ ଦିନରେ ରାସ୍ତାର ଦୁରାବସ୍ଥା ଯୋଗୁଁ କୌଣସି ବଡ଼ ଦୁର୍ଘଟଣା ଘଟିଲେ, ଏଥିପାଇଁ ସମ୍ପୃକ୍ତ କେନାଲ ବିଭାଗ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏନେଇ ଏନଏସି ଇଓ ସ୍ୱାଧୀତା କେତନ ମହାରଣାଙ୍କୁ ଯୋଗାଯୋଗ କରାଯିବାରୁ ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।

## ବିଧବା ମହିଳାଙ୍କୁ ବ୍ଲାକ୍‌ମେଲ : ଜଣେ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସଦର ପୋଲିସ ଜଣେ ୩୭ ବର୍ଷୀୟ ବ୍ୟକ୍ତିଙ୍କୁ ବ୍ଲାକମେଲ ଓ ଧମକ ଅଭିଯୋଗରେ ଗିରଫ କରିଛି।ଗିରଫ ଜଣକ ହେଲେ ଲକ୍ଷ୍ମୀକାନ୍ତ ସାହୁ ଓରଫ ପିଣ୍ଟୁ (୩୭) ପିତା ସ୍ୱର୍ଗତ କୋରା ସାହୁ। ତାଙ୍କ ଘର ରାଇଝୋଲରୋଡ, ଅଙ୍କୁଶପୁରରେ। ଅଭିଯୋଗକାରିଣୀ ଜଣେ ଅଣତିରିଶ ବର୍ଷୀୟ ବିଧବା ମହିଳା। ସେ ନିଜ ଛୋଟ ଝିଅକୁ ନିଜ ଦିଅର ଅଭିଯୁକ୍ତ ପାଖରେ ଯତ୍ନ ନେବାକୁ ଦେଇଥିଲେ। ଅଭିଯୁକ୍ତ ଫୋନରେ ତାଙ୍କୁ ବାରମ୍ବାର ଯୋଗାଯୋଗ କରି ଶାରୀରିକ ସମ୍ପର୍କ ପାଇଁ ଦାବି କରୁଥିଲା। ମନା କଲେ ତାଙ୍କର ବ୍ୟକ୍ତିଗତ ଫଟୋ ଅନଲାଇନରେ ଲିକ୍ କରିବ ଓ ଆତ୍ମହତ୍ୟା କରିବ ବୋଲି ଧମକ ଦେଉଥିଲା। ପୀଡିତାଙ୍କ ଲିଖିତ ଅଭିଯୋଗ ଆଧାରରେ ସଦର ଥାନାରେ ମାମଲା ନମ୍ବର ପାଞ୍ଚଶହ ତେୟାଳିଶ ରୁଜୁ ହୋଇଛି। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସେପ୍ଟେମ୍ବର ୬ରେ କୁଡୁମି ସେନାର କଳାଦିବସ

**ବାରିପଦା , ନ୍ୟୁଜ୍ ବ୍ୟୁରୋ**



କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ବିଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ଜୈମୁନି କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ ସବୁ ବର୍ଷ ପରି ଏବର୍ଷ ମଧ୍ୟ କଳା ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଠାରେ ସ୍ମରଣଯୋଗ୍ୟ ଯେ, ଗତ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଆଦିବାସୀ ବର୍ଗରୁ ବାଦ ଦିଆଯାଇଥିଲା। କୁଡୁମୀ ଜାତି ପ୍ରତି ହୋଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦରେ ସେପ୍ଟେମ୍ବର ୬ ତାରିଖକୁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ପଲ୍ଲୀରୁ ଦିଲ୍ଲୀର ଜନ୍ତର ମନ୍ତର ଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଆହ୍ୱାନ ଦେଇଛନ୍ତି ଏହି ଅବସରରେ ସେପ୍ଟେମ୍ବର ୫ ତାରିଖ ଦିନ ସନ୍ଧ୍ୟାରେ ବାରିପଦା ଠାରେ ମସାଲ ଶୋଭାଯାତ୍ରା ଏବଂ ସେପ୍ଟେମ୍ବର ୬ତାରିଖ ଦିନ ବାରିପଦା ମଧୁବନ ପଡିଆରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ଛଉ ପଡ଼ିଆ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହେବାର ଲକ୍ଷ୍ୟ ରଖାଯାଇଛି । ସେହିପରି ଏହି ଅବସରରେ ସେପ୍ଟେମ୍ବର ୬ତାରିଖରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଆସାମର କୁଡୁମୀ ଛାତ୍ର ସେନା ଏବଂ ସେନାର ମୁଖ୍ୟ ପ୍ରତିନିଧିମାନେ ନୂଆଦିଲ୍ଲୀ ଜନ୍ତର-ମନ୍ତର ଠାରେ ମାନେ ଏକତ୍ରିତ ହୋଇ ଗଣ ଧାରଣା ପ୍ରଦର୍ଶନ କରାଯିବାର ସ୍ଥିରୀକୃତ ହୋଇଛି । ଏହି ପରିପ୍ରେକ୍ଷୀରେ ବାରିପଦା ହୋଟେଲ ସ୍ୱସ୍ତିକ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୈମୁନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା ରେ ଏହି ବୈଠକ ରେ ବେଙ୍ଗଲ କୁଡୁମୀ ସମାଜର ସଭାପତି କୌଶିକ ବଂଶୀୟାର ଓ କୁଡୁମୀ ସେନାର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ ମହାନ୍ତ , ବିଶ୍ୱନାଥ ମହାନ୍ତ, ମାନଗୋବିନ୍ଦ ମହାନ୍ତ, ବିରେନ୍ଦ୍ର ମହାନ୍ତ, ଲୋକନାଥ ମହାନ୍ତ, କ୍ଷେତ୍ରମୋହନ ମହାନ୍ତ, ଚନ୍ଦ୍ର ଭାନୁ ମହାନ୍ତ କୁଡୁମୀ ଛାତ୍ର ସେନା ମୋନଜ ମହାନ୍ତ, ଲିପୁନ ମହାନ୍ତ, ଦେବବ୍ରତ ମହାନ୍ତ, ଯଶବନ୍ତ ମହାନ୍ତ, ତପନ ମହାନ୍ତ, ସମୀର ମହାନ୍ତ, ଶିବଶଙ୍କର ମହାନ୍ତ, କୁଡୁମୀ ମହିଳା ସେନାର ସୁଜାତା ମହାନ୍ତ, ସୌଭାଗ୍ୟ ମହାନ୍ତ, ଗୀତାଞ୍ଜଳି ମହାନ୍ତ, ଶାନ୍ତି ମହାନ୍ତ, ଅହଲ୍ୟା ମହାନ୍ତ ଓ କୁଡୁମୀ ସେନାର ପରାମର୍ଶଦାତା ଭାବେ ସୁବାସ ସାର , ପ୍ରେମଚାନ୍ଦ ସାର, ଲକ୍ଷ୍ମୀଧର ମହାନ୍ତ, ତୁଳସୀ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ ।

## କୋଟିଆରେ ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଣ ଉପରେ ଗୁରୁତ୍ୱ

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା କୋଟିଆ ଅଂଚଳର ଲୋକଙ୍କୁ ଗୁଣାତ୍ମକ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିରନ୍ତର ପଦକ୍ଷେପ ନିଆଯାଉଛି। ଦୁର୍ଗମ ଅଂଚଳର ଲୋକଙ୍କ ପାଖରେ ବିଶେଷଜ୍ଞ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ ପକ୍ଷରୁ କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତି ଶୁକ୍ରବାରରେ ପ୍ରସୂତି ଓ ସ୍ତ୍ରୀରୋଗ, ଶିଶୁରୋଗ ଏବଂ କମ୍ୟୁନିଟି ମେଡିସିନ୍ ବିଭାଗର ଜଣେ ଲେଖାଏଁ ବିଶେଷଜ୍ଞ ଡାକ୍ତରଙ୍କୁ ପଠାଯାଉଛି। ଏହା ଫଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସହିତ ଅନ୍ୟାନ୍ୟ ଆବଶ୍ୟକ ବିଶେଷଜ୍ଞ ସେବା କୋଟିଆ ଅଂଚଳରେ ହିଁ ଉପଲବ୍ଧ ହେଉଛି। ଚଳିତ ବର୍ଷ ୧୨ ଜୁନ୍‌ରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ୯ଟି ନିର୍ଦ୍ଧାରିତ ତାରିଖରେ ବିଶେଷଜ୍ଞ ଡାକ୍ତରଙ୍କ ଟିମ୍ କୋଟିଆ ଗସ୍ତ କରି ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି। ଏହା ସହିତ କମ୍ୟୁନିଟି ମେଡିସିନ୍ ବିଭାଗ ପକ୍ଷରୁ ରୋଗ ନିରୀକ୍ଷଣ ଓ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ବୟସ୍କ ଓ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟକ୍ରମ କରାଯାଉଛି। ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଦିଗରେ ମଧ୍ୟ ଲୋକଙ୍କୁ ନିରାପଦ ପାନୀୟ ଜଳର ବ୍ୟବହାର, ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଏବଂ ମଶାରି ବ୍ୟବହାର ସମ୍ପର୍କରେ ସଚେତନ କରାଯାଉଛି। ଏହା ଦ୍ୱାରା ମଶାବାହିତ ରୋଗ, ସଂକ୍ରାମକ ରୋଗ ଓ ଜୀବନଶୈଳୀଜନିତ ରୋଗର ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଉଛି। କୋଟିଆରେ ବିଶେଷଜ୍ଞ ଚିକିତ୍ସା ସେବା ସହ ପ୍ରତିଷେଧକ ଓ ସଚେତନତାଭିତ୍ତିକ ସ୍ୱାସ୍ଥ୍ୟସେବାର ସମନ୍ୱୟ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି। ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହେଉଛି ଦୁର୍ଗମତା ଯେପରି ସ୍ୱାସ୍ଥ୍ୟସେବା ପାଇବାରେ ବାଧକ ନହୁଏ, ସେଥିପାଇଁ ତୃଣମୂଳ ସ୍ତରରେ ନିୟମିତ ସ୍ୱାସ୍ଥ୍ୟସେବା, ବିଶେଷଜ୍ଞ ଚିକିତ୍ସା, ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିଷେଧକ ବ୍ୟବସ୍ଥାକୁ ଆହୁରି ମଜବୁତ କରାଯିବ।

## ବିଶିଷ୍ଟ ସମାଜସେବୀଙ୍କ ପରଲୋକ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ପ୍ରତିଷ୍ଠିତ ବ୍ୟବସାୟୀ ହାଜି ମିର୍ ରହେମତ ଅଲ୍ଲୀଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। କେନ୍ଦ୍ରାପଡା ସହର ସଂଲଗ୍ନ କପାଳେଶ୍ୱର ପଞ୍ଚାୟତ ଗରାପୁର ଗ୍ରାମର ୮ ରହେମତ ଅଲ୍ଲୀଙ୍କ ପରଲୋକର ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବ୍ଲକ ଉପସଭାପତି ପ୍ରତାପ ନାରାୟଣ ମହାପାତ୍ରଙ୍କ ସମେତ ଆଇନଜିବୀ, ବୃଦ୍ଧିଜିବୀ, ସମାଜସେବୀଙ୍କ ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଅବସ୍ଥାରେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ତାଙ୍କର ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣି ପ୍ରମୁଖ ଉପସ୍ଥିତ ଥିଲେ। ଗରାପୁର ସ୍ଥିତ ତାଙ୍କ ନିଜସ୍ୱ ଜାଗାରେ ତାଙ୍କୁ କବର ଦିଆଯାଇଥିଲା। ତାଙ୍କ ମୃତ୍ୟୁର ଖବର ଜଣାପଡିବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଅଧ୍ୟାପକଙ୍କୁ ରାଜୀବଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନ ପ୍ରଦାନ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧବ୍ଲକ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାବିଭାଗ ଅଧ୍ୟାପକ ତଥା ଯୁବ ରେଡକ୍ରସର ଉପଦେଷ୍ଟା ଅଶୋକ କୁମାର ପାଣ୍ଡିଆ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ରେଡକ୍ରସର ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପି.ସି.ସି ସଭାପତି ଭକ୍ତ ଚରଣ ଦାସ, ସମ୍ମାନୀତ ଅତିଥିଭାବେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଅଶୋକ ମହାପାତ୍ର, ବରିଷ୍ଠ କଂଗ୍ରେସନେତା ସୁର ରାଉତରାୟ, ସତ୍ୟବ୍ରତ ନାୟକ ଏବଂ ଅନ୍ୟ ଅତିଥିମାନେ ଯୋଗଦେଇ ଅଧ୍ୟାପକ ଶ୍ରୀ ପାଣ୍ଡିଆଙ୍କୁ ଟ୍ରଫି, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ବିଶିଷ୍ଟ ଶିକ୍ଷକ ନେତାଙ୍କ ପରଲୋକ ପ୍ରାଥମିକ ଶିକ୍ଷକ ସଂଘର ଶୋକ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ଶିକ୍ଷକ ନେତା ସ୍ୱର୍ଗତଃ ଅବନୀ କୁମାର ମହାନ୍ତିଙ୍କ ବିୟୋଗରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତଃ ମହାନ୍ତିଙ୍କ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ପ୍ରଦାନ କରିଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ପୂର୍ବତନ ମହାସଚୀବ ତଥା ଚିନ୍ତାମଣୀ ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସର ସମ୍ପାଦକ ଭ୍ରମରବର ରାଉତ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଭଞ୍ଜକିଶୋର ସ୍ୱାଇଁ, ଶିକ୍ଷକ ନେତା ସୁବୋଧ କୁମାର ପରିଡା, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ତଥା ମହାକାଳପଡା ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ବିଶ୍ୱଭୂଷଣ ମଲ୍ଲିକ, ମାର୍ଶାଘାଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରକାଶ କୁମାର ଷଡଙ୍ଗୀ, ପଟ୍ଟାମୁଣ୍ଡାଇର ଅରକ୍ଷିତ କୁମାର ସାହୁ, ଆଳିର ଅନନ୍ତ କୁମାର ଦାସ, ଉତ୍କଳ ସନ୍ତାନ ପୁରସ୍କାର ପ୍ରାପ୍ତ ଶିକ୍ଷକ ନେତା ସେକ୍ ମନସୁର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ଅବନୀ ମହାନ୍ତିଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କର ୩୮ ବର୍ଷ ଶିକ୍ଷକତା ସମୟରେ ତାଙ୍କର ଆଦର୍ଶ, ଜୀବନୀ ଏବଂ ପରୋପକାରୀ, ସରଳ ବିଶ୍ୱାସୀ ସମ୍ପର୍କରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ।

## ଗଞ୍ଜାମ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସୁବଳୟା ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହ ପରିସରରେ ଗଞ୍ଜାମ ବ୍ଲକ୍ ସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଅଷ୍ଟାଦଶ ବାର୍ଷିକ ଓ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଅଜୟ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ତ୍ରିପାଠୀ,ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା,ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ସଭାପତି ଡ଼ ଇନ୍ଦୁ ଭୂଷଣ ପଟ୍ଟନାୟକ , ଅବସରପ୍ରାପ୍ତ ଟ୍ରେଜରୀ ଅଫିସର ରଶ୍ମିରେଖା ତ୍ରିପାଠୀ, ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସି ଏଚ ସୁଧାକର ଓ ମହେଶ୍ୱର ବରାଡ ପ୍ରମୁଖ ଯୋଗ ଦେଇ ସଂଘ ପକ୍ଷରୁ ପୂଜ୍ୟ ପୂଜା ତଥା ମାଧ୍ୟମିକ ସ୍ତରର ମେଧାବୀ ଛାତ୍ରଛାତ୍ରୀଙ୍କୁ ଚଳିତ ବର୍ଷ ଓ ଏ ଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗଞ୍ଜାମ ବ୍ଲକ୍ ର ୫ ଜଣ ପ୍ରତିଭାଧର ଯଥା ପ୍ରତିଶ୍ରୁତି ପଲେଇ, ଚିନ୍ମୟୀ ତ୍ରିପାଠୀ ,ଜନକ କୁମାର ତରେଇ,ଖଗେଶ୍ୱର ବେହେରା,ଜ୍ୟୋତି କିରଣ ଗୌଡ଼ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଏମ୍ ଚନ୍ଦନ କୁମାର ସୁବୁଦ୍ଧି ,ବରିଷ୍ଠ ସଦସ୍ୟ ଗୋବିନ୍ଦ ବେହେରା ଓ ତ୍ରିନାଥ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ସଭାପତି ବାନାମ୍ବର ପଲେଇ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବାଳକୃଷ୍ଣ ମହାରଣା ସଂପାଦକୀୟ ବିବରଣୀ ପାଠ କରିଥିଲେ । ସଭାର ଅବ୍ୟବହିତ ପୂର୍ବରୁ ଆଦାନୀ ଫାଉଣ୍ଡେସନ, ଗୋପାଳପୁର ପୋର୍ଟ ଲିମିଟେଡ଼ ସହାୟତାରେ ଅନୁଷ୍ଠାନ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ରୋଗୀ ମାନଙ୍କୁ ମାଗଣା ଚଷମା ଓ ଔଷଧ ବିତରଣ କରାଯାଇଥିଲା । ଏତଦ୍ ବ୍ୟତୀତ ସଭାର ଅୟମାରମ୍ଭ ପୂର୍ବରୁ ଅନୁଷ୍ଠାନ ପରିସରରେ ଥିବା ମହାବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ତଥା ଦିବଂଗତ ବିଧାୟକ ଦୈତାରୀ ବେହେରାଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଯୁବ ରେଡ୍ କ୍ରସ ଛାତ୍ର ଛାତ୍ରୀଙ୍କ ମିଳିତ ସହଯୋଗରେ ଚାରା ରୋପଣ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଦିବଂଗତ ଶିକ୍ଷାବିତ୍ ଅପର୍ଣ୍ଣା ଚରଣ ବେହେରାଙ୍କ ସ୍ମୃତିରେ ତାଙ୍କ ପରିବାର ତରଫରୁ ପ୍ରଦତ୍ତ ଅର୍ଥରାଶିର ସୁଧରେ ଗଞ୍ଜାମ ବ୍ଲକ୍ ରେ ଗଢି ଉଠିଥିବା ମୋଟ ୨୫ ଟି ମାଧ୍ୟମିକ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ସ୍ୱରୂପ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।ଆଦାନୀ ଫାଉଣ୍ଡେସନ ସଂସ୍ଥାଙ୍କ ବଦାନ୍ୟତା କୁ ସମ୍ମାନ ଜଣାଇ ସଂସ୍ଥାର ପ୍ରତିନିଧି ଶ୍ରୀମତି ଜ୍ୟୋତି ରେଡିଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜ ସେବୀ ସୁଶାନ୍ତ ପାତ୍ରଙ୍କ ବଦାନ୍ୟତାରେ ପ୍ରସାଦ ସେବନ ବ୍ୟବସ୍ଥା ଆୟୋଜନ ହୋଇଥିଲା ।

## ଲାଞ୍ଚ ମାମଲାରେ ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୋଷୀ ସାବ୍ୟସ୍ତ : ୪ ବର୍ଷ କଠୋର କାରାଦଣ୍ଡ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୁର୍ନୀତି ବିରୋଧୀ ଅଭିଯାନରେ ଓଡ଼ିଶା ଭିଜିଲାନ୍ସକୁ ଏକ ବଡ଼ ସଫଳତା ମିଳିଛି। ବରଗଡ଼ ଜିଲ୍ଲା ପୁରେଣା ଗ୍ରାମ ପଂଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଛବିଳା ବରିହାଙ୍କୁ ଲାଂଚ ମାମଲାରେ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମଙ୍ଗଳବାର ଛବିଳା ବରିହାଙ୍କୁ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ କଠୋର କାରାଦଣ୍ଡ ଏବଂ ୨୦,୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦଣ୍ଡାଦେଶ ପରେ ଛବିଳା ବରିହାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଓଡ଼ିଶା ଭିଜିଲାନ୍ସର ସୂଚନା ଅନୁଯାୟୀ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର ଜଣେ ହିତାଧିକାରୀଙ୍କୁ ଯୋଜନାର ଶେଷ କିସ୍ତି ମଞ୍ଜୁର କରାଇଦେବା ପାଇଁ ଛବିଳା ବରିହା ୭,୦୦୦ ଟଙ୍କା ଲାଂଚ ଦାବି କରିଥିଲେ ଏବଂ ଗ୍ରହଣ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ଓଡ଼ିଶା ଭିଜିଲାନ୍ସ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହିତ ଧାରା ୧୩(୧)(ଡି) ଏବଂ ଧାରା ୭ ଅନୁଯାୟୀ ଛବିଳା ବରିହାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଛବିଳା ବରିହାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ସେ ଅବସରପ୍ରାପ୍ତ ହୋଇଥିବାରୁ ତାଙ୍କ ପେନସନ୍ ବନ୍ଦ କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ନେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ବ୍ରହ୍ମ କୁମାରୀ ପକ୍ଷରୁ ରକ୍ତ ଦାତାମାନେ ସମ୍ବର୍ଦ୍ଧିତ

**ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ**



ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ମୁଖ୍ୟ ପ୍ରଶାସିକା ସ୍ୱର୍ଗୀୟା ଦାଦି ପ୍ରକାଶ ମଣିଜିଙ୍କର ୧୯ ତମ ପୁଣ୍ୟ ତିଥି ସ୍ମୃତି ଦିବସ ପାଳନ ଅବସର ରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ସୋନପୁର ଶାଖା ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ସୋନପୁର ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୂପା ରଥ , ସମ୍ମାନୀତ ଅତିଥି ଭାବରେ ଡା.ଦୁର୍ଗା ଦତ୍ତ ଦାଶ ଓ ବଡ଼ ଭଉଣୀ ବି .କେ ଜୟଶ୍ରୀ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ସଭା କୁ ମନୋଜ ପଣ୍ଡା ପରିଚାଳନା କରିଥିବା ବେଳେ ଜଗନ୍ନାଥ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ। ୪୦ ଥର ରକ୍ତ ଦାନ କରିଥିବା ରକ୍ତ ଦାତା ତ୍ରିଲୋଚନ ପାଣିଗ୍ରାହୀ ଓ ୧୮ ଥର ରକ୍ତ ଦାନ କରିଥିବା ରକ୍ତ ଦାତା ଅଞ୍ଜଳୀ ପାଣିଗ୍ରାହୀ , ରକ୍ତ ଦାତା ମୋତି ଲାଲ୍ ମେହେର, ରାଜଶ୍ରୀ ଦାଶ, ସ୍ମରଣିକା ସ୍ୱାଇଁ, ରାଜୁ ମିଶ୍ର, ରଞ୍ଜିତ୍ ମେହେର, ପ୍ରମୁଖ ରକ୍ତ ଦାତା ଙ୍କୁ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଡା ସରୋଜ କୁମାର ପଟେଲ ଙ୍କ ତତ୍ତ୍ୱ ବଧାନ ରେ ରକ୍ତ କେନ୍ଦ୍ରର ଟେକ୍ନିଶିଆନ୍ ସୁରଭି ଲେଙ୍କା, ଡେଫୋଡିଲ୍ ପଧାନ, ଜଗତ ନାରାୟଣ ଦରୁଆନ, ଶୁଶାନ୍ତ ନାଏକ୍ ଙ୍କ ଦ୍ୱାରା ରକ୍ତ ସଂଗ୍ରହ କରା ଯାଇଥିଲା । ବ୍ରହ୍ମ କୁମାରୀ ଅନୁଷ୍ଠାନ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ଶିବିର ରେ ୨୧ ଜଣ ପୁରୁଷ ଓ ୫ ଜଣ ମହିଳା ରକ୍ତ ଦାନ କରିଥିଲେ ।

# ମାଗଣାରେ ୱାଇଫାଇ ସେବାରୁ ବଞ୍ଚିତ ବ୍ରହ୍ମପୁର ସହରବାସୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର: ସହରବାସୀଙ୍କୁ ମାଗଣା ୱାଇଫାଇ ସେବା ପ୍ରଦାନ କରିବାକୁ ଯାଇ ବ୍ରହ୍ମପୁର ମହାନଗର ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ କ୍ୱାର୍ଟର ବା ୩ ମାସର ୧୨ ଲକ୍ଷ ହିସାବରେ ବାର୍ଷିକ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା । ତେବେ ଏହି ସେବା ସମଗ୍ର ସହର ପାଇଁ ପରିବ୍ୟାପ୍ତ ନହୋଇ କେବଳ ହାତଗଣତି ତଥା କିଛି ପ୍ରମୁଖ ଅଞ୍ଚଳ ପାଇଁ ଉର୍ଦ୍ଦିଷ୍ଟ ଥିଲା । ବାର୍ଷିକ ଏତେ ପରିମାଣର ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଲୋକଙ୍କ ମଧ୍ୟରେ ଏନେଇ ସଚେତନତାର ଅଭାବ ଓ ସ୍ପିଡ୍ କମ୍ ଥିବା ଅଭିଯୋଗକୁ ନେଇ ଅନେକ ସମୟରେ କର୍ପୋରେସନ୍ ବୈଠକରେ ହୋ ହାଲ୍ଲା ମଧ୍ୟ ହୋଇଛି। ତେବେ ବିଏମ୍‌ସି ପକ୍ଷରୁ ସହରବାସୀଙ୍କ ପାଇଁ ଉର୍ଦ୍ଦିଷ୍ଟ ଏହି ମାଗଣା ସେବା ଗତ ମଇ ମାସରୁ ଅର୍ଥାତ୍ ଗତ ୩ ମାସ ଧରି ସମ୍ପୂର୍ଣ୍ଣ ବନ୍ଦ ଥିବା ଜଣାପଡ଼ିଛି । ହେଲେ ଏ ସମ୍ପର୍କରେ ଖୋଦ୍ ବିଏମ୍‌ସିର ଅନେକ ଜନ ପ୍ରତିନିଧି ଅନ୍ଧାରରେ ଥିବା ଓ ସେମାନଙ୍କ ନିକଟରେ କୌଣସି ତଥ୍ୟ ବା ସୂଚନା ନଥିବା କହିଛନ୍ତି । ଗତ ମଇ ମାସରୁ ଏହି ସେବା କେବଳ ବନ୍ଦ ହୋଇନାହିଁ ବରଂ ସହରର ବିଭିନ୍ନ ସ୍ଥାନରେ ଯଥା ନିଗମ କାର୍ଯ୍ୟାଳୟ ଠାରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛକ, ବିଜୁ ପଟ୍ଟନାୟକ ପାର୍କ, ରାମଲିଙ୍ଗମ୍ ପାର୍କ, ଅନ୍ନପୂର୍ଣ୍ଣା ବଜାର ଛକ, ଗିରିଜା ଛକ, ଟାଉନ୍ ହଲ୍ ଓ ସ୍ପୋର୍ଟସ ଏରିଆ ଆଦି ସ୍ଥାନରେ ଲାଗିଥିବା ବିଭିନ୍ନ ଯନ୍ତ୍ରପାତିକୁ ମଧ୍ୟ ବାହାର କରିଦିଆଯାଇଛି । ବର୍ତ୍ତମାନ ଓସୱାସ୍‌ରେ ଚାଲିଥିବା ଅନଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା କରି କେବଳ ବିଏମ୍‌ସି କାର୍ଯ୍ୟାଳୟରେ ଏହି ସେବା ଉପଲବ୍ଧ ଥିବା ଜଣାପଡ଼ିଛି। ସହରର ସମସ୍ତ ସ୍ଥାନରୁ ଯନ୍ତ୍ରପାତିକୁ କାଢ଼ି ଦିଆଯାଇଥିବା ବେଳେ ଏହି ସେବା ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ବିଏମ୍‌ସି ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ କିନ୍ତୁ ମାଗଣା ୱାଇଫାଇ ସେବା ଉପଲବ୍ଧ ନେଇ ପ୍ରଚାର ବୋର୍ଡ଼ ଲାଗିଥିବା ଦେଖିବାକୁ ମିଳୁଛି। ଫଳରେ ଲୋକଙ୍କ ସମେତ ନିର୍ବାଚନ ଜନପ୍ରତିନିଧିମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏନେଇ ବିଏମ୍‌ସି ଏମ୍‌ଆଇସି ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ବର୍ତ୍ତମାନ ଏହାର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି । ପୂର୍ବରୁ ଦୁଇ ଥର ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଏକକ ଟେଣ୍ଡର ଯୋଗୁଁ ତାହାକୁ ବାତିଲ କରିବାକୁ ପଡ଼ିଥିଲା। ବର୍ତ୍ତମାନ ଜେମ ବା କେନ୍ଦ୍ର ସରକାରଙ୍କ ଇ-ମାର୍କେଟ୍ ପ୍ଲେସ୍‌ରେ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ବର୍ତ୍ତମାନ ବିଏସ୍‌ଏନ୍‌ଏଲ୍ ଭଳି ସଂସ୍ଥା ସହିତ ବଲାଙ୍ଗିର ଓ ବ୍ରହ୍ମପୁରର ଦୁଇଟି ଘରୋଇ ସଂସ୍ଥା ଅଂଶଗ୍ରହଣ କରୁଥିବା ଜଣାପଡ଼ିଛି। ପୂର୍ବରୁ ଏହି ଟେଣ୍ଡରର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଥିବା ବେଳେ ବର୍ତ୍ତମାନ ଏହାର ମୂଲ୍ୟ ୭୦ ଲକ୍ଷକୁ ବୃଦ୍ଧି ପାଇଛି। ଏହି ଟେଣ୍ଡର ବର୍ତ୍ତମାନ ଇଭାଲ୍ୟୁସନ୍ ସ୍ତରରେ ଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଫାଇନାନ୍ସ ଓ ଶେଷରେ ରିଜର୍ଭ ଅକ୍ସନ୍ କରାଯାଇ ସବୁଠାରୁ କମ୍ ମୂଲ୍ୟ ଦେଇଥିବା ଆବେଦନକାରୀଙ୍କୁ ଟେଣ୍ଡର ଦିଆଯିବ।



# ଯାଜପୁର ଓ ଚଣ୍ଡୀଖୋଲରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟକର ଓ ଗୁଣବତ୍ତାପୂର୍ଣ୍ଣ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ଯାଜପୁର ଟାଉନ୍ ଏବଂ ଚଣ୍ଡୀଖୋଲ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏକ ବଡ଼ଧରଣର ଅଚାନକ୍ ଚଢ଼ଉ କରାଯାଇଛି । ଏହି ଯାଞ୍ଚ ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ନିମ୍ନମାନର ମନେହେଉଥିବା ପ୍ରାୟ ୧ କ୍ୱିଣ୍ଟାଲ (୧୦୦ କିଗ୍ରା) ଛେନା ଏବଂ ୬୦ କିଲୋଗ୍ରାମ ମିଠା ଜବତ କରାଯାଇ ତୁରନ୍ତ ନଷ୍ଟ କରାଯାଇଛି । ସୂଚନାଯୋଗ୍ୟ ଯେ, ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀ ଜୟ ପ୍ରକାଶ ସୋରେନ୍ ଏବଂ କେନ୍ଦୁଝରରୁ ଯାଜପୁର ପାଇଁ ବିଶେଷ ଭାବେ ନିୟୋଜିତ ହୋଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ଅନିଲ କୁମାର ରଣାଙ୍କ ମିଳିତ ନେତୃତ୍ୱରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରାଯାଇଥିଲା । ବିଭାଗୀୟ ଟିମ୍ ଯାଜପୁର ଟାଉନ୍ ଓ ଚଣ୍ଡୀଖୋଲର ବିଭିନ୍ନ ମିଠା ଦୋକାନ, ଖାଦ୍ୟ ବିକ୍ରି କେନ୍ଦ୍ର ସହ ବିଭିନ୍ନ ଅଞ୍ଚଳରୁ ଛେନା ଯୋଗାଣ କରୁଥିବା ଗାଡ଼ିଗୁଡ଼ିକୁ ଅଚାନକ ଅଟକାଇ କଡ଼ା ଯାଞ୍ଚ କରିଥିଲେ । ସନ୍ଦେହଜନକ ଖାଦ୍ୟ ଦ୍ରବ୍ୟଗୁଡ଼ିକର ନମୁନା (ସାମ୍ପୁଲ୍) ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ପାଇଁ ରାଜ୍ୟ ଖାଦ୍ୟ ପରୀକ୍ଷାଗାର (ଲାବୋରେଟରୀ)କୁ ପଠାଯାଇଛି । ଏଥିସହିତ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଥିବା ଅସାଧୁ ବ୍ୟବସାୟୀଙ୍କୁ କଡ଼ା ଚେତାବନୀ ନୋଟିସ୍ ଜାରି କରାଯାଇଛି । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ଏବଂ ନିମ୍ନମାନର ଓ ଭେଜାଲ୍ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଏହିପରି କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇଛି ।

# ୮୦ ଲିଟର ମଦ ଜବତ କଲା ପୋଲିସ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା ସୋନପୁର ରୋଡରେ ସ୍ଥାନୀୟ ପୋଲିସ ପାଟ୍ରୋଲିଂ କରିବା ସମୟରେ ଧରାପଡ଼ିଲା ବେଆଇନ୍ ମଦ ଚାଲାଣ କରୁଥିବା ଦୁଇ ବେପାରୀ । ଆଇ ଆଇ ସି ଟିକେଟାନ୍ଦ ବାହାବଳ ଖଟୁଆଙ୍କ ସୂଚନା ଅନୁଯାୟୀ ସନ୍ଧ୍ୟାରେ ରାଇଘର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ରାଇଘର ସୋନପୁର ରାସ୍ତାରେ ଏକ ବୋଲେରୋ ସି ଜି ଯୋଗେ ବିଅର ଚାଲାଣ ହେଉଥିଲା । ଗାଡ଼ିରେ ଥିବା ୮୦ ଲିଟର ବିଅର ଏବଂ ବୋଲେରୋ ଜବତ କରିବା ସହ ଦୁଇଜଣ ଧୀରେନ୍ଦ୍ର କୁମାର



ସିଂ, ପ୍ରକାଶ କୁମାର ସିଂ ଚାଲାଣ କାରୀଙ୍କୁ ପୋଲିସ ଗିରଫ କରି କେଶ ନମ୍ବର ୨୧୪/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ କରିଛନ୍ତି । ପାଟ୍ରୋଲିଂ ସମୟରେ ଏ ଏସ ଆଇ ମନୋରଞ୍ଜନ ମିଶ୍ର ଉପସ୍ଥିତ ଥିବା ଶ୍ରୀ ଖଟୁଆ ପ୍ରକାଶ କରିଛନ୍ତି ।

# ୫ ଦୋକାନରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ଖଟଖଟିଆ ଗାଁ ବସ୍‌ଷ୍ଟାଣ୍ଡ ଛକରେ ରାତିଅଧିଆ ଚୋରି ଘଟଣାକୁ ନେଇ ଚାଞ୍ଚଲ୍ୟ ପ୍ରକାଶ ପାଇଛି । ରାତିରେ ଦୁର୍ବୃତ୍ତମାନେ ଗୋଟିଏ କପଡ଼ା ଦୋକାନ ସମେତ ସମୁଦାୟ ୫ଟି ଦୋକାନରେ ପଶି ଚୋରି କରିଥିବା ସୂଚନା ମିଳିଛି । ଚୋରମାନେ ଦୋକାନରୁ ବିଭିନ୍ନ ସାମଗ୍ରୀ ଲୁଟି ନେବା ସହ, ୫ ହଜାର ଟଙ୍କା ଓ ଦୋକାନ ଭିତରେ ଥିବା ଅନ୍ୟାନ୍ୟ ଜିନିଷପତ୍ର ଫିଙ୍ଗାଫୋପଡା କରି ନଷ୍ଟ କରିଥିବା ଜଣାପଡ଼ିଛି । ସକାଳୁ ଦୋକାନ ଖୋଲିବା ପରେ ମାଲିକମାନେ ଚୋରି ଘଟଣା ସମ୍ପର୍କରେ ଜାଣିଥିଲେ । ଖବରପାଇ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୋକାନ ଗୁଡ଼ିକର ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଚିହ୍ନଟ କରି ଧରିବା ଦିଗରେ ପୋଲିସ ତଦନ୍ତ ଚଳାଇଛି । ଏକାସାଙ୍ଗରେ ୫ଟି ଦୋକାନରେ ଚୋରି ହେବା ଘଟଣାକୁ ନେଇ ଖଟଖଟିଆ ବସ୍‌ଷ୍ଟାଣ୍ଡ ଛକର ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ଅଞ୍ଚଳରେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ବଢ଼ାଇବା ସହ ଚୋରି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ଓଡ଼ିଶାରେ ଛତିଶଗଡ଼ ବନ ବିଭାଗର କାଠ ଜବତ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଛତିଶଗଡ଼ ବନ ବିଭାଗର ଚଢ଼ଉ । ରାଇଘର ବ୍ଲକ ଯୋଡ଼ିଙ୍ଗା ପଞ୍ଚାୟତର ଦାସପୁର ଡିଏନ୍‌କେ ଗ୍ରାମରେ ଚଢ଼ଉ କରି ବିପୁଳ ପରିମାଣର ଶାଗୁଆନ କାଠ ସହ କାଠ ତିଆରି ଆସବାବପତ୍ର ଜବତ କରିଛି ଛତିଶଗଡ଼ ବନ ବିଭାଗ । ଜବତ କାଠ ଓ ଆସବାବପତ୍ରର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ବୋଲି ବନ ବିଭାଗ ସୂଚନା ଦେଇଛି । ଘଟଣାରେ ଦୁଇ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନେ ଫେରାର୍ ଥିବା ଜଣାପଡ଼ିଛି । ରାଇଘର ବ୍ଲକର ଓଡ଼ିଶା–ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ବେଆଇନ୍ ଶାଗୁଆନ କାଠ କାରବାର ନେଇ ଚଢ଼ଉ ଜାରି ରହିଛି । ଏହି କ୍ରମରେ ଯୋଡ଼ିଙ୍ଗା ପଞ୍ଚାୟତର ଦାସପୁର ଡିଏନକେ ଗ୍ରାମରେ ଛତିଶଗଡ଼ର ଗାରିଆବନ୍ଦ ବନ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଥିଲା । ଗାରିଆବନ୍ଦ ଡିଏଫଓ ବରୁଣ ଜୈନଙ୍କ ନେତୃତ୍ୱରେ ବନ ବିଭାଗର ଟିମ୍ ଚଢ଼ଉ କରି ବହୁ ପରିମାଣର ଶାଗୁଆନ କାଠ ସହ କାଠରେ ତିଆରି ବିଭିନ୍ନ ଆସବାବପତ୍ର ଜବତ କରିଥିଲେ । ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ, ଛତିଶଗଡ଼ ସୀମାନ୍ତ ଜଙ୍ଗଲରୁ ଶାଗୁଆନ କାଠ ଆଣି ରାଇଘର ଅଞ୍ଚଳରେ ବ୍ୟବସାୟ ହେଉଥିବା ନେଇ ଗାରିଆବନ୍ଦ ବନ ବିଭାଗକୁ ସୂଚନା ମିଳିଥିଲା । ଏହାପରେ ଯୋଜନାବଦ୍ଧ ଭାବେ ଏହି ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ରାଇଘର ବନ ବିଭାଗ ପକ୍ଷରୁ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା । ଘଟଣାରେ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ସେମାନେ ଫେରାର୍ ଥିବା ଜଣାପଡ଼ିଛି । ଜବତ କାଠ ଓ ଆସବାବ ପତ୍ରକୁ ନେଇ ତଦନ୍ତ ସହ ଆଇନ୍‌ଗତ ପ୍ରକ୍ରିୟା ଜାରି ରହିଛି । ତେବେ ଓଡ଼ିଶା ସୀମା ଭିତରେ ବାରମ୍ବାର ଛତିଶଗଡ଼ ବନ ବିଭାଗ ପକ୍ଷରୁ ବେଆଇନ୍ କାଠ କାରବାର ଉପରେ ଚଢ଼ଉ ହେଉଥିବା ଘଟଣା ରାଇଘର ବନ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି । ସ୍ଥାନୀୟ ଅଞ୍ଚଳରେ ବେଆଇନ୍ କାଠ କାରବାର ଉପରେ ଓଡ଼ିଶା ବନ ବିଭାଗ କେବେ କଡ଼ା ପଦକ୍ଷେପ ନେଉଛି, ତାହା ଉପରେ ଏବେ ରହିଛି ନଜର ।

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

୬୦ ଗ୍ରାମ୍‌ର ହେରୋଇନ୍ ସହ ୧୦ ହଜାର ଟଙ୍କା ଓ ୨ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ । ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ୍ ଡ୍ରାଇଭ ଚାଲିଥିବା ବେଳେ ୨୫ ତାରିଖ ମଙ୍ଗଳବାର ଦିନ ପାରାଦ୍ୱୀପ ଏବଂ ବିରିଡି ଥାନା ଅଞ୍ଚଳରେ ଚଢଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ । ବିରିଡି ଥାନା ଅନ୍ତର୍ଗତ ସରେଇକଣା ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନ୍‌ସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ଖିତୀଶ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ଓ ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇଙ୍କ ସହଯୋଗରେ ଏକ ଟିମ୍ ଚଢଉ କରିଥିଲେ । ଅଭିଯୁକ୍ତ ମହିଳା ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ସରେଇକଣା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ନିକଟରୁ କାବୁ



କରିନେଇଥିଲେ । ଯାଞ୍ଚ ପରେ ତାଙ୍କ ନିକଟରୁ ୬୦ ଗ୍ରାମ୍‌ର ବେଆଇନ୍ ହେରୋଇନ ଏବଂ ହେରୋଇନ ବ୍ୟବସାୟ ସହ ଜଡିତ ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ସରାଇକଣା ଗ୍ରାମର ରସାନନ୍ଦ ସ୍ୱାଇଁଙ୍କ ସ୍ତ୍ରୀ ରତ୍ନାମଣୀ ସ୍ୱାଇଁ (୫୭) । ଜବତ ହେରୋଇନର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବାର ପ୍ରକାଶ କରିଛନ୍ତି ଜଗତସିଂହପୁର ରେଞ୍ଜ ଇନ୍ସପେକ୍ଟର ଖିତୀଶ ଦାସ । ଅଭିଯୁକ୍ତଙ୍କୁ ଜଗତସିଂହପୁର ଅବକାରୀ ରେଞ୍ଜ କେସ୍ ନଂ ୩୮ ୨୦୨୬-୨୭ରେ ଗିରଫ କରାଯାଇ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି । ସେହିପରି ଅନ୍ୟ ଏକ ଘଟଣାକ୍ରମ ପାରାଦ୍ୱୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଓ ପାରାଦ୍ୱୀପ ଅବକାରୀ ଥାନା ସବ୍‌ଇନ୍ସପେକ୍ଟର ଧର୍ମପଦ ଦାସଙ୍କ ସହଯୋଗରେ ଏକ ଟିମ୍ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦ୍ୱୀପଗଡରେ ଚଢଉ କରି ୨ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡିତ ଥିବା ପାରାଦ୍ୱୀପଗଡର ସ୍ୱର୍ଗତ ଇନ୍ଦ୍ରମଣି ମଲ୍ଲିକଙ୍କ ପୁଅ ଲୋକନାଥ ମଲ୍ଲିକ (୩୧)ଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୨,୦୦୦ ଟଙ୍କା ହେବାର ପାରାଦ୍ୱୀପ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି । ଗିରଫ ଅଭିଯୁକ୍ତଙ୍କୁ ପାରାଦ୍ୱୀପ ଅବକାରୀ ରେଞ୍ଜ କେସ୍ ନଂ ୩୪ ୨୦୨୬-୨୭ରେ ସଂଯୁକ୍ତ କରାଯାଇ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୁଜଙ୍ଗଙ୍କ ଅଦାଲତକୁ ଚାଲଣ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଏହି ଚଢଉରେ ଜଗତସିଂହପୁର ଅବକାରୀ ରେଞ୍ଜର କନଷ୍ଟେବଳ ଅନୁରାଗ ସୂର୍ଯ୍ୟବଂଶୀ, ସବିତା ନାୟକ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କନଷ୍ଟେବଳ ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ, ଶୁଭଶ୍ରୀ ବିଶ୍ୱାଳ ପାରାଦୀପ ଅବକାରୀ ରେଞ୍ଜର ଏ ଏସ୍ ଆଇ ଗୟାଧର ସେଠୀ, କନଷ୍ଟେବଳ ଜୟଦେବ ପାତ୍ର, ସନ୍ତୋଷୀ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

# ପାଟରଙ୍ଗାରେ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କଲା ଜିନ୍ଦଲ୍ ଷ୍ଟେନ୍‌ଲେସ୍

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁବିଧା ବୃଦ୍ଧି ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି, ଜିନ୍ଦଲ ଷ୍ଟେନଲେସ୍‌ର CSR ବିଭାଗ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ ପକ୍ଷରୁ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ପାଟରଙ୍ଗା ଓ ଏହାର ଆଖପାଖ ଅଞ୍ଚଳର ୩୧୪ ଜଣ ଲୋକ ନିଃଶୁଳ୍କ ଚିକିତ୍ସା ପରାମର୍ଶ ଏବଂ ସ୍ୱାସ୍ଥ୍ୟସେବାର ସୁବିଧା ପାଇଥିଲେ । ଶିବିରରେ ଅଭିଜ୍ଞ ଚିକିତ୍ସକମାନଙ୍କ ଏକ ଦଳ ଯୋଗଦେଇ ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରେ ଡା. ଦେବପ୍ରିୟ ସାରଙ୍ଗୀ (ସାଧାରଣ ଚିକିତ୍ସା), ଡା. ଉତ୍ପଳା କ୍ଷୀରାୟ (ସ୍ତ୍ରୀ ଓ ପ୍ରସୂତି ରୋଗ), ଡା. ତନ୍ମୟ କୁମାର ପାତ୍ର (ଶିଶୁରୋଗ) ଏବଂ ଡା. ଅନ୍ତରୀକ୍ଷ ମିଶ୍ର (ମଧୁମେହ ବିଶେଷଜ୍ଞ) ପ୍ରମୁଖ ଅଛନ୍ତି । ଏହା ସହିତ, ଭୁବନେଶ୍ୱର ସ୍ଥିତ କ୍ୟୁରବେ ପକ୍ଷରୁ ନିୟୋଜିତ ପାରାମେଡିକାଲ କର୍ମଚାରୀମାନେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ରକ୍ତ ପରୀକ୍ଷା, ରକ୍ତଚାପ ମାପନ ଏବଂ



ମଧୁମେହ ପରୀକ୍ଷା ସାମିଲ ଥିଲା । ପରୀକ୍ଷା ଫଳାଫଳ ଆଧାରରେ ଡାକ୍ତରମାନେ ଆବଶ୍ୟକ ପରାମର୍ଶ ଦେବାସହ ରୋଗୀ ମାନଙ୍କୁ ନିଃଶୁଳ୍କ ଔଷଧ ମଧ୍ୟ ପ୍ରଦାନ କରିଥିଲେ । ସମୁଦାୟର ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି କମ୍ପାନୀର ପ୍ରତିବଦ୍ଧତା ବିଷୟରେ ମତରଖି ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, 'ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ପହଞ୍ଚ ଏବେ ମଧ୍ୟ ଏକ ବଡ଼ ଆବଶ୍ୟକତା । ଏଭଳି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଆମେ ବିଶେଷଜ୍ଞ ଚିକିତ୍ସା ସେବାକୁ ଲୋକଙ୍କ ନିକଟତର କରି ସ୍ୱାସ୍ଥ୍ୟ ସେବାର ଅଭାବକୁ ଦୂର କରିବାକୁ ଚେଷ୍ଟା କରୁଛୁ । ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ଆମ ଆଖ ପାଖର ସମୁଦାୟମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରିବାପାଇଁ ସ୍ଥାୟୀ ଏବଂ ଅର୍ଥପୂର୍ଣ୍ଣ ପଦକ୍ଷେପ ଜାରି ରହିବ ।' ଏହି ଶିବିରକୁ ପାଟରଙ୍ଗା ଗ୍ରାମପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଦାସ ଉଦ୍ଘାଟନ କରିଥିଲେ । ସେ ସ୍ଥାନୀୟ ଲୋକଙ୍କ କଲ୍ୟାଣ ନିମନ୍ତେ ଏଭଳି ଉଦ୍ୟମ ଗ୍ରହଣ କରିଥିବାରୁ ଜିନ୍ଦଲ ଷ୍ଟେନଲେସ୍‌ର ପ୍ରଶଂସା କରିଥିଲେ । ନିଜ CSR କାର୍ଯ୍ୟକ୍ରମର ଅଂଶ ଭାବେ, ଜିନ୍ଦଲ ଷ୍ଟେନଲେସ୍ ହୁଡ଼ିସାହି, ଦାନଗଦୀ ସ୍ଥିତ ଏହାର ସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ଆଖପାଖର ୧୫ଟି ଗ୍ରାମକୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି । ଏହାସହ ମୋବାଇଲ୍ ହେଲ୍ଥ କେୟାର ୟୁନିଟ୍ ମାଧ୍ୟମରେ ଦୂରଦୂରାନ୍ତର ଅଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟସେବା ପହଞ୍ଚାଯାଉଛି । ବର୍ଷସାରା ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି । ଏହା ପୂର୍ବରୁ ସୁକିନ୍ଦା ବ୍ଲକର ବାମ୍ପିଲୋ ଏବଂ ଦାମୋଦରପୁର ଗ୍ରାମରେ ଅନୁରୂପ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା, ଯାହାଦ୍ୱାରା ପ୍ରାୟ ୭୦୦ ଜଣ ଗ୍ରାମବାସୀ ଉପକୃତ ହୋଇଥିଲେ । ନିୟମିତ ସ୍ୱାସ୍ଥ୍ୟ ଶିବିର, ସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ମୋବାଇଲ୍ ହେଲ୍ଥ କେୟାର ୟୁନିଟ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ନିଜ ଆଖପାଖର ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଏବଂ ଗୁଣାତ୍ମକ ଚିକିତ୍ସାସେବା ପହଞ୍ଚାଇବା ଦିଗରେ ନିରନ୍ତର କାର୍ଯ୍ୟ କରିଚାଲିଛି । ଏହି ଶିବିରର ସଫଳ ପରିଚାଳନା ପାଇଁ ଜିନ୍ଦଲ ଷ୍ଟେନଲେସ୍‌ର CSR ବିଭାଗର ମୁଖ୍ୟ ସୁକାନ୍ତ କୁମାର ରଥ, ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ, ସହପ୍ରବନ୍ଧକ ରାମେଶ୍ୱର ତ୍ରିପାଠୀ ଏବଂ CSR ବିଭାଗର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ ।

# ଯୁବକଙ୍କ ଝୁଲନ୍ତା ଗଳିତ କଙ୍କାଳ ଉଦ୍ଧାର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ପୋଲିସ ଏକ ପରିତ୍ୟକ୍ତ ଘରୁ ବେକରେ ଦଉଡ଼ି ଦେଇ ଝୁଲିଥିବା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ କଙ୍କାଳ ଉଦ୍ଧାର କରିଛି । କଙ୍କାଳଟି ଗୋଡିସାହି ଗ୍ରାମର ପଦିଆ ନାଏକଙ୍କର ବୋଲି ଜଣାଯାଇଛି । ପଦିଆ ନାଏକଙ୍କ ବାପା ଟୁକୁନା ନାଏକ ପୁଅର କଙ୍କାଳକୁ ଚିହ୍ନଟ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ପଦିଆ ନାଏକ ଗତ ମାସ ୨୮ ତାରିଖରୁ ନିଖୋଜ ଥିଲେ । ତେବେ ସେ କାହିଁକି ଆତ୍ମହତ୍ୟା କଲେ କି ତାଙ୍କୁ କେହି ହତ୍ୟା କରିଛି, ତାହା ସ୍ପଷ୍ଟ ହୋଇନାହିଁକି । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଟିଏମ୍ ଉଦ୍ଘାଟନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ନୂତନ ଏଟିଏମ୍‌ର ଶୁଭାରମ୍ଭ ହୋଇଯାଇଛି । ରୋଗୀ, ଡାକ୍ତର ତଥା କର୍ମଚାରୀଙ୍କ ସୁବିଧା ପାଇଁ ଜିଲ୍ଲାପାଳଙ୍କ ଉଦ୍ୟମ ତଥା ପରାମର୍ଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିସରରେ ଏହି ଏଟିଏମ୍‌ର ଶୁଭାରମ୍ଭ ହୋଇଛି । ଏହାକୁ ଜିଲ୍ଲାପାଳ ନୃପରାଜ ସାହୁ ଉଦ୍‌ଘାଟନ କରିଥିବା ବେଳେ ଏସବିଆଇର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀକାନ୍ତ ସାହୁ, ଏଲ୍‌ଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା, ସୋନପୁର ଶାଖା ଚିଫ୍ ମ୍ୟାନେଜର ଲକ୍ଷ୍ମଣ ମାଝୀ ଓ ବ୍ୟାଙ୍କ ଅଧିକାରୀ ଏବଂ ସିଡିଏମ୍‌ଓ ଉଷାରାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଚିକିତ୍ସାଳୟ ପାଖରେ ପୂର୍ବରୁ କୌଣସି ଏଟିଏମ୍ ସୁବିଧା ନଥିବା ବେଳେ ଏହାଦ୍ୱାରା ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଏଟିଏମ୍‌ରୁ ସହଜରେ ଟଙ୍କା ଉଠାଣ କରିପାରିବେ ଏବଂ ଲୋକମାନଙ୍କ ଅସୁବିଧା ଦୂର ହେବ ।



# ଅଫ୍‌ଲାଇନ୍‌ରେ ହେଉ ନିଯୁକ୍ତି ପରୀକ୍ଷା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭଗବାନଙ୍କ ଭରଷାରେ ଚାକିରୀ ଆଶାୟୀ । ନିଯୁକ୍ତି ପାଇଁ ପରୀକ୍ଷା ଦେଉଛନ୍ତି ମାତ୍ର ମେଧା ଭିତ୍ତିରେ ଚୟନ ହେଉ ନାହାଁନ୍ତି । ଅନ୍‌ଲାଇନ୍‌ରେ ହେଉଥିବା ପରୀକ୍ଷା ଓ ନର୍ମାଲାଇଜେସନ୍ ପ୍ରକ୍ରିୟା ସେମାନଙ୍କୁ ନିରାଶ କରୁଛି । ଏଣୁ ସମସ୍ତ ନିଯୁକ୍ତି ପରୀକ୍ଷା ଅଫ୍‌ଲାଇନ୍‌ରେ ଗୋଟିଏ ଦିନରେ ହେଉ ବୋଲି ଆଶାୟୀମାନେ ଦାବି କରିଛନ୍ତି । ଅପରପକ୍ଷରେ ଅଧିକ ସ୍ୱଚ୍ଛତାର ସହ ପରୀକ୍ଷା ହେଉଥିବା ଦାବି କରି ଗୋଟିଏ ପରେ ଗୋଟିଏ ପରୀକ୍ଷାକୁ ଅନ୍‌ଲାଇନ୍‌ରେ କରିବାକୁ ସରକାର ଯୋଜନା କରୁଛନ୍ତି । ଫଳରେ ନର୍ମାଲାଇଜେସନ୍ ପ୍ରକ୍ରିୟାକୁ ନେଇ ବଡ ବିତର୍କ ସୃଷ୍ଟି ହୋଇଛି । ଅନ୍‌ଲାଇନ୍‌ରେ ମାସାଧିକ କାଳ ପରୀକ୍ଷା ହେଉଛି । ସମସ୍ତ ସିଫ୍ଟ ପାଇଁ ଭିନ୍ନଭିନ୍ନ ପ୍ରଶ୍ନ ରହୁଛି । ପିଲାଙ୍କ ମାର୍କ ମଧ୍ୟରେ ସମନ୍ୱୟ ଆଣିବା ପାଇଁ ନର୍ମାଲାଇଜେସନ୍ ପ୍ରକ୍ରିୟା କରାଯାଇଛି । ସିଫ୍ଟର ସର୍ବାଧିକ ଓ ସର୍ବନିମ୍ନ ମାର୍କକୁ ଆଧାର କରି ଏହି ମୂଲ୍ୟାଙ୍କନ କରାଯାଉଥିବାରୁ ମେଧାବୀ ପିଲାମାନେ ନ୍ୟାୟ ପାଇପାରୁ ନଥିବା ଅଭିଯୋଗ ହୋଇଛି । ଗୋଟିଏ ସହଜ ପ୍ରଶ୍ନ ପଡିଥିବା ସିଫ୍ଟରେ ସର୍ବୋଚ୍ଚ ମାର୍କ ବହୁ ଅଧିକ ଯାଉଛି । ସେହିପରି କଷ୍ଟସାଧ୍ୟ ପ୍ରଶ୍ନ ଥିବା ସିଫ୍ଟରେ ସର୍ବୋଚ୍ଚ ମାର୍କ କମ୍ ରହୁଛି । ଉଭୟକୁ ତୁଳନା କଲେ ସହଜ ସିଫ୍ଟ ପରୀକ୍ଷାର୍ଥୀ ମାର୍କ କମୁଥିବାବେଳେ କଷ୍ଟସାଧ୍ୟ ସିଫ୍ଟ ପିଲାଙ୍କ ନର୍ମାଲାଇଜେସନ ମାର୍କ ବଢୁଛି । ଜଣେ ମେଧାବୀ ପିଲା ବର୍ଷସାରା ପରିଶ୍ରମ କରି ପରୀକ୍ଷା ଦେବାକୁ ଯାଉଥିବାବେଳେ ସହଜ ସିଫ୍ଟ ପଡିଲେ ଚାକିରି ପାଇବା ଏକ ପ୍ରକାର କଷ୍ଟସାଧ୍ୟ ହୋଇପଡୁଛି । ଫଳରେ ଚାକିରି ଆଶାରେ ପରୀକ୍ଷା ଦେବାକୁ ଯାଉଥିବା ପିଲାମାନେ ଭଗବାନଙ୍କ ଭରଷାରେ ରହୁଛନ୍ତି । ଏହି ପ୍ରକ୍ରିୟାରେ ପରୀକ୍ଷାର୍ଥୀମାନେ ନିର୍ଯ୍ୟାତିତ ହେଉଥିବାବେଳେ ଗୋଟିଏ ଦିନରେ ପରୀକ୍ଷା କରିବାକୁ ଦାବି କରିଛନ୍ତି । ଅନଲାଇନରେ ଗୋଟିଏ ଦିନରେ ପରୀକ୍ଷା କରିବାକୁ ପର୍ଯ୍ୟାପ୍ତ ଭିତ୍ତିଭୂମୀ ନଥିବାରୁ ଅଫଲାଇନ ମାଧ୍ୟମରେ ସମସ୍ତ ନିଯୁକ୍ତି ପରୀକ୍ଷା କରିବାକୁ ଦାବି କରୁଛନ୍ତି । ସମସ୍ତ ବପରୀକ୍ଷାର୍ଥୀ ସମାନ ପ୍ରଶ୍ନ ପତ୍ରରେ ପରୀକ୍ଷା ଦେଲେ ସମାନତା ବଜାୟ ରହିବ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୦ / ୧୧ମ | ୯ | ଶୁ୮ / ୭ରା |
| ୧୨ବୃ | ୨୩ / ୧୦ | ଚ୬ |
| ଲରବୁକେ / ୨ଶୁ | ୩ | ୫ / ୪ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୦୮।୨୦୨୬, ଭାଦ୍ରବ ଦ୧୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୩୧।୦୩ ଚନ୍ଦ୍ରୋଦୟ- ସଂଘ ୫।୩୯।୦୨**

ଚତୁର୍ଦ୍ଦଶୀ ଦିଘ ୯।୧୧ ପର୍ଯ୍ୟନ୍ତ, ଧନିଷ୍ଠା ନକ୍ଷତ୍ର ରାଘ ୨।୧୫ ପର୍ଯ୍ୟନ୍ତ । ମକର ଚନ୍ଦ୍ର ଦିଘ ୧।୩୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । ଦିଘ ୧।୩୪ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । ଦିଘ ୯।୧୧ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୯।୧୧ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଦିଘ ୭।୧୫ ମଧ୍ୟେ ଦିଘ ୧୦।୩୫ ଗତେ ଦିଘ ୧।୦୫ ମଧ୍ୟେ । **ପର୍ବୋତ୍ସବ-** ରକ୍ଷା ବନ୍ଧନ, ଗହ୍ମା ପୂର୍ଣ୍ଣିମା, ଗହ୍ମା ପର୍ବ, ବଳଭଦ୍ର ଦେବଙ୍କର ଜନ୍ମୋତ୍ସବ, ଶରଣଂ ।



**ମେଷ:** କର୍ମକ୍ଷେତ୍ରରେ କମ୍ ପରିଶ୍ରମ କରିବେ । ଅନ୍ୟମାନଙ୍କ ଠାରୁ ନିନ୍ଦା ପାଇବେ । ଧନହାନୀ ଯୋଗ ରହିଛି । ରୋଜଗାର ଅପରିବର୍ତ୍ତିତ ରହିବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ଦେହ ଭଲ ରହିବ ।



**ବୃଷ:** ପାରିବାରିକ ଅବସ୍ଥା ଭଲ ରହିବନାହିଁ । ବେପରୁଆ କାର୍ଯ୍ୟ କରି କର୍ମକ୍ଷେତ୍ରରେ ସମାଲୋଚିତ ହେବେ । ଅନିଚ୍ଛା ସତ୍ତ୍ୱେ କର୍ମକ୍ଷେତ୍ରକୁ ଯିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** କଥାବାର୍ତ୍ତା ଦ୍ୱାରା ସବୁରି ପ୍ରିୟପାତ୍ର ହେବେ । ପାରିବାରିକ ଜଞ୍ଜାଳ ବଢ଼ିବ । କର୍ମ ପ୍ରାପ୍ତିରେ ବିଳମ୍ବ ଘଟିପାରେ । ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେବେ । ଆୟ ସ୍ଥିର ରହିବ । ଦେହ ଓ ମନ ଭଲ ରହିବ ।



**କର୍କଟ:** ଆପଣଙ୍କର ମନୋଭିଳାଷ ପୂର୍ଣ୍ଣ ହେଲେ ମଧ୍ୟ କୌଣସି କାରଣରୁ ମନରେ କ୍ରୋଧ ଆସିବ । କିଛି କାରଣ ପାଇଁ ପରିବାର ଓ ସହଯୋଗୀଙ୍କ ପାଇଁ ବିଚଳିତ ହେବେ । ଅଯଥା ଖର୍ଚ୍ଚାନ୍ତ ହେବାର ସମ୍ଭାବନା ।



**ସିଂହ:** କଥାବାର୍ତ୍ତାରେ ସଂଯମତା ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । ମାନ ଓ ସମ୍ମାନରେ ଆଞ୍ଚ ଆସିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ରୋଜଗାରର ପରିମାଣ ବଢ଼ିବ । ମନ ଭଲ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀ ହେବେ । ଅସହଯୋଗ ଯୋଗୁ ବିରକ୍ତି ଲାଗିବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । କୁଟୁମ୍ବେ ଅଶାନ୍ତି । ଅପରାହ୍ଣ ଠାରୁ ଆନନ୍ଦ ଲାଗି ରହିବ । ମନ ଅସ୍ଥିର ରହିବ ।



**ତୁଳା:** ପରିଶ୍ରମ ଅନୁସାରେ ଫଳ ପାଇବେ । ପୁରୁଣା କାର୍ଯ୍ୟ ସମାଧାନ ହେବ । ମନ ଭଲ ରହିବ । ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ ହେବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ ।



**ବିଛା:** କେତେକ କାର୍ଯ୍ୟ ମନକୁ ଓଜନିଆ କରିବ । ସତର୍କ ନହେଲେ ବୃଥା ଅପମାନିତ ହୋଇପାରନ୍ତି । ଆଳସ୍ୟ ପରିହାର କରିବା ଉଚିତ୍ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ଧନୁ:** ଆଜି ଆପଣଙ୍କର ସମସ୍ତ ମନକାମନା ପୂର୍ଣ୍ଣ ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗରୁ ଘରେ ପରାମର୍ଶ କଲେ ଉଚ୍ଚ ଆଶା ସଫଳ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଭ୍ରମଣ ଯୋଗ ରହିଛି ।



**ମକର:** ଶତ୍ରୁ ବଢ଼ିବ । ନିଜ ଲୋକ ବିପରୀତ ବ୍ୟବହାର କରିବେ । ଆପଣଙ୍କ ଉନ୍ନତି ପଥରେ ବାଧା ଉପୁଜିପାରେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ଆୟ ସାମାନ୍ୟ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନତା ଅବଲମ୍ବନୀୟ । ଆୟ ଅପେକ୍ଷା ବ୍ୟୟ ବଢ଼ିବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ । ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ ।



**ମୀନ:** ପରିଶ୍ରମର ଫଳ କର୍ମକ୍ଷେତ୍ରରେ ଆପଣ ଅନୁଭବ କରିବେ । ଆଶା ଜନକ ଫଳ ଲାଭ କରି ନିଜର ବୈଶିଷ୍ଟ ପ୍ରତିପାଦନ କରିବେ । ପାରିବାରିକ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବ । ରୋଜଗାର ଭଲ ହେବ ।

# ବ୍ରାଉନ୍‌ସୁଗାର ସହ ବେପାରୀ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଅବକାରୀ ଥାନା ଅଧୀନରେ ଖୋଲମଖୋଲା ବ୍ୟାପକ ନିଶା କାରବାର ହେଉଥିବାବେଳେ ଅବକାରୀ ବିଭାଗ ଓ ପୋଲିସ ଦେଖଣାହାରୀ ସାଜିଛି । ଧର୍ମଶାଳା ଥାନା ଆରୁହା ଅଞ୍ଚଳରେ ଓସିସିର ପରିତ୍ୟକ୍ତ ଗୃହରେ ନିଶା କାରବାର ହେଉଥିବା ଖବର ସୋସିଆଲ୍ ମିଡିଆରେ ବହୁବାର ଅଭିଯୋଗ ପରେ ଅବକାରୀ ବିଭାଗର ଭ୍ରାମ୍ୟମାଣ ଦଳ ପକ୍ଷରୁ ଚଢ଼ଉ ଆରମ୍ଭ ହୋଇଛି । ମଙ୍ଗଳବାର ଦିନ ଆରୁହା ଅଞ୍ଚଳରୁ ଜଣେ ବ୍ରାଉନ୍ ସୁଗାର ବେପାରୀ ପ୍ରୀତିରଞ୍ଜନ ସାହୁଙ୍କୁ ଏହି ଟିମ୍ ଗିରଫ କରିଥିବା ବେଳେ ତାଠାରୁ ୫୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଏହି ଭ୍ରାମ୍ୟମାଣ ଚଢ଼ଉରେ ଜିଲ୍ଲା ଅବକାରୀ ଇନ୍ସପେକ୍ଟର କେଶବ ଦାସ, ଧର୍ମଶାଳା ଏନ୍ସପେକ୍ଟର ଦେବସ୍ମିତା ନାୟକ, ଜଗନ୍ନାଥ ବେଶ୍ରା, ଗଣେଶ ଦଣ୍ଡପାଟ, ପୂର୍ଣ୍ଣିମା ଘୋଷ, ଧବଳେଶ୍ୱର ମହାନ୍ତି, ରାକେଶ ମୁର୍ମୁ ପ୍ରମୁଖ ଥିଲେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୦୮।୨୦୨୬, ଭାଦ୍ରବ ଦ୧୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୩୧।୧୫ ଚନ୍ଦ୍ରୋଦୟ- ସଂଘ ୬।୧୫।୧୭**

ପୂର୍ଣ୍ଣିମା ଦିଘ ୯।୫୦ ପର୍ଯ୍ୟନ୍ତ, ଶତଭିଷା ନକ୍ଷତ୍ର ରାଘ ୩।୧୫ ପର୍ଯ୍ୟନ୍ତ । କୁମ୍ଭ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୯।୫୦ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଦିଘ ୬।୨୫ ମଧ୍ୟେ ଦିଘ ୧୨।୧୪ ଗତେ ଦିଘ ୨।୪୫ ମଧ୍ୟେ । **ପର୍ବୋତ୍ସବ-** ଶ୍ରାବଣ ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ, ରକ୍ଷାଲାଗି ଓ ଶ୍ରୀ ସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ ।

31 YEARS
ସମ୍ବାଦ କଳିକା

# ଭାରତର ଅର୍ଥନୀତିକୁ ପ୍ରଶଂସା

ପାକିସ୍ତାନର କଟ୍ଟରପନ୍ଥି ରାଜନୈତିକ ଦଳ ଜାମିଆତ ଉଲେମା-ଏ-ଇସଲାମ-ଫଜଲ (JUI-F)ର ମୁଖ୍ୟ ମୌଲାନା ଫଜଲୁର ରେହମାନ ଭାରତର ଆର୍ଥିକ ବିକାଶକୁ ପ୍ରଶଂସା କରିଛନ୍ତି। ତାଙ୍କୁ ମୌଲାନା ଡିଜେଲ୍ ନାମରେ ମଧ୍ୟ ଜଣାଯାଏ। ପାକିସ୍ତାନର ଆର୍ଥିକ ଏବଂ ରାଜନୈତିକ ଦୁର୍ଦ୍ଦଶାକୁ ଉଲ୍ଲେଖ କରି ସେ ପରିସ୍ଥିତିର ସଠିକ୍ ମୂଲ୍ୟାଙ୍କନ କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନ ଗମ୍ଭୀର ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ତେଣୁ ଦେଶର ନେତାମାନେ ଭାରତ ବିରୋଧୀ ବୟାନ ଦେବା ପରିବର୍ତ୍ତେ ପରିସ୍ଥିତିକୁ ସୁଧାରିବା ଉପରେ ଧ୍ୟାନ ଦେବା ଉଚିତ। ସେ ଭାରତର ବୃଦ୍ଧି ପାଉଥିବା ଅର୍ଥନୈତିକ ଶକ୍ତି ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି ଏବଂ କହିଛନ୍ତି ଯେ ପାକିସ୍ତାନ ନିଜ ପରିସ୍ଥିତିର ଯତ୍ନ ନେବା ଉଚିତ। ମୌଲାନା ଫଜଲୁର ରେହମାନଙ୍କ ବୟାନ ଏପରି ଏକ ସମୟରେ ଆସିଛି, ଯେତେବେଳେ ଶାହବାଜ ସରକାର ଏବଂ ଅସୀମ ମୁନିର ପାକିସ୍ତାନର ପ୍ରଦେଶ ଗୁଡ଼ିକୁ ବିଭାଜିତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେ ପ୍ରଦେଶ ବିଭାଜନକୁ ଦୃଢ଼ ବିରୋଧ କରିଛନ୍ତି ଏବଂ କହିଛନ୍ତି ଯେ, ଦେଶ ପୂର୍ବରୁ ଆର୍ଥିକ କଷ୍ଟ, ରାଜନୈତିକ ଅସ୍ଥିରତା ଏବଂ ସାମାଜିକ ଉତ୍ତେଜନାର ସମ୍ମୁଖୀନ ହେଉଥିବା ସମୟରେ ପ୍ରଦେଶ ଗୁଡ଼ିକୁ ବିଭାଜିତ କରିବା ଉଚିତ ନୁହେଁ। ସେ କହିଛନ୍ତି, 'ଆଜି ଯେତେବେଳେ ଦେଶ ନିଆଁ ଏବଂ ଦୁର୍ଭିକ୍ଷର କବଳରେ ଅଛି, ସେତେବେଳେ ପ୍ରଦେଶ ବିଭାଜନ ଉପରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆଲୋଚନା କରାଯାଉଛି।' ଫଜଲୁର ରହମାନ କହିଛନ୍ତି, 'ଆମେ ଭାରତ ସହିତ ଯୁଦ୍ଧ ଏବଂ ସଂଘର୍ଷ ବିଷୟରେ କଥାବାର୍ତ୍ତା କରୁ, କିନ୍ତୁ ବାସ୍ତବତାକୁ ଦେଖୁନା।' ସେ କହିଛନ୍ତି ଯେ ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଭାବରେ ଉଭା ହୋଇଛି ଏବଂ କୋଟି କୋଟି ଡଲାର ବୈଦେଶିକ ମୁଦ୍ରା ଭଣ୍ଡାର ରହିଛି। ସେ କହିଛନ୍ତି ଯେ ଏହା ବଦଳରେ, ପାକିସ୍ତାନକୁ ଅର୍ଥନୀତି, ନ୍ୟାୟପାଳିକା ଏବଂ ଆଇନ ଶୃଙ୍ଖଳା ଭଳି ପ୍ରମୁଖ ବିଶ୍ୱସ୍ତରୀୟ ପାରାମିଟର ଉପରେ ତାର ସ୍ଥିତି ସମୀକ୍ଷା କରିବା ଉଚିତ। ସେ କହିଛନ୍ତି, 'ଆମକୁ ବିଚାର କରିବା ଉଚିତ ଯେ ନ୍ୟାୟପାଳିକା, ଅର୍ଥନୀତି ଏବଂ ଆଇନ ଶୃଙ୍ଖଳା ଦୃଷ୍ଟିରୁ ଆମେ ବିଶ୍ୱ ସ୍ତରରେ କେଉଁଠି ଠିଆ ହୋଇଛୁ ଏବଂ ଆମର ଆନ୍ତର୍ଜାତୀୟ ର୍ୟାଙ୍କିଂ କ'ଣ' ? ସେ କହିଛନ୍ତି ଯେ ପାକିସ୍ତାନରେ ବର୍ତ୍ତମାନ ପ୍ରାଦେଶିକ ପୁନର୍ଗଠନ ପାଇଁ ଆବଶ୍ୟକ ରାଜନୈତିକ ପରିବେଶ ଏବଂ ଭିତ୍ତିଭୂମିର ଅଭାବ ଅଛି। 'ଏଥିପାଇଁ ନା କୌଣସି ଅନୁକୂଳ ପରିବେଶ ଅଛି ନା କୌଣସି ପୂର୍ବ ପ୍ରସ୍ତୁତି। ଏହି ପଦକ୍ଷେପ କେବଳ ରାଜନୈତିକ ଅବିଶ୍ୱାସକୁ ବୃଦ୍ଧି କରିବ।' ଫଜଲୁର ରେହମାନ ଏହି ବିତର୍କକୁ ପ୍ରାଦେଶିକ ସ୍ୱାୟତ୍ତତା ଏବଂ ସମ୍ବଳ ବଣ୍ଟନର ବିବାଦୀୟ ପ୍ରସଙ୍ଗ ସହିତ ମଧ୍ୟ ଯୋଡ଼ିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଶକ୍ତିଶାଳୀ ଗୋଷ୍ଠୀ ଦୀର୍ଘ ଦିନ ଧରି ପାକିସ୍ତାନର ୧୮ ତମ ସମ୍ବିଧାନ ସଂଶୋଧନର ପ୍ରଭାବକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ପ୍ରାଦେଶିକ କ୍ଷମତା ଏବଂ ସ୍ୱାୟତ୍ତତାକୁ ଯଥେଷ୍ଟ ଭାବରେ ବିସ୍ତାର କରିଥିଲା। ମୌଲାନା ଫଜଲୁର ରେହମାନ ଜଣେ ପାକିସ୍ତାନୀ ରାଜନେତା ଏବଂ ଜମିଆତ ଉଲେମା-ଏ-ଇସଲାମ (ଏଫ୍)ର ସଭାପତି। ସେ ପାକିସ୍ତାନର ଜାତୀୟ ପରିଷଦ (ଏମ୍‌ପି)ର ଦୀର୍ଘ ସମୟ ସଦସ୍ୟ ଥିଲେ। ସେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ମୌଲାନା ଫଜଲୁର ରେହମାନଙ୍କୁ ଜଣେ ତାଲିବାନ-ପାକିସ୍ତାନୀ ନେତା ଭାବରେ ବିବେଚନା କରାଯାଏ। ତାଙ୍କର ଆଫଗାନିସ୍ତାନର ଇସଲାମିକ୍ ଏମିରେଟ୍ ସହିତ ଘନିଷ୍ଠ ସମ୍ପର୍କ ରହିଛି। ସେ ପାକିସ୍ତାନରେ ଶରିଆ ଲାଗୁ କରିବା ପାଇଁ ଆହ୍ୱାନ ଦେଇଛନ୍ତି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ରାସ୍ତା

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ , ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଳୁ ବାଇର ପଥ, କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଅ । ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ। ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି। ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ । ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୂଲି ପାରିବିନାହିଁ । ଗୁରୁଙ୍କୁ ତ ଭୂଲିପାରିବି ନାହିଁ । ଇଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁ ତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ । ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଣରେ କାହିଁକି ପଶିବି । ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ । ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡୁ । ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ। କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ । ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଏବେବି ସମୟ ଅଛି, ତୁମେ ଯାହା ଭାବୁଛ ତାହା ଏକ ମାୟାର ଆବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ, ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଡିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ । କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ । କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ତେଣୁ କଥାରେ ଅଛି-

ବୁଝୁ ନ ବୁଝ ପଢ ଗୀତା
ରୁଚୁ ନ ରୁଚୁ ଖାଅ ପିତା

# ରାକ୍ଷୀପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ । ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠଜୀବ ମନୁଷ୍ୟ । ନିଜର ବୁଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଂକୃତ କରିଛି ମନୁଷ୍ୟ । ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁର୍ଲ୍ଲଭ । ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି 'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହା ଥିବ ଚିରକାଳ।'

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତ୍‌ଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ' ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭିତ୍ତିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ରାକ୍ଷୀପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ । ଆମ ହିନ୍ଦୁସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ। ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ । ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିକୁ ପରିହାର କରି ହିନ୍ଦୁ ଦେବାଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି । ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚିତ୍ରତା। ଏହାକୁ ଅସ୍ୱୀକାର କରିହେବନାହିଁ । ଅନେକ ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ଠାପର । ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବୈଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି । ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଈଶ୍ୱରୀୟ ବାର୍ତ୍ତା ରହିଛି । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତ୍ତି, ମାନ ମର୍ଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭାତ୍ରା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ। ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୁଦ୍ଧିମାନର ଡିଣ୍ଡିମ ପିଟୁଥିବା କଳିଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି ତୁଚ୍ଛ ହେଇଯାଇଛି, ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ। ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି। ତା ପାଇଁ ସମ୍ପର୍କ ମୂଲ୍ୟହୀନ ହେଇଯାଇଛି। ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରା ମାନବ ସମାଜକୁ ବାର୍ତ୍ତା ପ୍ରଦାନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି । ନିଜର ଅଲିଅଳି ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଛା ପୂର୍ଣ୍ଣ କରିଛନ୍ତି । ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା। ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୁତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ । ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ବି ନିଜ ଭଉଣୀର ମାନ ରକ୍ଷା କରିବା ସହ ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ।

# ରକ୍ଷା ବନ୍ଧନର ମୌଳିକତା ବଜାୟ ରହୁ



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ,
ଛଡିଆ, ଯାଜପୁର,
ମୋ-୯୪୩୭୯୫୭୬୧୭



ଓଡିଆ ସଂସ୍କୃତି ଓ ପରମ୍ପରା ବିଶ୍ୱରେ ମହାନ। ଧର୍ମ ବିଶ୍ୱାସ ଓଡିଆ ଜାତିର ରକ୍ତଗତ। ପ୍ରତ୍ୟେକ କାର୍ଯ୍ୟରେ ଓଡିଆ ଲୋକ ଭଗବାନଙ୍କ ଆଶୀର୍ବାଦ ଲୋଡିଥାନ୍ତି। ସେହି ନିରାକାର ପରାମାତ୍ମାଙ୍କ ଅଦୃଶ୍ୟ ଶକ୍ତି ସାରା ସଂସାରକୁ ପରିଚାଳିତ କରୁଛି। ତେଣୁ ଭଗବାନ ବୋଲି ବିଶ୍ୱାସ କରୁଥିବା ସାଧାରଣ ମଣିଷର ସମସ୍ତ ଶକ୍ତି ତାଙ୍କ ନିକଟରେ ତୁଚ୍ଛ ମନେହୁଏ। ଧର୍ମ ବିଶ୍ୱାସ, ନାନା ଦେବାଦେବୀଙ୍କ ପୂଜା, ପର୍ବ ପର୍ବାଣୀର ଦୃଢ ବିଶ୍ୱାସ ମଣିଷକୁ ମାନସିକ ଶାନ୍ତି ପ୍ରଦାନ କରିଥାଏ। ସାହସ ଓ ଉତ୍ସାହ ମଧ୍ୟ ଦେଇଥାଏ। ଏହି ଭାବନାରେ ତ ଉତ୍କଳୀୟମାନେ ତେତିଶ କୋଟି ଦେବାଦେବୀଙ୍କୁ ପୂଜା କରିଥାନ୍ତି। ଯେଉଁ ପର୍ବପର୍ବାଣୀ ପାଳିତ ହୁଏ, ତାହାର ଅନ୍ତରାଳରେ ଓଡିଶାବାସୀଙ୍କ ଧର୍ମ ବିଶ୍ୱାସ , ଲୋକାଚାର ଓ ପରମ୍ପରା ହିଁ ମୁଖ୍ୟସ୍ଥାନ ଗ୍ରହଣ କରିଥାଏ।

ଓଡିଆ ଭାଷାରେ ବ୍ରତ ଏବଂ ଓଷା ଶବ୍ଦର ବ୍ୟବହାର ପ୍ରଥମେ ଋକ୍ ବେଦରେ ଦର୍ଶାଯାଇଛି। ଏଥିରେ ୨୨୦ ଥର ବ୍ରତ ସମ୍ପର୍କରେ ଉଲ୍ଲେଖ ରହିଛି। ଯଜୁ ବେଦରେ ଏକଥା ଉଲ୍ଲେଖ ଅଛି। ପଦ୍ମ ପୁରାଣ ଓ ଅଗ୍ନି ପୁରାଣରେ ମଧ୍ୟ ପର୍ବ ପର୍ବାଣୀର କଥା ଉଲ୍ଲେଖ ରହିଛି। ଓଡିଆ ଭାଷାରେ ଏକ ପ୍ରବାଦ ଅଛି, ବାରମାସେ ତେର ପର୍ବ। ଏହି ପର୍ବ ପର୍ବାଣୀ ବହୁ ପ୍ରାଚୀନ ଯୁଗରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ଉତ୍କଳୀୟ ଏହି ଦିବସଟିକୁ ପବିତ୍ର ଦିବସ ରୂପେ ପାଳନ କରିଥାନ୍ତି। ଓଡିଶା ଭଳି ରାଜ୍ୟରେ ପର୍ବପର୍ବାଣୀ ଏକ ରୀତିନୀତି ବା ପରମ୍ପରା ନୁହେଁ। ବରଂ ମାନବିକତା, ଭାବପ୍ରବଣତା, ଆଧ୍ୟାତ୍ମିକତା, ଆତ୍ମୀୟତା ଓ ସ୍ନେହ ଶ୍ରଦ୍ଧାର ଏକ ଜୀବନ୍ତ ପ୍ରତିମୂର୍ତ୍ତି। ଏହି ପର୍ବପର୍ବାଣୀ ମଧ୍ୟରୁ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ। ଏହି ପୂର୍ଣ୍ଣିମାକୁ ଶ୍ରାବଣ ପୂର୍ଣ୍ଣିମା, ଗହ୍ମା ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା ନାମରେ ସମଗ୍ର ଉତ୍କଳ ଭୂଖଣ୍ଡରେ ପରିଚିତ। ଏହି ପର୍ବ ଭାତୃ ବନ୍ଧନର ଏକ ସାକ୍ଷୀ ରୂପେ ଗ୍ରହଣ କରାଯାଏ। ଭାଇ ଭଉଣୀ ମଧ୍ୟରେ ଥିବା ସମ୍ପର୍କକୁ ଦୃଢୀଭୂତ କରି ଏହି ପର୍ବ ଆଧ୍ୟାତ୍ମିକ ଚେତନାରେ ବାନ୍ଧି ରଖିଥାଏ। ଶ୍ରାବଣ ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଦିବସ ଭାବେ ପାଳନ କରାଯାଏ। ଏହିଦିନ ହଳ ଲଙ୍ଗଳ, କାଙ୍କ କୋଡି, ମହୀ, କୋଦାଳ ଆଦି କୃଷି ଉପକରଣକୁ ପବିତ୍ର ଜଳରେ ସ୍ନାନ କରାଇ ଗୁହାଳ ଘରେ ରଖି ପୁଷ୍ପ, ଚନ୍ଦନ, ଧୂପ, ଦୀପ ଜଳାଇ କୃଷକ ଶ୍ରଦ୍ଧାର ସହିତ ପୂଜା କରିଥାଏ। ବଡ ଠାକୁର ବଳଭଦ୍ର ଗୋମାତାଙ୍କ ଠାରୁ ଜନ୍ମ ହୋଇଥିବାରୁ ପ୍ରତ୍ୟେକ ହିନ୍ଦୁ ଧର୍ମୀ ଗାଈକୁ ମାତା ରୂପେ ସମ୍ବୋଧନ କରି ମା' ଭଳି ସମ୍ମାନ ଦେଇଥାନ୍ତି। କାହିଁ କେଉଁ ଅନାଦି କାଳରୁ ଗୋମାତା ପୂଜାର ବିଧି ଓଡିଶାର ପୂରପଲ୍ଲୀରେ ପାଳିତ ହୋଇ ଆସୁଅଛି। ଏହି ରାକ୍ଷୀ ପୂର୍ଣ୍ଣିମାରେ ଗାଈକୁ ରାକ୍ଷୀ ବନ୍ଧା ଯିବାର ପରମ୍ପରା ରହିଛି। ଗୋମାତାଙ୍କ ସିଂଙ୍ଗରେ ରାକ୍ଷୀ ବନ୍ଧା ଯାଇ ଫୁଲମାଳ, ଚନ୍ଦନ ଅର୍ପଣ ପୂର୍ବକ ଅନେକ ସୁସ୍ୱାଦୁ ଖାଦ୍ୟ, ଏକ ନୂତନ କୁଲାରେ ଅର୍ପଣ କରାଯାଇ ଥାଏ। ଉତ୍କଳୀୟ ପରମ୍ପରାରେ ଏହି ଦିନ ପ୍ରତ୍ୟେକ ପରିବାରରେ ଚକୁଳି ପିଠା, ଉଷୁନା ଭାତ, ବିରିଡାଲି ପ୍ରସ୍ତୁତ କରାଯାଇ ସ୍ୱତନ୍ତ୍ର ଭାବେ ଗୋମାତା ଓ ବଳଦଙ୍କୁ ଅର୍ପଣ କରାଯାଏ। ଏହି ପର୍ବରେ ଓଡିଶାରେ ଘରେ ଘରେ ବିଭିନ୍ନ ରକମର ପିଠା, ମିଠା ତିଆରି କରାଯାଏ। ପରିବାର ସାହି ପଡିଶା ଓ ବନ୍ଧୁ ବାନ୍ଧବଙ୍କ ମଧ୍ୟରେ ଆନନ୍ଦ ସହକାରେ ଖାଦ୍ୟ ବଣ୍ଟନ କରାଯାଏ। ଉତ୍କଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଆଡମ୍ବର ସହକାରେ ରକ୍ଷା ବନ୍ଧନ ଓ ଝୁଲଣ ଯାତ୍ରା ଅନୁଷ୍ଠିତ ହୁଏ। ଭାରତୀୟ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ ଓ ଶାଶ୍ୱତ ଚିନ୍ତାଧାରା ମହାଭାରତରେ ମଧ୍ୟ ଉଲ୍ଲେଖ ରହିଛି। ଶ୍ରୀକୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ ଏ ପରମ୍ପରା ଆହୁରି ଶକ୍ତିଶାଳୀ ହୋଇଛି। ଅତ୍ୟାଚାରୀ ଶିଶୁପାଳକୁ ଭଗବାନ ଶ୍ରୀକୃଷ୍ଣ ବଧ କଲାବେଳେ ତାଙ୍କର ଆଙ୍ଗୁଳି କଟି ଯାଇଥିଲା। ସେହି ଅଙ୍ଗୁଳିରୁ ରକ୍ତ ଦେଖି ଯାଜ୍ଞସେନୀ ନିଜର ପିନ୍ଧା ବସ୍ତ୍ରର ପଣତ କାନିରୁ ଲୁଗା ଚିରି ସେହି କ୍ଷତକୁ ଆବୃତ୍ତ□ କରି ଦେଇଥିଲେ। ଶ୍ରୀକୃଷ୍ଣଙ୍କ ପ୍ରତି ଏକ ଭଗ୍ନୀର ଭୂମିକାରେ ସେଠାରେ ନିଜକୁ ଉପସ୍ଥାପନ କରିଥିଲେ। ସେହି ପଣତ କାନିର ମାନ ରଖି ପ୍ରଭୁ କୃଷ୍ଣ ଦ୍ରୌପଦୀଙ୍କୁ ବିବସନାରୁ ରକ୍ଷା କରିଥିଲେ। କୁରୁସଭାରେ ଦ୍ରୌପଦୀଙ୍କ ଲଜ୍ଜ୍ୟା ନିବାରଣ କରି କୋଟି ବସ୍ତ୍ର ଦାନ କରିଥିଲେ। ଏହି ପରମ୍ପରା ରାକ୍ଷୀ ପୂର୍ଣ୍ଣିମାର ମାନକୁ ଅଧିକ ଗରିମାମୟ କରିଥାଏ। ଇତିହାସ ପୃଷ୍ଠାରେ ମଧ୍ୟ ଏହାର ନଜିର ରହିଛି। ଖ୍ରୀପୂ ତିନିଶହ ବର୍ଷ ତଳର କଥା। ମାସିଡୋନିଆର ସମ୍ରାଟ ବିଶ୍ୱବିଜୟୀ ଆଲେକଜାଣ୍ଡର ଭାରତ ଉପରେ ବିଜୟ କରିବାକୁ ମନ ବଳାଇଲେ। ଯେତେବେଳେ ଭାରତକୁ ଆକ୍ରମଣ କଲେ, ସେ ରାଜାଙ୍କ ପୁରୁଙ୍କର ସମ୍ମୁଖୀନ ହୋଇଥିଲେ। ପ୍ରଥମ ଥର ଆଲୋକଜାଣ୍ଡର ପୁରୁଙ୍କ ଠାରୁ ପରାସ୍ତ ହେଲେ। ଠିକ ସେତିକିବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ଭାରତୀୟ ରାଜାର ମହନୀୟତା ସ୍ୱରୂପ ରାଜା ପୁରୁ ଶତ୍ରୁର ସ୍ତ୍ରୀର ରାକ୍ଷୀକୁ ଗ୍ରହଣ କରି ତାଙ୍କୁ ନିଜ ଭଉଣୀର ସମ୍ମାନ ଦେଇଥିଲେ। ଏହି ରକ୍ଷା ବନ୍ଧନ ସମ୍ପର୍କରେ ଇତିହାସରେ ଅନେକ ପ୍ରମାଣିତ ତଥ୍ୟ ରହିଛି। ରାଜପୁତ ରମଣୀମାନେ ନାରୀ ଜାତିର ସୁରକ୍ଷା, ମର୍ଯ୍ୟାଦା ଓ ମାନ ସମ୍ମାନ ନିମନ୍ତେ ସମ୍ରାଟ ଆକବରଙ୍କ ପାଖକୁ ରାକ୍ଷୀ ପ୍ରେରଣ କରୁଥିଲେ। ଏହି ପରମ୍ପରାକ୍ରମେ ସାରା ଭାରତବର୍ଷକୁ ବ୍ୟାପିଥିଲା। ଭାଇ ଭଉଣୀର ଅତୁଟ ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କର ସ୍ୱରୂପ ଏହି ଉତ୍ସବ। କେବଳ ଇତିହାସ ନୁହେଁ ଏହାର ପୌରାଣିକତା ମଧ୍ୟ ରହିଛି। ବାମନଙ୍କ ଜନ୍ମ ପୂର୍ବରୁ ଶ୍ରାବଣ ପୂର୍ଣ୍ଣିମା ଦିନ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ବଳୀଙ୍କର ଜୀବନ ସୁରକ୍ଷା ନିମିତ୍ତ□ରକ୍ଷା କବଚ ସ୍ୱରୂପ ରାକ୍ଷୀ ବନ୍ଧନ କରିଥିଲେ। ତାହାରି ଅନୁସାରେ ପରମ୍ପରା ସରୂପ ବ୍ରାହ୍ମଣ ଓ ପୁରୋହିତମାନେ ଯଜମାନ ମାନଙ୍କ ହସ୍ତରେ ବିଭିନ୍ନ ଧରଣର ରାକ୍ଷୀ ଭିଡିଥାନ୍ତି। ଏହି ଉତ୍ସବକୁ ପର୍ଯ୍ୟାଲୋଚନା କଲେ ଏତିକି ଜଣାଯାଏ, ସମାଜରେ ସୁଖ ପ୍ରାପ୍ତି ନିମନ୍ତେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା , ମମତା ମଧ୍ୟରେ ହିଁ ପ୍ରକୃତ ମନୁଷ୍ୟତ୍ୱ ପ୍ରକଟ ହୋଇଥାଏ। ଏହା ଏକ ନିର୍ଭର ପ୍ରତିଶୃତିର ସୂତାରେ ବନ୍ଧା ଯାଇଥିବା ଜୀବନ ସାରାର ସୁରକ୍ଷା କବଚ।

ସାଂପ୍ରତିକ ଆଧୁନିକ ଯୁଗରେ ଏହି ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ ଓ ଗୁରୁତ୍ୱ ଦିଗହରା ହେଲାଭଳି ମନେ ହେଉଛି। ଆମ ଦେଶ ତଥା ରାଜ୍ୟ ସହରି କରଣ, ଉପଭୋକ୍ତାବାଦ, ଅତ୍ୟାଧୁନିକତା, ବିଜ୍ଞାନ ଓ ପ୍ରଯୁକ୍ତି ଆଡକୁ ବେଶି ମାତ୍ରାରେ ଢଳି ପଡିଛି। ସେଇଥିପାଇଁ ଆମ ସାଂସ୍କୃତିକ ଜୀବନ ନିମ୍ନତାକୁ ଖସି ଆସିଛି। ଜନସଂଖ୍ୟାମୟ ପରିବର୍ତ୍ତନ ମଧ୍ୟରେ ଭାଇ ଭଉଣୀର ପବିତ୍ର ସମ୍ପର୍କ, ରାକ୍ଷୀର ମହାତ୍ମ୍ୟ ବାଟବଣା ହେବାରେ ଲାଗିଛି। ଏହି ଉତ୍ସବ ଆଜି ହୃଦୟରେ ଏକ ପ୍ରଶ୍ନକୁ ଜନ୍ମଦିଏ। କିଏ କାହାକୁ ରାକ୍ଷୀ ବାନ୍ଧିବ ? ପରିବାର ମଧ୍ୟରେ ଗୋଟିଏ ସନ୍ତାନ ସୁତ୍ରୀ ହୋଇ ଥିବାରୁ ରାକ୍ଷୀ ବାନ୍ଧିବାକୁ ଭାଇ ନାହାନ୍ତି କି ରାକ୍ଷୀ ଭିଡି ଦେବାକୁ ଭଉଣୀ ନାହାନ୍ତି। ଦିନ ଥିଲା ଏଇ ରାକ୍ଷୀ ଡାକବାଲାଟିଏ ବାଣ୍ଟି ବାଣ୍ଟି ଥକି ପଡୁଥିଲା। ଏକ ସନ୍ତାନର ଆବଶ୍ୟକତା ଆଜି ରାକ୍ଷୀ ଭଳି ଏକ ପବିତ୍ର ପର୍ବକୁ ଶୂନ୍ୟତା ଆଡକୁ ଟାଣି ନେଇଛି। ନୂଆ ଭାବେ ସୃଷ୍ଟି ହୋଇଛି ଧରମ ଭାଇର ପରମ୍ପରା। ଯେଉଁ ପରମ୍ପରାରେ ସ୍ୱଚ୍ଛତା, ନିର୍ମଳତା, ପବିତ୍ରତା, ଆପଣା ପଣିଆର ମାନନ ରକ୍ଷାର ପ୍ରତିବଦ୍ଧତା ଅଧିକାଂଶ କ୍ଷେତ୍ରରେ ନଥାଏ। ଓଡିଆ ସାଂସ୍କୃତିକ ପରମ୍ପରାରେ ମଧ୍ୟ ଗ୍ରାମାଞ୍ଚଳରେ ସାମାଜିକ ଜୀବନରେ ଗୋମାତା ପ୍ରତି ଲୋକ ମାନଙ୍କର ବିମୁଖ ଭାବ ହେତୁ ନାଁ ଗୁହାଳ ଅଛି, ନାଁ ଗାଈ ଅଛନ୍ତି। ଯେଉଁ ଗହ୍ମା ପୂର୍ଣ୍ଣିମାର ପବିତ୍ରତାକୁ ସାମାଜିକ ଜୀବନରେ ଆମେ ଅନୁଭବ କରିବା କଥା, ତାହାର ମୂଳ ଆଧାର ଗୋସମ୍ପଦର ଅଭାବ କାରଣରୁ ହିଁ ଆମଠାରୁ ଦୂରେଇ ଯାଇଛି। କୌଣସି ପର୍ବପର୍ବାଣୀର ଭବିଷ୍ୟତ ତାହା କିପରି ପାଳନ କରାଯାଏ , ତାହା ଉପରେ ହିଁ ନିର୍ଭର କରେ। ପରିବାର ମଧ୍ୟରେ ଭାଇଚାରା ଓ ପାରସ୍ପରିକ ସମ୍ପର୍କର ଅଭାବବୋଧ, ସ୍ୱାର୍ଥପରତା, ମରି ଯାଉଥିବା ମାନବିକତା ଏହି ପାରମ୍ପରିକ ଉତ୍ସବର ମହାନତା, ମାଧୁର୍ଯ୍ୟ ଓ ଆବେଗରୁ ଧୀରେ ଧୀରେ ଦୂରେଇ ଯାଉଛି। ସେଥିପାଇଁ ଆମେ ଆମର ପରମ୍ପରା ସୂତ୍ରକୁ ଆଧୁନିକତାର ଢାଞ୍ଚାରେ ପୁରାତନକୁ ଯଥା ସମ୍ଭବ ଜାବୋଡି ଧରି ପୁଣି ଜୀବନ୍ୟାସ ଦେବା ଆବଶ୍ୟକ। ଅତୀତର ପ୍ରତିଛବି ସହ ଭବିଷ୍ୟତର ନୂତନତାକୁ ଗ୍ରହଣ କରିବା ରାକ୍ଷୀ ପୂର୍ଣ୍ଣିମାର ଆଭିମୁଖ୍ୟ ହେବା ଆବଶ୍ୟକ। ଯେଉଁ ଉତ୍କଳୀୟ ସଂସ୍କୃତି ସମଗ୍ର ବିଶ୍ୱକୁ ଭାତୃ ବନ୍ଧନରେ ବାନ୍ଧି ରଖିବାର ବାର୍ତ୍ତା ଦେଇଥାଏ, ତାହା ଆଧ୍ୟାତ୍ମିକତା ଭିତ୍ତିରେ ସମସ୍ତଙ୍କ ମଙ୍ଗଳ କାମନା ପାଇଁ ଆମେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା।

# ଅସୁନ୍ଦର ଗୋଠ



ଶାନ୍ତିପ୍ରିୟା ଜେମା
ନାଉପାଳ,
କେନ୍ଦ୍ରାପଡା

ରାକ୍ଷୀ ଓ ଚୁମୁକି ଦୁହେଁ ଏକା ମା'ର ନହେଲେ ମଧ୍ୟ ଏକା ପରି ଲାଗନ୍ତି । ରାକ୍ଷୀ ଚୁମୁକିଠାରୁ ୨ମାସ ବଡ । ଏକା ରଙ୍ଗ, ଏକା ଢଙ୍ଗ, ୨ ଭଉଣୀ ପରି ପରସ୍ପରକୁ ଭାରି ଭଲପାଆନ୍ତି । କ୍ଷଣେ ନଦେଖିଲେ ବଣା । ସାଙ୍ଗ ହୋଇ ଏତେ ଖେଳନ୍ତି ନିଜର ମା'ଙ୍କୁ ପାସୋରି ଦିଅନ୍ତି । କେବେ ଯଦି ରାକ୍ଷୀର ମା' ପହଞ୍ଚେ ଦୁହେଁ ଧାଇଁଯାଅନ୍ତି । ରାକ୍ଷୀ ତା ମା' ଠାରୁ କ୍ଷୀର ଖାଇଲେ ଚୁମୁକି ବିକଳରେ ଚାହିଁ ନିଜେ ପାକୁଳି ବୁଲାଏ ସାଙ୍ଗ ଛାଡି ଯାଏନାହିଁ। ରାକ୍ଷୀର ମା ଆଖି ତରାଟି ଶିଙ୍ଗରେ ମାରିବାକୁ ଗଲେ ବି ଅଭିମାନ କରେ ନାହିଁ ।

ଚୁମୁକିର ମା କେବେ ସେମିତି ଆସିଗଲେ ରାଖିବି ବିଚଳିତ ନହୋଇ ନୀରବରେ ଚାହିଁ ଥାଏ । କ୍ଷୀର ପିଇସାରିଲେ ଦୁହେଁ ଏମିତି ଖେଳନ୍ତି ଯେ କହନା ଦୌଡ଼ି ଦୌଡ଼ି ଖେତ ବାରି ବିଲ ଶାଗ ପଟାଳି, ସାରୁ, କଖାରୁ ଚଣା ଓ ଖେତ ନଳିତା ଗଜା ମାରିଥିବା ଜମି, ଫୁଲ, ଫଳ, ବଗିଚା, ମକା କିଆରୀ କିଛି ବି ରହେ ନାହିଁ । ନାଚକୁଦରେ ଦାଣ୍ଡ ବିଲ ବାରି ଉଛୁଳି ପଡେ । ଭାଙ୍ଗି, ଦଳି କୁଦି ଲୋକସାନ କରନ୍ତି । ଏଥିପାଇଁ ଘରେ କଳି ହେଲା । ବାଛୁରୀ ୨ଟା ଲାଗି ସ୍ୱାମୀ ସ୍ତ୍ରୀଙ୍କର ଝଗଡା । ମୁଲ ଦେଇ ଫସଲ ବୁଣି ସବୁ ନଷ୍ଟ । ଏଥର ତୁମେ ମୁଲ ମଜୁରୀ ଦେବବୋଲି ମାଲିକ ପତ୍ନୀଙ୍କୁ ତାଗିଦ କଲେ । ଘୋଷଣା କଲେ । ରାଗ ଦେଖି ପତ୍ନୀ ତାଙ୍କର ରାଗରେ ବାଡ଼ିଟିଏ ଏବଂ ଶିକୁଳି ଧରି ବୀର ଦର୍ପରେ ତାଙ୍କୁ ଧରି ବନ୍ଧନରେ ବାନ୍ଧି ରଖିବାର ପ୍ରୟାସ କଲେ । ଶାସନ କରିବା ମାନସ କରିଥିଲି ସତ ତାଙ୍କ ପାଖରେ ପହଞ୍ଚି ଧରିବା ସହଜ ନୁହେଁ। ଚୁମୁକି ମୋ ଚାରିପାଖେ ଚାରି ଗୋଡରେ କୁଦା ମାରି ଡେଇଁ ଡେଇଁ ମୋ ସଂଗେ ଖେଳ ଆରମ୍ଭ କରିଥିଲା। କ୍ଷଣକେ ଡେଇଁ ପଳେଇବ ତ ପୁଣି ଫେରି ୨ଟା ମୁଣ୍ଡିଆ ମାରିବ, ଧରୁ ଧରୁ ଖସି ପଳେଇବ । ରାକ୍ଷୀ ଟା ଚୁମୁକି ସଂଗେ ଲଢେଇ କରିବସେ । ଭାବେ ମା' ପାଖରେ ମୁଁ ଗେଲ୍‌ହା। ପଣତ ତଳେ ମୁଣ୍ଡ ପୁରାଇ ପଛରୁ ମୁଣ୍ଡିଆ ମାରେ । ଦୁହେଁ ବି ଦୁହିଁଙ୍କ ମଧ୍ୟରେ ମାଡଗୋଳ ଲଗାଇ ଦିଅନ୍ତି । ଆନନ୍ଦରେ ଦୁଇ ଜଣ ଖୁସି ହୋଇ କ୍ଷେତବାଡ଼ି ନଷ୍ଟ କରନ୍ତି । ତାଙ୍କୁ ଦେଖି ସଂସାର ଜଂଜାଳ, ଦୁଃଖ, ତାପ କିଛି ସମୟକୁ ଭୁଲିଯାଏ । ନିଜ ପିଲାଏ ବଡ ହେଲେଣି । କୋଳଟା ଶୂନ୍ୟ ଥିଲା ପରି କୁନି ବାଛୁରୀ ଯୋଡିକ ସନ୍ତାନ ସୁଖ ଦିଅନ୍ତି । ସେମାଙ୍କ ନାଚ କୁଦ ଫସଲ ନଷ୍ଟ ଦେଖିବାକୁ ମହାଶୟ ରାଗରେ ପଞ୍ଚମ ।

ସେତେବେଳେ ମୋ ମନରେ ରାଗ ଜନ୍ମିଲା, ସବୁ ନଷ୍ଟ କରିଦେଲ ତୁମକୁ ଆଜି ବାନ୍ଧିବି । ଯେତେ ଚେଷ୍ଟା କଳବଳ କୌଶଳ କଲି ସାରା ଦିନ ତାଙ୍କ ପିଛାରେ ଗଲା ତଥାପି ଜଣକୁ ଧରି ପାରିଲି ନାହିଁ । ଯେତେ ଡାକିଲେ ପାଖକୁ ନ ଆସି ସେମାନେ ତାଙ୍କର ପରାକ୍ରମ ଖେଳ କୌତୁକ ପ୍ରଦର୍ଶନ କଲେ । ବାବୁଙ୍କ ଗଞ୍ଜଣା ବଢ଼ିଲା। ସ୍ଥିର କଲି ନାଁ ଦୁଇ ଜଣଙ୍କୁ ଅଲଗା କରିବି ।

ମୋ ଚିନ୍ତାରେ ସେମାନେ ଦୁଷ୍ଟାମୀ କରିବେ କେମିତି ଦେଖିବା । ପଡୋଶୀଙ୍କୁ ଡାକି ରାକ୍ଷୀର ମାଙ୍କୁ (ବଉଳି)କୁ ଅଳ୍ପ ପଇସାରେ ବିକିଲି ବରଂ ଯତ୍ନପାଇଁ ତାଗିଦ କରି ବାରବାର ବରାଦ କଲି । ତାଙ୍କର କିଛି ଖାଦ୍ୟ ଓ ପଇସା ଦେଇ ବଉଳିକୁ ଦେଇଦେଲି । ସମର୍ପିଦେବା ପରେ ଅନ୍ତର କୋହ ଅସମ୍ଭାଳ ଭାବରେ ଉତୁରି ଆସିଲା। ଉଚ୍ଚ ସ୍ୱରରେ କାନ୍ଦିଥିଲି ସେଦିନ । କାହାକୁ ବିକିଲି ସେ ଜଣେ ଗୋପାଳକ ବାନ୍ଧି ନେବା ବେଳେ ବଉଳି ବି ଟାଣି ଭିଡି ହେଲା । ରାକ୍ଷୀ ଟା ରଡ଼ି ରଡି ଫେରି ଫେରି ତିନି ଥର ଆସି ପୁଣି ମା' ପାଖକୁ ଦୌଡ଼ି ପଳେଇଗଲା । ବନ୍ଧନରେ ଥାଇଁ ଚୁମୁକି ବାଡେଇ କଚାଡି ହୋଇ କ୍ଷତାକ୍ତ ହେଲା । ତା' ପାଟିରୁ ରକ୍ତ ଝରିଲା।

ତାପରଠାରୁ ଖୋଲା କଲେ ବି ଚୁମୁକି ସେପରି ଖେଳ କୁଦ କରେ ନାହିଁ । ଖାଇବା ନାଚିବା ସବୁ କମିଗଲା । ବିକଳ ଭାବରେ ମା ପାଖେ ଖୁଣ୍ଟ ମୂଳେ ଛିଡା ହୋଇ ରହେ । ଶିକୁଳି ବାଡ଼ି ଆଉ ଲୋଡ଼ା ହେଲା ନାହିଁ ।

କେବେ କେବେ ରାକ୍ଷୀ ଫାଟକ ପାଖରେ ମୁହଁ ଗଳେଇ ଚାହିଁ ଦିଏ । ଚୁମୁକି ଫାଟକକୁ ସତେକି ଭାଙ୍ଗି ଦେବ। ପାଚେରୀ ଡେଇ ଯିବ ଏମିତି ଚେଷ୍ଟା କରେ । ଧାଁ ଧପଡ କରି ବାଟ ଖୋଜେ। ରାକ୍ଷୀଟାକୁ ବଧେଇ ଜଣେଇବାକୁ ସକଳ ଇଚ୍ଛା ହେଲେ କେହି ସେମାନଙ୍କ ମମତା ବୁଝନ୍ତି ନାହିଁ । ସଂଗେ ସଂଗେ ଗାଳି କରି ହୁଡେଇ ଦିଅନ୍ତି । ଘର ମୁରବି ଟାଣରେ ପାଟି କରନ୍ତି । ରାକ୍ଷୀ ପୂର୍ଣ୍ଣମୀରେ ରାକ୍ଷୀର ଜନ୍ମ ଦିନ ତା' ପୂର୍ବରୁ ରାକ୍ଷୀ ବିକ୍ରି ହେଲା।

ରାକ୍ଷୀ ପୂର୍ଣ୍ଣମୀରେ :-

ଥାଳିରେ ଫୁଲ ହାର, ଫଳ, ପିଠା, ଭୋଗ, ସିନ୍ଦୁର ଧରି ଗୋଠକୁ ଗଲି । ଗୋଠରେ ସମସ୍ତେ ଥିଲେ ଦୁଇଟି ବଳଦ, ଚୁମୁକି ତା ମା' ମାତା (ଛଡ଼ାଟି) ମା' ପରି ମୋ ପ୍ରାଣରେ କୋହ। ଗୋଠରେ ଉଛୁଳା ଆନନ୍ଦ ନଥିଲା । ଧୂପ ଦୀପର ମହକ ହେଲା ନାହିଁ। ନିଶୁନ ଏବଂ ନୀରବତା ଭରିଥିଲା । ଉଛୁଳା ଆନନ୍ଦ ହଜି ଯାଇଥିଲା। କୋହରେ ଝରି ଆସିଲା ଲୁହ, ଆଖିରେ ଦେଖାଗଲା ଅସୁନ୍ଦର ଗୋଠ। ଗୁହାଳ ଓ ଗୋଠ ଅସୁନ୍ଦର ଦେଖାଗଲା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୯୭

## ଶ୍ରୀକୃଷ୍ଣଙ୍କର ମଧ୍ୟସ୍ଥି ଭୂମିକା-୧



କୃଷ୍ଣଙ୍କର ହସ୍ତିନାପୁର ଯାତ୍ରା ସମୟରେ ସାତ୍ୟକି ତାଙ୍କ ସହ ଯାଇଥିଲେ ।

କିନ୍ତୁ ଯିବା ପୂର୍ବରୁ କୃଷ୍ଣ ପାଣ୍ଡବମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଆଶ୍ଚର୍ଯ୍ୟ କରିଦେବା ଭଳି ଘଟଣାଟିଏ ଦେଖିବାକୁ ମିଳିଲା । ଯେ, ଭୀମସେନ୍ ଯେକି ସବୁବେଳେ ଯୁଦ୍ଧ ସପକ୍ଷରେ, ସେ ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଜୋର୍‌ଦେଲେ । କହିଲେ, "ଯୁଦ୍ଧ ହେଲେ, ଆମର ବଂଶ ଲୋପ ପାଇବ । ତେଣୁ ଶାନ୍ତିପୂର୍ଣ୍ଣ ରାଜିନାମା ଗ୍ରହଣୀୟ ।"

ଭୀମସେନ୍‌ଙ୍କର ଏପରି କଥା ଗୋଟେ ଭଲକଥା ସୂଚାଏ । ଯେ, ଅତି ଶକ୍ତିଶାଳୀ ଯୋଦ୍ଧା ମଧ୍ୟ ଯୁଦ୍ଧକୁ ଘୃଣା କରେ । ଶାନ୍ତି ଚାହୁଁଥିବା ମଣିଷ ଭୟକରୁଛି ବୋଲି ଧରିବା ଠିକ୍ ନୁହଁ ।

ସେଠି ଉପସ୍ଥିତ ଥିଲେ ଦ୍ରୌପଦୀ। ଅତୀତରେ ସେ ଯେଉଁ ଅପମାନ ପାଇଥିଲେ, ତାହା ସେ ଭୁଲିନଥିଲେ । ହାତରେ ନିଜର ମୁକୁଳା କେଶକୁ ଧରି ସମ୍ମୁଖକୁ ଆସିଗଲେ । ଥର ଥର କଣ୍ଠରେ କହିଲେ, "ହେ ଶ୍ରୀକୃଷ୍ଣ ! ମୋର ଏଇ କେଶକୁ ଦେଖନ୍ତୁ ଓ ଏହାର ସମ୍ମାନ ରକ୍ଷା ପାଇଁ ଯାହା କରିବା କଥା କରନ୍ତୁ। ମୋର ସମ୍ମାନ ପୁନର୍ଲାଭ ବ୍ୟତୀତ ଶାନ୍ତି ସମ୍ଭବନୁହଁ । ମୁଁ ଏବେ ଦେଖୁଛି, ମୋର ସ୍ୱାମୀ ଭୀମସେନ୍ ଓ ଅର୍ଜୁନ ଯୁଦ୍ଧ ସପକ୍ଷରେ ନାହାଁନ୍ତି । କିନ୍ତୁ ମୁଁ କହୁଛି, ମୋ ପିତା ବୃଦ୍ଧ ହେଲେ ମଧ୍ୟ, ସେ ଯୁଦ୍ଧକୁ ଯିବେ ଏବଂ ମୋର ପୁଅମାନେ ତାଙ୍କୁ ସାହାଯ୍ୟ କରିବେ । ଯଦିବା ମୋ ପିତା ଦ୍ରୁପଦ ଯୁଦ୍ଧକୁ ଯିବାକୁ ଆରାଜି ହୁଅନ୍ତି, ପୁଅ ଅଭିମନ୍ୟୁର ନେତୃତ୍ୱରେ ମୋ ପୁଅମାନେ ଯୁଦ୍ଧକୁ ଯିବେ । ସତ କହୁଚି, ଧର୍ମପୁତ୍ରଙ୍କ ପାଇଁ ମୁଁ ଏହି ତେରବର୍ଷ କାଳ ମୋ ହୃଦୟ ମଧ୍ୟରେ ଅଗ୍ନିସମ କ୍ରୋଧକୁ ଚାପି ରଖିଛି । ଆଉ ନୁହଁ ।" ଦ୍ରୌପଦୀ କଇଁ କଇଁ କାନ୍ଦିଉଠିଲେ ।

ସମାବେଶରେ ଏକ ଅଭାବନୀୟ ପରିବେଶ ସୃଷ୍ଟି ହେଲା । ଦ୍ରୌପଦୀଙ୍କ କଥା ଶୁଣି ଓ ତାଙ୍କର କାନ୍ଦୁରା ମୁହଁ ଦେଖି କୃଷ୍ଣ ବହୁତ କଷ୍ଟପାଇଲେ । କହିଲେ- "କାନ୍ଦନାହିଁ ଭଦ୍ରେ ! ମୁଁ ଜାଣିଛି, ଧୃତରାଷ୍ଟ୍ରଙ୍କର ପୁଅମାନେ ମୋ କଥା ଶୁଣିବେନାହିଁ । ଯୁଦ୍ଧକୁ ଅଟକେଇ ହେବନାହିଁ । ତୁମେ ଦେଖିବ, ଧୃତରାଷ୍ଟ୍ରଙ୍କର ପୁଅମାନେ ମୃତ୍ୟୁ ଲଭିବେ ଓ ସେମାନଙ୍କ ମୃତପିଣ୍ଡକୁ ଶିଆଳ ଶାଗୁଣା ଖାଇବେ। ତୁମେ ନିଶ୍ଚିତ ରୁହ, ପାଣ୍ଡବମାନେ ଯୁଦ୍ଧରେ ଜିତିବେ ଓ ତୁମେ ତୁମର ଅପହୃତ ସମ୍ମାନ ଫେରିପାଇବ ।"

ଦ୍ରୌପଦୀ ଖୁସି ଦିଶିଲେ ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ସରାଗେ ବାନ୍ଧିଲି ରାକ୍ଷୀ

*କୁଞ୍ଜ ବିହାରୀ ସାହୁ*

ସୀମାନ୍ତରୁ ଭାଇ ଆସିଛି ବୋଲି
ତରତରେ ଦେଲା କବାଟ ଖୋଲି
ଭଉଣୀ କହିଲା ହସି
ମୁଁ ସାନ ଭଉଣୀ ରହିଅଛି ଚାହିଁ
ମୋ ପାଖେ ଯାଆ ତୁ ବସି । ୧

ବରଷେ ହେଲାଣି ଦେଖିନି ତୋତେ
କେମିତି ରହିଛୁ ନ ଦେଖି ମୋତେ
ଖାଇଦେ ମୋ ସାଥେ ଭାତ
ଖିଆ ସରିଗଲେ ମନ ସରାଗରେ
ଦେଖେଇ ଦେବୁ ତୋ ହାତ । ୨

ହଁ ଲୋ ଭଉଣୀ ହଁ ଲୋ ହଁ
ମନେ ପଡୁଅଛି ତୋ ଗେହ୍ଲା ମୁହଁ
ବଢେଇଦେଲି ମୁଁ ହାତ
ଦେ ଦେ ବାନ୍ଧି ରେଶମ ଡୋରିଟି
ଦେଖିଯିବା ଗାଁ ଯାତ । ୩

ସାନ ଭଉଣୀଟି ରାକ୍ଷୀଟେ ଆଣି
ବାନ୍ଧିଦେଲା ଭାଇ ମନକୁ ଜାଣି
ପାଦରେ ଛୁଆଁଇ ମଥା
କହିଲା- ଭାଇ ତୁ ଭଲରେ ରହିଥା
ହୋଇଥା ଜଗତଜିତା । ୪

ଗେହ୍ଲା ଭଉଣୀକୁ କୋଳେଇ ନେଲା
ଗେଲରେ ମୁଣ୍ଡକୁ ଆଉଁଶି ଦେଲା
କହିଲା-ରହିଥା ଭଲେ
ବିପଦେ ଆପଦେ ସାହା ମୁଁ ହୋଇବି
ଏଇଠୁ ଯୁଆଡ଼େ ଗଲେ । ୫

*ପାତ୍ରପଡା, ଭୁବନେଶ୍ୱର*
*ମୋ-୭୦୦୮୧ ୪୨୦୪୦*

# ରାକ୍ଷୀ

*ଜଗଦୀଶ ସାହୁ*

ଭାଇ ତୋ' ହାତରେ ବାନ୍ଧିଦେଲି ରାକ୍ଷୀ
ପର କରିବୁନି ମୋତେ
ପରକଲେ ତୁହି ଦୁଃଖୀ ହେବି ମୁହିଁ
କଷ୍ଟ ବି ଲାଗିବ ତୋତେ ।

ମୋ ପାଇଁ ମୋ ଭାଇ ଏଇ ଦୁନିଆରେ
ସବୁଠାରୁ ଭଲ ଭାଇ
ସାଙ୍ଗସାଥି ଆଗେ ଗରବ କରେ ମୁଁ
ପରଶଂସା ତୋର ଗାଇ
ଭଉଣୀର ଅଳି ଦେବୁନାହିଁ ଟାଳି
ଛାଇ ପରି ଥିବୁ ସାଥେ ।

ଯେଉଁଠି ମୁଁ ଥାଏ ଯେମିତି ମୁଁ ଥାଏ
ମନେ ପକେଇବି ଯେବେ
ସବୁ କାମ ଛାଡି ପାଶେ ପହଁଚିବୁ
ମନା କରିବୁନି କେବେ
ରାକ୍ଷୀ ଦେହେ ପରା ସେନେହ ଆଦର
ମମତା ଲୁଚିଛି କେତେ ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ*
*ମୋ-୯୦୭୮୧୮୫୬୧୬*



# ସୁନା ଭଉଣୀର ରାକ୍ଷୀ

*ପ୍ରଶାନ୍ତ କୁମାର ଦାଶ*

ସୁନା ଭଉଣୀ ମୋ ଚାହିଁ ବସିଥିବ
ଫେରିବି ସହରୁ ଗାଆଁ
ଦେଖିଦେଲେ ଖୁସୀ ହେଇ ଦେବ ହସି
ଦଉଡି ଆସିବ ଛାଆଁ ।।

ରଖିଥିବ କିଣି ନେଳି ନାଲି ରଙ୍ଗ
ରାକ୍ଷୀ ସେ ପାଖରେ ତାର
ପିନ୍ଧିବି ତା ରାକ୍ଷୀ ଦେବେ ଚକାଆଖି
ଆଶିଷର ବାରିଧାର ।।

ତା ଆଖିରୁ ଲୁହ ପୋଛି ତା ଓଠରେ
ଫୁଟାଇବି ହସଫୁଲ
କହୁଥିବ ସିଏ ହରଷେ ଉଛୁଳି
ଭାଇ ମୋର କେତେ ଭଲ ।।

ସ୍ନେହ ସମ୍ପର୍କର ରାକ୍ଷୀ ଅଟେ ସାକ୍ଷୀ
ଭାଇ ଭଉଣୀର ଭାବ
ଭଉଣୀର ଭାଇ ଉଛୁଳା ନଈରେ
ପାରି କରିବାକୁ ନାବ ।।

ଭଉଣୀ ଦେବ ମୋ ମଥାରେ ଚନ୍ଦନ
ମିଠାଟିଏ ଦେବ ଖୋଇ
ରାକ୍ଷୀର ପାଉଣା ଶରଧାରେ ଦେବି
ହସି ହସି ଖୁସୀ ହୋଇ ।।

ମୋ ଭଉଣୀ ଓଠେ ହସ ଥାଉ ସଦା
ଆଖି ଲୁହ ଯାଉ ଲିଭି
ମିଠା ସମ୍ପର୍କତ ଥିବ ଚିରଦିନ
ବିଭୁଙ୍କ ଆଶିଷ ଲଭି ।।

ବୋହୂ ସାଜି ସିଏ ଗଲେ ଶାଶୁ ଘର
ମନେ ପଡୁଥିବ ବେଶୀ
ଯିବି ତା ଘରକୁ ନେଇ ଲୁଗା ଭାର
ଦେଖି ହେବ ସିଏ ଖୁସୀ ।।

*କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଆଜି ପରା ରାକ୍ଷୀ ପୁନେଇଁ

*ନଗେନ୍ଦ୍ର ନାଥ ପଟ୍ଟନାୟକ*



ଅତି ସିଆଣୀ ବିଲେଇ ନାନୀ
ବୁଦ୍ଧି ତାର ଭାରି ପ୍ରଖର
ରାକ୍ଷୀ ପୁନେଇଁ ଦିବସେ ଦୂରୁ
ସେଲ୍ଫି ନେଲା ଭାଇ ମୂଷାର ।।
କହିଲା : ଭାଇ ଆସ ଚଞ୍ଚଳ
ଆଜି ପରା ରାକ୍ଷୀ ପୁନେଇଁ
ମଥାରେ ତୁମ ଲଗେଇ ଦେବି
ଚନ୍ଦନ ଟିପା କୋଳେଇ ।।
କହିଲା ପୁଣି ସ୍ନେହ ସରାଗେ
ମୋ ସୁନାମୂଷା ଭାଇରେ
ପିନ୍ଧାଇଦେବି ସୁନ୍ଦର ରାଖୀ
ମିଠା ଖୁଆଇ ଦେବିରେ ।।

ତୋ ପାଇଁ ପରା ଆଣିଚି କେତେ
ଦରବ ଆଖି ଝଲସା
ଡିବା ଭରତି ମିଠେଇ ସାଙ୍ଗେ
ଦେବିରେ ଭେଟି ସହସା ।।
ମୂଷିକ ରାଜା ବାରି ପାରିଲା
ବିଲେଇ ନାନୀ ଚାଲାକି
କହିଲା: ନାନୀ ସେଇଠି ଥାଅ
ଯିବିନି ତୁମ କତିକି ।।
ବେଗାବେଗି ସେ ପଠେଇଦେଲା
ଏସ୍‌ଏମ୍‌ଏସଟେ ଜବର
ଦେଲା ପଠେଇ ହ୍ୱାଟ୍ସଆପ୍‌ରେ
ରାକ୍ଷୀଟିଏ ଅତି ସୁନ୍ଦର ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# ଭାଇ ହାତରେ ବାନ୍ଧିବା ରାକ୍ଷୀ

*ଦୀନବନ୍ଧୁ ପୋଇ*

ଭାଇ ହାତରେ ବାନ୍ଧିବା ରାକ୍ଷୀ
ନୁହେଁ ଆଜିର କଥା
କାଳ କାଳରୁ ଚଳି ଆସିଛି
ଅଛି ପୁରାଣ ପ୍ରଥା ।
ଦେବାସୁରଙ୍କ ଯୁଦ୍ଧ ବେଳରେ
ଇନ୍ଦ୍ରାଣୀ ଇନ୍ଦ୍ର ହାତେ
ସୁଭଦ୍ରା ଶାଢି କୃଷ୍ଣଙ୍କ ହାତେ
ଚିରି ବାନ୍ଧିଲେ ସତେ ।
ଏମିତି ଥିଲା ତାଙ୍କରି ସ୍ନେହେଁ
ଶକ୍ତି ଯେ କେତେ କେତେ
ସୁରକ୍ଷା ପାଇ ସେ ଇନ୍ଦ୍ର କୃଷ୍ଣ
ସବୁ ଗଲେ ପରତେ ।
ପ୍ରତି ଦାନରେ ଭଉଣୀ ପାଇଁ
ନେଲେ ଶପଥ ସିଏ
ସୁରକ୍ଷା ଦେବେ ଭଉଣୀ ପାଇଁ
ଦେଲେ ଆଘାତ ଯିଏ ।



ଭାଇ ଭଉଣୀ ଅତୁଟ ସ୍ନେହ
ରଖଇ ଏଇ ଡୋର
କୃଷ୍ଣାଙ୍କ ଲଜ୍ୟା ସୁରକ୍ଷା କଲେ
କୁରୁ ସଭାରେ ତାର ।
ଗହ୍ମା ପୂନେଇଁ ଅଛି ଅନେଇ
ଭଉଣୀ ଭାଇ ପାଇଁ
ସରାଗେ କିଣି ରେଶମ ଡୋରୀ
ବାନ୍ଧିବ ହାତେ ନେଇ ।
ଭାଇ ହାତରେ ବାନ୍ଧିବା ରାକ୍ଷୀ
କରି ଜଗାକୁ ଅଳି
ସୁଖରେ ଥାଉ ଭାଇ ଆମର
ବିପଦ ଦିଅ ଟାଳି ।

*ଗୋରଡ଼ାପାଳ, କରମୁଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*

# ରକ୍ଷା ବନ୍ଧନ ଆଜି

*ନିରଞ୍ଜନ ସାହୁ*

ଗହ୍ମା ପୁନେଇଁ ଆସିଛି ପରା
ରକ୍ଷା ବନ୍ଧନ ସାଜି
ଭାଇ ହାତରେ ରାକ୍ଷୀ ବାନ୍ଧିବ
ସୁନା ଭଉଣୀ ଆଜି ।
ଭାଇ ତାହାର ଅତି ଆପଣା
ତାପରି ହେବ କିଏ
ସୁଖଦୁଃଖରେ ଭଲମନ୍ଦରେ
ଠିଆ ହୋଇବ ଯିଏ ।
କାନ୍ଦିଲେ ସିଏ ଆଖିରୁ ଲୁହ
ଭାଇ ତ ପୋଛି ଦେବ
ବାହା ହୋଇଲେ ତାହା ଘରକୁ
ଭାର ବୋହିକି ନେବ ।
ବିପଦ ଯେତେ ପଡିଲେ ପଡୁ
ତହିଁକି ନାହିଁ ଡର
ଭାଇ ତାହାର ପାଖରେ ଥିଲେ
ଝରିବ ଖୁସି ଝର ।
ତାହାର ଅଳି ଅରଦଳିକୁ
ଭାଇ ପୂରଣ କରେ
ଭାଇ ହସିଲେ ଜଗତ ହସେ
କାନ୍ଦିଲେ ସୁଖ ସରେ ।
ରାକ୍ଷୀ ବାନ୍ଧିବ ଟିକେ କାନ୍ଦିବ
କହିବ, ଶୁଣ ଭାଇ,
ମୋର ସୁରକ୍ଷା ତୁମରି ହାତେ
ପହଞ୍ଚି ଯିବ ଯାଇ ।
ଧନସମ୍ପତ୍ତି ମାଗୁନି କେବେ
କରିବ ନାହିଁ ପର
କହିବ ନାହିଁ କାମରେ ମୋତେ
ମିଳୁନି ଅବସର ।
ଭାଇକୁ ଆଜି ବସାଇ ଦେବ
ଆସନଟିଏ ଆଣି
ଭାଇ ବସିଲେ ଖୁସି ହୋଇବ
ଭାଷିବ ମିଠା ବାଣୀ ।



ଚନ୍ଦନ ସାଥେ ସିନ୍ଦୂର ଟିକେ
ଲଗାଇ ଦେବ ସିଏ
ଦୁବ, ଅକ୍ଷତ, ଫୁଲ ପକାଇ
ବାନ୍ଧିବ ରାକ୍ଷୀଟିଏ ।
ବନ୍ଦାପନା ସେ କରି ଯତନେ
ପ୍ରଣାମ ବାଢି ଦେବ
ଭାଇର ମୁହଁ ମିଠା କରିବ
ଉପହାରଟି ନେବ ।
ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ
ସୁଭଦ୍ରା ଯେଉଁପରି
ଭାଇଭଉଣୀ ସମ୍ପର୍କେ ବନ୍ଧା
ଅଛନ୍ତି ଯୁଗ ଧରି ।
ସେହିପରି ସେ ଆଶା କରିବ
ଏହି ଜନମ ପାଇଁ
ଭାଇ ତାହାର ରକ୍ଷା କବଚ
ଆସିବ ଦୂରୁ ଧାଇଁ ।

*ନିହଲ ପ୍ରସାଦ, ଗଁଡିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଏମିତି ଦିନ ସେ ରକ୍ଷା ବନ୍ଧନ

*ନୀଳମଣି ଚାନ୍ଦ*

ଏମିତି ଦିନ ସେ ଏମିତି ଦିନ
ଶ୍ରାବଣ ପୂର୍ଣ୍ଣିମା, ରକ୍ଷାବନ୍ଧନ।
ଗହ୍ମାପର୍ବ, ବଳଦେବଙ୍କ ଜନ୍ମ
ଝୁଲଣ ଯାତର ଏ ଶେଷ ଦିନ।
କୁନି ଝିଅ ମୁନ୍, ସର, ସନେଇ
ରହିଥାନ୍ତି କେତେଦିନୁ ଅନେଇ ।
ଗେହ୍ଲାଭାଇ ହାତେ ବାନ୍ଧିବେ ରାକ୍ଷୀ
ଆ ଗେହ୍ଲା ଭାଇ ଆଦରେ ଡାକି।
ଭାଇ ପାଇଁ ଶୁଭକାମନା କରେ
ସେନେହ ମମତା ମନରେ ଭରେ ।
ଭଉଣୀକୁ ରକ୍ଷା କରିବା ପାଇଁ
ଭାଇର ସଂକଳ୍ପ କେ ଜାଣେ ନାହିଁ ।
ଇତିହାସ ପୁରାଣରେ ବର୍ଣ୍ଣିତ
ଏପର୍ବ ମହାନ୍ ଅଟେ ପବିତ୍ର।
ଆମେ ଜାଣୁ ହିନ୍ଦୁ ପରବ ପରା
କେତେ ଗାଥାରେ ତ ସିଏରେ ଭରା।
ଏମିତି ଦିନ ସେ ରକ୍ଷାବନ୍ଧନ
ଭଉଣୀ କରଇ ପୂଜା, ବନ୍ଦନ ।

*ମନ୍ତ୍ରମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଆସିଛି ରାକ୍ଷୀ ପରବ...

*ରାମଚନ୍ଦ୍ର ବେହେରା*

ପୂଣ୍ୟ ଶିରାବଣ ପୁନେଇଁ ତିଥିରେ
ଆସିଛି ରାକ୍ଷୀ ପରବ
ଅଲିଅଳି ଜେମା ରେଶମ ଡୋରୀକୁ
ଭାଇର ହାତେ ବାନ୍ଧିବ।
ଭାଇର ମଙ୍ଗଳ କାମନା କରିବ
ପ୍ରଭୁଙ୍କୁ ହୃଦେ ସୁମରି
ଭାଇ ତା' ସାଜିବ ସୁରକ୍ଷା କବଚ
ଆପଦେ ସାହସ ଭରି।
ଏହି ପୁଣ୍ୟ ଦିନେ ଗୋ' ମାତାଙ୍କ ପୂଜା
କରିବେ ରାଇଜେ ଜନେ
ପ୍ରଭୁ ବଳିଆଙ୍କ ଜନ୍ମ ଦିବସକୁ
ପାଳିବେ ହରଷ ମନେ।
ଆସ ମିଳିମିଶି ରାକ୍ଷୀ ପରବରେ
ପାଖ ବନ୍ୟାଞ୍ଚଳ ଯିବା
ଗରିବ ଶିଶୁଙ୍କୁ ରାକ୍ଷୀ ବାନ୍ଧି ଆମେ
ସାଥୀର ଦରଜା ଦେବା।
ଆପଣାର ଭାବି ମିଠା କଥା କହି
ବାଣ୍ଟିବା ସ୍ନେହ ମମତା
ତାଙ୍କ ମୁହେଁ ହସ ଭରିଦେଲେ ଆମେ
ଆଶିଷ ଦେବେ ବିଧାତା।
ଶିଶୁ ବୋଲି ଆମେ ନିଜକୁ ନ'ମଣି
କରିବା ମହତ କାମ
ଗୋପବନ୍ଧୁ ସାଜି ଦୁଃଖୀ ସେବା କରି
ରାଇଜେ ରଖିବା ନାମ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ସହିଦ ଭାଇଙ୍କୁ ରାକ୍ଷୀ

*ସୁଧାକର ରାଉତ*

ତୁମେ ପରା ଭାଇ କହି ଯାଇଥିଲ
ପୂର୍ଣ୍ଣିମା ପୂର୍ବରୁ ଫେରି
ମୋ ହାତରୁ ରାକ୍ଷୀ ପିନ୍ଧିବ ନିଶ୍ଚୟ
କରିବନି ବୋଲି ଡେରି ।

ମାତ୍ର ଅକାଳରେ ବଜ୍ରପାତ ହେଲା
କି କଲା ଦାରୁଣ ବିହି
ଆତଙ୍କବାଦୀଙ୍କ ବର୍ବର କାଣ୍ଡରେ
ଗଲଟି ସହିଦ୍ ହୋଇ ।

ହୃଦ ବିଦାରକ ସେ ସମ୍ବାଦ ଶୁଣି
ବୋଉର ଅନ୍ତର ବ୍ୟଥା
ଭାଷା ନାହିଁ ମୋ ପାଖରେ କହିବାକୁ
ଘୁରି ଯାଉଛି ମୋ ମଥା ।

ପିତାଙ୍କ ଅକାଳ ବିୟୋଗ ପରେ ତ
ତୁମେ ଥିଲ ଆମ ସାହା
ମୋର ପ୍ରେରଣାର ଉତ୍ସ ଥିଲ ଏକା
ଦେଖାଉଥିଲଟି ରାହା ।

ଆଖିରେ ଆଖିଏ ସ୍ୱପ୍ନ ଥିଲି ଭରି
ତୁମକୁ କରିଣ ଆଶା
ଅବର୍ତ୍ତମାନେ ଝୁରି ଝୁରି ମରୁଛି
ଅନ୍ଧକାର ଦିଶେ ଦିଶା ।

ବୋଉର ଆଖିରୁ ଅଦ୍ୟାବଧି ପରା
ବୋହୁଛି ତତଲା ଲୁହ
ତା ଅନ୍ଧଲଉଡ଼ି ତୁମ ବିନା କୁହ
କେ ବୁଝିବ ତାର କୋହ ।

ବିଧିର ବିଧାନ କେ କରିବ ଆନ
ଧୈର୍ଯ୍ୟ ଏବେ ସାଥି ଆମ
ଅଫେରା ରାଇଜେ ଥାଇ ଦେଖ ବାରେ
ବଞ୍ଚିଛୁ ମରିବା ସମ ।

ରଖିଥିଲି ଯେଉଁ ରାକ୍ଷୀଟି ସାଇତି
ବାନ୍ଧିବାକୁ ତୁମ ହାତେ
ସେ ପୁରରେ ଥାଇ ଘେନିବ ତାହାକୁ
ନ ଭାବିଣ ପର ମୋତେ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*



# ଭାଇ ହାତରେ ବାନ୍ଧିବି ରାକ୍ଷୀ

*ମହେନ୍ଦ୍ର କୁମାର ଘଡ଼େଇ*

ଚିକିମିକିଆ ରେଶମୀ ଡୋରି
ଆଣିଛି ବାଛିବାଛି
ତା' ଦେହେ ମୋର ସିନିହ ଆଉ
ସୋହାଗ ଭରିଅଛି ।
ସୂତା ଖଣ୍ଡିଏ ଜମାରୁ ନୁହେଁ
ରକ୍ଷା କବଚଟିଏ
ଭାଇ ହାତରେ ରହି ତା' ଦୁଃଖ
ଛାଏଁ ଦୂରେଇ ଦିଏ ।
ଅନେଇଥିବ ପିନ୍ଧିବା ପାଇଁ
ଭାଇ ମୋ' ସରାଗରେ
ଅତୁଟ ଭାବ ବନ୍ଧନ ଆଣି
ଦେବ ସେ ଏଇ ପୁରେ ।
ଶୁଭ ମନାସି ଭାଇ ହାତରେ
ବାନ୍ଧିବି ମୋର ରାକ୍ଷୀ
ବିପଦ ବେଳେ ସାହାହେବାକୁ
ରହିବ ସିଏ ସାକ୍ଷୀ ।
ଭାଇ ମୋହର ଜଗତଜିତା
ତା'ପରି କିଏ ହେବ
ଭାଙ୍ଗି ହଜିବା ଦରବ ପୁଣି
ହାତେ ଗଢ଼ାଇ ଦେବ ।
ଜନମ ଦିନେ ବଳଦେବର
ସାଥେ ଗୋମାତା ପୂଜା
ଝୁଲଣ ବେଦୀ ଦେଖି ଆସିଲେ
ଲାଗିବ ବଡ଼ ମଜା ।
ଅକାମ ଛାଡ଼ି ଦେଲେ ବରତେ
ମିଳିବ ନାହିଁ ସଜା
ଭଲ ମନରେ ଭଲ ଗୁଣରେ
ହୋଇବା ଆମେ ରାଜା ।

*କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି*
*ମୋ-୯୪୩୭୭୪୦୫୬୬*

# ପାଳିବା ରାକ୍ଷୀ ପରବ

*ସୁରମା ମିଶ୍ର*

ଆଲୋ ଚୁଟକୀ ଆସଲୋ ପିହୁ
ବଜାରକୁ ଦୁହେଁ ଯିବା
ଭାଇ ପାଇଁ ଆମେ ସୁନ୍ଦରିଆ ରାକ୍ଷୀ
ବାଛିବାଛି କିଣି ଦେବା ॥

ବୋଉ ସଜାଡ଼ିବ ପୂଜା ଥାଳି
ଦୁବ ବରକୋଳି ପତ୍ର ଥୋଇ
ଚନ୍ଦନ ସିନ୍ଦୂର ଧୂପଦୀପ ଆଉ
ଫୁଲ ନଇବେଦ୍ୟ ଦେଇ ॥

ଭାଇ ମୁଣ୍ଡେ ଦେବା ଚନ୍ଦନ ସିନ୍ଦୂର
ହାତେ ଦେବା ବାନ୍ଧି ରାକ୍ଷୀ
ଦୁବ ଚାଉଳରେ ବନ୍ଦାଇ ଦେବା ଲୋ
ଦୀପ ଟାକୁ ଜାଳି ରଖି ॥

ପ୍ରଣାମ କରିବା ପାଦ ଛୁଇଁ ତାର
ମିଠାଟେ ଦେବା ଖୁଆଇ
ଖୁସି ହୋଇ କେତେ ଉପହାର ଆଣି
ଆମ ହାତେ ଦେବ ଭାଇ ॥

ଗଛରେ ରାକ୍ଷୀଟେ ବାନ୍ଧିବା ଆମେ ଲୋ
ଦିଏ ସେ ସଦା ସୁରକ୍ଷା
ଭରପୂର ଅମ୍ଳଜାନ ଦେଇଣ ସେ
ଜୀବନ କରଇ ରକ୍ଷା ॥

ବରଷା ରାଣୀ ତୁ ରିମ୍ ଝିମ୍ ସ୍ୱରେ
ଗାଆ ଲୋ ଗୀତଟେ ଗାଆ
ସେ ସ୍ୱରରେ ତାଳ ଦେଇ ନାଚିବୁଲୋ
ଦେଖି ଦେଇ ଥରେ ଯାଆ ॥

ଗୋ ମାତା ଆମର ମାଆ ସମାନ ଲୋ
ତା ମୁଣ୍ଡେ ହଳଦୀ ଦେଇ
ଫୁଲ ତୋଳି ଆଣି ମାଳ ଗୁନ୍ଥି ଆମେ
ତା ବେକେ ଦେବା ପିନ୍ଧାଇ ॥

ବୋଉ ଠାରୁ କ୍ଷୀରି ପିଠା ମାଗି ଆଣି
ଦେବା ଲୋ ତାକୁ ଖୁଆଇ
ତା ପେଟ ପୁରିଲେ ଖୁସି ହୋଇ ସିଏ
ଲାଞ୍ଜଟି ଦେବ ହଲାଇ ॥

ବଳଭଦ୍ରଙ୍କର ଜନ୍ମଦିନ ଆଜି
ସ୍ୱଭାବ କବିଙ୍କ ଜନ୍ମ
କାବ୍ୟ କବିତାର ମଉଡ଼ମଣି ସେ
ଆମ ରାଇଜର ମାନ ॥

ଏ ପର୍ବ ଆମର ପୂର୍ବ ପରମ୍ପରା
ଆମ ଅସ୍ମିତା ଅଟଇ
ଭୁଲିବାନି କେହି ଭୁଲି ଯିବା ନାହିଁ
ପାଳିବା ମନେ ପକାଇ ॥



*ବିଏଲ୍ ୩୯, ଭିଏସ୍‌ଏସ୍ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଗହ୍ମା ପରବରେ ରକ୍ଷା ବନ୍ଧନ

*ପ୍ରଫୁଲ୍ଲ କୁମାର ସାହୁ*



ଶ୍ରାବଣ ଶେଷେ ଗହ୍ମା ପରବ
ଲୋକେ ପାଳନ୍ତି ମିଶି,
ଭାଇ ହାତରେ ଭଉଣୀ ବାନ୍ଧେ
ରାକ୍ଷୀ ହୋଇ ଯେ ଖୁସି ।୧।

ସ୍ନେହ ଶରଧା ଭାବର ଡୋରି
ଅଟଇ ଏହି ରାକ୍ଷୀ,
ଭାଇ ହାତରେ ଭଉଣୀ ପାଇଁ
ଅଟେ ସୁରକ୍ଷା ସାକ୍ଷୀ ।୨।

ଭଉଣୀ ପାଶେ ଭାଇଟି ଥିଲେ
ନଥାଏ ତା'ର ଡର,
ଜୀବନ ସାରା ନିଜ ଭାଇକୁ
ନ ଭାବେ କେବେ ପର ।୩।

ଏହି ଦିନରେ ଶ୍ରୀ ବଳଦେବ
ମର୍ତ୍ତ୍ୟରେ ଅବତରି,
ଦେବତା ଭାବେ ପାଆନ୍ତି ପୂଜା
ସେ ଯେ, କଂସ ନିଧନକାରୀ ।୪।

ଝୁଲଣ ଯାତ ହୁଏ ପାଳନ
ମଠ ଯେ ମନ୍ଦିରରେ,
ଆସରେ ଯିବା ବୁଲି ଦେଖିବା
ସାଥିଙ୍କ ସହ ଥରେ ।୫।

ବରଷେ ଥରେ ପ୍ରତିଟି ଘରେ
ଗହ୍ମା ପରବ ପାଇଁ,
ଗୋମାତାଙ୍କର ହୁଅଇ ପୂଜା
ପୂଜଇ ଚଷା ଭାଇ ।୬।

ଗାଧୋଇ ଦେଇ ଫୁଲ ପିନ୍ଧାଇ
ଶିଙ୍ଘରେ ବୋଳି ତେଲ,
ସିନ୍ଦୂର ଦେଇ ସଜାଇ ଦେଲେ
ଦିଶନ୍ତି କେତେ ଭଲ ।୭।

ମାଆ କରନ୍ତି ଚକୁଳି ପିଠା
ବିରି ଚାଉଳ ନେଇ,
ପୂଜା ଶେଷରେ ଗୋ ମାତାଙ୍କୁ
ବାପା ଦିଅନ୍ତି ଖୋଇ ।୮।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୩୮୩*

# ଗଛରେ ବାନ୍ଧିବା ରାକ୍ଷୀ

*ଧ୍ରୁବ ଚରଣ ଘିବେଲା*

ସବୁ ବର୍ଷ ପରି ଏଇ ବରଷ ବି
ଆସିଛି ରାକ୍ଷୀ ପୁନେଇଁ
ଭଉଣୀ ଶ୍ରଦ୍ଧାରେ ଭାଇର ହାତରେ
ରାକ୍ଷୀ ବାନ୍ଧି ଦେଇ ଥାଇ ।
ସ୍ନେହ ଓ ଶ୍ରଦ୍ଧାର ପ୍ରତୀକ ଅଟଇ
ସୂତା ତିଆରି ସେ ରାକ୍ଷୀ
ଭଉଣୀ ସୁରକ୍ଷା ଦାୟିତ୍ୱ ଭାଇର
ରାକ୍ଷୀ ରହିଥାଏ ସାକ୍ଷୀ ।
ନୁହେଁ ସାଧାରଣ ସୂତା ଖଣ୍ଡଟିଏ
କେବେ ହେଲେ ସେଇ ରାକ୍ଷୀ
ସୁରକ୍ଷା ସନ୍ତକ ସୁରକ୍ଷା ସୂଚକ
ଅଟେ ଅସାମାନ୍ୟ ରାକ୍ଷୀ ।
ଆଜିର ଦିନରେ ଗଛର ସୁରକ୍ଷା
ଲୋଡ଼ା ପରିବେଶ ପାଇଁ
ଗଛ ନ ରହିଲେ ଗଛ ଅଭାବରେ
ପରିବେଶ ନଷ୍ଟ ଯାଇ।
ଗଛ ଲଗାଇବା ଗଛ ଜଗାଇବା
ଆଜି ଦିନରେ ଜରୁରୀ
ଗଛ ପାଇଁ ସିନା ବରଷା କାଳରେ
ବରଷେ ବରଷା ବାରି ।
ରାକ୍ଷୀ ପୁନେଇଁରେ ଗଛର ଦେହରେ
ରାକ୍ଷୀ ବାନ୍ଧି ଶରଧାରେ
ଗଛର ସୁରକ୍ଷା ପାଇଁ କି ଶପଥ
ନେବା ଆମେ ହରଷରେ ।



ଗଛ ରହିଲେ ହିଁ ରହିବ ଜୀବନ
ଜିଇଁବେଟି ଜୀବଜନ୍ତୁ
ଗଛ ନ ରହିଲେ ଆଉକି ରହିବେ
ଧରା ପରେ କେତେ ଜନ୍ତୁ ।
ଆଜିଠୁ ସଭିଏଁ ଜାଗିକି ରହିବା
ଗଛରେ ବାନ୍ଧିବା ରାକ୍ଷୀ
ରାକ୍ଷୀ ବାନ୍ଧି ଦେଇ ଖୁସି ଅନୁଭବି
ଗଛଠି ରଖିବା ଆଖି ।

*ବଉଦରାଜ-୭୬୨୦୧୪, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ରାକ୍ଷୀରେ ରାକ୍ଷୀ

*ଶିବପ୍ରସାଦ ଚାନ୍ଦ*

ରାକ୍ଷୀରେ ରାକ୍ଷୀ,
ଭାଇ, ଭଉଣୀର ପବିତ୍ର ବନ୍ଧନ
ଯୁଗ ଯୁଗ ଲାଗି ତୁ ପରା ସାକ୍ଷୀ ।
ରାକ୍ଷୀ ପୁନେଇଁ,
ଗେହ୍ଲୀ ଭଉଣୀଟି ଚାହିଁ ବସି ଅଛି
ଭାଇ ହାତେ ରାକ୍ଷୀ ବାନ୍ଧିବା ପାଇଁ ।
ରକ୍ଷା ବନ୍ଧନ,
ଶ୍ରୀମନ୍ଦିର ଆଜି ଗହଳ ଚହଳ
ବଳଭଦ୍ରଙ୍କର ଜନମ ଦିନ ।
ରାକ୍ଷୀରେ ରାକ୍ଷୀ,
ଭଉଣୀ ସୁଭଦ୍ରା ଚାହିଁ ବସିଛନ୍ତି
ଜଗା, ବଳିଆଙ୍କୁ ବାନ୍ଧିବେ ରାକ୍ଷୀ।
ରାକ୍ଷୀରେ ରାକ୍ଷୀ,
କିଏ କହେ ତୋତେ ସୂତା ଖିଏ ବୋଲି
ପବିତ୍ର ସମ୍ପର୍କ ଧରିଛୁ ରଖି ।
ରାକ୍ଷୀ ତୁ ରାଣୀ,
ଦ୍ରୌପଦୀ ବାନ୍ଧିଲେ ଶ୍ରୀକୃଷ୍ଣଙ୍କ ହାତେ
ଏହା ପୁରାଣର ଲେଖା କାହାଣୀ ।
ରାକ୍ଷୀ ତୁ ଶୁଣ,
ଘରେ ଘରେ ବୁଲି ଖୁସି ବାଣ୍ଟି ଦେବୁ
ରାକ୍ଷୀ ତୋତେ ମୋର ରହିଲା ରାଣ ।

*ପୁରୁଣିଆଁ, କେନ୍ଦୁଝର*
*ଦୂରଭାଷ-୯୪୩୮୧୬୦୫୪୫*

# ଆଜି ପଞ୍ଚମ ସ୍ଥାନ ପାଇଁ ଲଢ଼ିବ ଭାରତୀୟ ମହିଳା ହକି ଦଳ

**ଆମଷ୍ଟେଲଭୀନ**

ଚଳିତ ଏଫଆଇଏଚ୍ ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡର ଶେଷ ଗ୍ରୁପ୍-ଇ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସହ ଗୋଲ୍ ଶୂନ୍ୟ ଅମୀମାଂସିତ ରଖିବା ପରେ ଭାରତର ସେମିଫାଇନାଲ୍ ଖେଳିବା ଆଶା ମଉଳି ଯାଇଥିଲା। ଏବେ ଦଳ ପଞ୍ଚମ ସ୍ଥାନ ଲାଗି ଗୁରୁବାର ଜର୍ମାନୀ ବିପକ୍ଷରେ ଖେଳିବ। ୧୯୭୪ ବିଶ୍ୱକପ୍‌ରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ ଚତୁର୍ଥ ସ୍ଥାନରେ ରହିଥିଲା। ଯାହା ବିଶ୍ୱକପ୍‌ରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ରହିଆସିଛି। ଏହା ପରେ ଭାରତ ୧୯୭୮ରେ ସପ୍ତମ ସ୍ଥାନରେ ରହିବା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇଥିଲା। ଏହି ରେକର୍ଡକୁ ଭାରତ ପଛରେ ପକାଇ ଦେଇଛି। ହେଲେ ଜୋୟର୍ଡ ମାରିନ୍‌ଙ୍କ ଦଳ ଜର୍ମାନୀକୁ ହରାଇ ପଞ୍ଚମ ସ୍ଥାନରେ ରହିବା ଲକ୍ଷ୍ୟ ରଖିଛି। ଏହି ବିଜୟ ଖାଲି ପଞ୍ଚମ ସ୍ଥାନ ନୁହେଁ ସେପ୍ଟେମ୍ବରରେ ହେବାକୁ ଥିବା ଏସୀୟ କ୍ରୀଡ଼ା ପୂର୍ବରୁ ଭାରତର ମନୋବଳକୁ ଦୃଢ଼ ରଖିବ। ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ସିଧାସଳଖ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବ।

ଆମଷ୍ଟେଲଭୀନରେ ଭାରତୀୟ ମହିଳା ଦଳ କେବଳ ଗୋଟିଏ ମ୍ୟାଚ୍ ନେଦରଲାଣ୍ଡ୍‌ସ ବିପକ୍ଷରେ ହାରିଥିଲା। ନିଜଠୁ ଉଚ୍ଚମାନ୍ୟାତରେ ଥିବା ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅମୀମାଂସିତ ରଖିଥିଲା। ହେଲେ ଗୋଲ୍ କରିବାରେ ପଛରେ ପଡ଼ି ସେମିଫାଇନାଲ୍ ଖେଳିବାରୁ ବଞ୍ଚିତ ହୋଇଥିଲା। ଦୀପିକା ଓ ନବନୀତ କୌର ୨ଟି ଲେଖାଏଁ ଗୋଲ୍ କରିଥିଲେ ମଧ୍ୟ ସର୍ଟକର୍ଣ୍ଣରରୁ ଗୋଲ୍‌ରେ ପରିଣତ କରିବାରେ ବିଫଳ ହେବା ଦଳ ପାଇଁ ଭାରି ପଡ଼ିଥିଲା। ଏମାନଙ୍କୁ ଏହି ଭୁଲ୍ ସୁଧାରିବାକୁ ପଡ଼ିବ। ଯାହା ଭାରତର ଗୋଲ୍ ସଂଖ୍ୟା ବଢ଼ାଇବ।

# ଚତୁର୍ଥ ଟେଷ୍ଟ : ବିଜୟର ଦ୍ୱାରଦେଶରେ ଟିମ୍ ଇଣ୍ଡିଆ

**କଲମ୍ବୋ**



କଲମ୍ବୋରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିନ ଶେଷ ହୋଇଛି। ଫଲୋଅନ୍ ମିଳିବା ପରେ ଆୟୋଜକ ଶ୍ରୀଲଙ୍କା ୧୬ ରନର ଅଗ୍ରଣୀ ପାଇଛି। ଏହିଠାରୁ ପଞ୍ଚମ ଦିନରେ ଭାରତର ବିଜୟ ପ୍ରାୟ ନିଶ୍ଚିତ ମନେ ହେଉଛି। ବର୍ଷା ଯୋଗୁ ବୁଧବାର ମ୍ୟାଚ୍ ଶୀଘ୍ର ଶେଷ ହୋଇଥିଲା। ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ଶ୍ରୀଲଙ୍କା ୭୨.୪ ଓଭରରେ ୬ ୱିକେଟ ହରାଇ ୨୨୯ ରନ କରିଛି। ସୋନାଲ ଦିନୁଶା ୭ ଏବଂ କେଶରା ନୁୱାନ୍ଥା ୩ ରନ କରି ଅପରାଜିତ ଅଛନ୍ତି।

ଚତୁର୍ଥ ଦିନ, ଶ୍ରୀଲଙ୍କା ତା'ର ପ୍ରଥମ ଇନିଂସରେ ୨୬୫/୮ ସ୍କୋରରୁ ଆରମ୍ଭ କରିଥିଲା। ସେମାନେ ପ୍ରାୟ ପାଞ୍ଚ ଓଭରରେ ୨୯୦ ରନରେ ଅଲଆଉଟ୍ ହୋଇଯାଇଥିଲେ। ସେଠାରୁ, ଟିମ୍ ଇଣ୍ଡିଆ ପାଖରେ ୨୧୩ ରନର ଲିଡ୍ ରହିଥିଲା। ଫଲୋଅନ ଏଡ଼ାଇ ପାରିଲାନି ଶ୍ରୀଲଙ୍କା। ଏହା ପରେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ମଧ୍ୟ ଶ୍ରୀଲଙ୍କାକୁ ଫଲୋଅନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ପାଇଁ ଆମନ୍ତ୍ରିତ କରିଥିଲେ।

ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ବହୁତ କିଛି କରିପାରି ନଥିଲା। ଏଠାରେ ମଧ୍ୟ ଦଳ ଶୀଘ୍ର ୱିକେଟ୍ ହରାଇଥିଲା। ପ୍ରଥମ ଝଟ୍‌କା ଲାହିରୁ ଉଡାରା (୩) ରନ୍‌ରେ ଆଉଟ୍ ହୋଇଥିଲେ। ଏହା ପରେ ୬୩ ରନ୍‌ରେ ଦ୍ୱିତୀୟ ୱିକେଟ୍ ପଡ଼ିଥିଲା। ୧୭୮ ରନ୍‌ରେ ତୃତୀୟ ୱିକେଟ୍ ପତନ ପୂର୍ବରୁ ଇନିଂସ କିଛି ସମୟ ପାଇଁ ସ୍ଥିର ହୋଇଥିଲା। ପାସିନ୍ଦୁ ସୁରିୟାବନ୍ଦରା ଏବଂ କାମିନ୍ଦୁ ମେଣ୍ଡିସ୍ ତୃତୀୟ ୱିକେଟ୍ ସୁଦ୍ଧା ୧୧୫ ରନ୍ ଯୋଡ଼ିଥିଲେ। ପାସିନ୍ଦୁ ଦଳର ସର୍ବାଧିକ ୯୨ ରନ୍‌ର ଇନିଂସ ଖେଳିଥିଲେ, ଯେଉଁଥିରେ ୧୦ ଚୌକା ଏବଂ ୧ ଛକା ଅନ୍ତର୍ଭୁକ୍ତ ଥିଲା। ମେଣ୍ଡିସ୍ ୫୫ ରନ୍ କରିଥିଲେ।

ଏହି ଭାଗୀଦାରି ପରେ, ଶ୍ରୀଲଙ୍କା ପୁଣି ଥରେ ସନ୍ତୁଳନ ହରାଇଥିଲା। ଦଳ ୨୦୯ ରନରେ ଚତୁର୍ଥ, ୨୧୨ ରନରେ ପଞ୍ଚମ ଏବଂ ୨୧୮ ରନରେ ଷଷ୍ଠ ୱିକେଟ ହରାଇଥିଲା। ଭାରତ ପାଇଁ ମାନବ ସୁଥାର ଦୁଇଟି ୱିକେଟ ନେଇଥିଲେ। ପ୍ରସିଦ୍ଧ କୃଷ୍ଣ, ମହମ୍ମଦ ସିରାଜ, ସରାଂଶ ଜୈନ ଏବଂ ରବିନ୍ଦ୍ର ଜାଡେଜା ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଶେଷ ଦିନରେ ଶ୍ରୀଲଙ୍କା ଭାରତ ପାଇଁ କେତେ ଟାର୍ଗେଟ ରଖିପାରିବ ତାହା ଦେଖିବା ଆକର୍ଷଣୀୟ ହେବ।

# ପ୍ରତିଭା ଆଗରେ ହାର ମାନିଲା ଦାରିଦ୍ର୍ୟ : ଦେଶ ପାଇଁ ଚୀନ୍‌ରେ ଖେଳିବେ ସନ୍ଧ୍ୟାରାଣୀ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ବ୍ଲକ ଅନ୍ତର୍ଗତ ରାଧିକାଶୋଳ ଗ୍ରାମର ଅତି ସାଧାରଣ ଚାଷୀ ପରିବାରର ଝିଅ ସନ୍ଧ୍ୟାରାଣୀ ଟୁଡୁ ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଚୀନ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ ରଗ୍‌ବୀ ସେଭେନ୍ସ ସିରିଜ୍‌ରେ ଭାରତୀୟ ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବାରିପଦା ସ୍ଥିତ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ, ସମସ୍ତ କୋଚ୍ ଓ ବିଶେଷ ଭାବରେ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ଗତ ବର୍ଷ ମଧ୍ୟ ସେ ଏସୀୟ ରଗ୍‌ବୀ ସିରିଜ୍‌ରେ ଟପ୍ ସ୍କୋରର ଭାବେ ପୁରସ୍କୃତ ହୋଇଥିଲେ। ଜାତୀୟ ସ୍ତରରେ ଓଡ଼ିଶା ପାଇଁ ବହୁବାର ପଦକ ଜିତିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଗୋଟିଏ ଗରିବ ପରିବାରରୁ ଆସି ଜାତୀୟ ଦଳରେ ସ୍ଥାନ ପାଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବା ସହ ପ୍ରମାଣ କରିଦେଇଛନ୍ତି। ପ୍ରତିଭା ଓ ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁ ବାଧାବିପତ୍ତି ସବୁ କାଳରେ ପରାଜିତ ହୁଏ। ଖବର ପାଇ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ସମସ୍ତ କ୍ରୀଡ଼ାପ୍ରେମୀ, ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାବାସୀ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେ ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି କାମନା କରିଛନ୍ତି। ସନ୍ଧ୍ୟାରାଣୀଙ୍କ ଏହି କଠିନ ପରିଶ୍ରମ ଓ ସମର୍ପଣ ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ୍, ସାଇ କିରଣ ନାୟକ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ସହଯୋଗ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଶ୍ରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆଇସିସି ଟେଷ୍ଟ ର୍‍ୟାଙ୍କିଂ

# ବୁମ୍‌ରାଙ୍କୁ ପଛରେ ପକାଇ ନଂ-୧ ଟେଷ୍ଟ ବୋଲର ହେଲେ ଷ୍ଟାର୍କ

**ଦୁବାଇ**



ଆଇସିସି ବୁଧବାର ପୁରୁଷ ଟେଷ୍ଟ ଖେଳାଳିଙ୍କ ସଦ୍ୟତମ ର୍‍ୟାଙ୍କିଂ ଜାରି କରିଛି। ଟେଷ୍ଟ ବୋଲିଂ ର୍‍ୟାଙ୍କିଂରେ ଜସପ୍ରୀତ ବୁମ୍ରା ନିଜ ନମ୍ବର ୱାନ୍ ସ୍ଥାନ ହରାଇଛନ୍ତି। ଅଷ୍ଟ୍ରେଲିଆର ପେସର ମିଚେଲ ଷ୍ଟାର୍କ ଦୁଇଟି ସ୍ଥାନ ଉପରକୁ ଉଠି ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି। ଷ୍ଟାର୍କଙ୍କ ଖାତାରେ ବର୍ତ୍ତମାନ ୮୭୨ ରେଟିଂ ପଏଣ୍ଟ ରହିଛି। ନିକଟରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘାତକ ବୋଲିଂ କରି ଷ୍ଟାର୍କ ୧୦ଟି ୱିକେଟ ହାସଲ କରିଥିଲେ। ୩୬ ବର୍ଷୀୟ ଷ୍ଟାର୍କ ର୍‍ୟାଙ୍କିଂରେ ପ୍ରଥମ ଥର ପାଇଁ ନମ୍ବର-୧ ଟେଷ୍ଟ ବୋଲର ହୋଇଛନ୍ତି। ସେ ନିଜର ୧୫ ବର୍ଷର ଟେଷ୍ଟ କ୍ୟାରିୟରରେ ଅଧିକାଂଶ ସମୟ ଟପ୍ ୧୦ରେ ରହିଥିଲେ ଏବଂ ଗତ ବର୍ଷ ଶେଷରେ ଆସେସ୍ ସିରିଜରେ ଭଲ ପ୍ରଦର୍ଶନ ପରଠାରୁ ଟପ୍ ୩ରେ ରହି ଆସୁଥିଲେ।

ବୁମ୍‌ରା ୮୬୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ବୁମ୍‌ରା ପ୍ରଥମ ଥର ପାଇଁ ଫେବୃୟାରୀ ୨୦୨୪ରେ ଶୀର୍ଷରେ ପହଞ୍ଚିଥିଲେ ଏବଂ ସେ ବିଗତ ଦୁଇ ବର୍ଷ ମଧ୍ୟରେ ଅଧିକାଂଶ ସମୟ ନମ୍ବର-୧ ଟେଷ୍ଟ ବୋଲର୍ ରହିଥିଲେ। ବୁମ୍‌ରା ଆହତ ହେବା କାରଣରୁ ଶ୍ରୀଲଙ୍କା ଗସ୍ତରେ ଯାଇନଥିଲେ। ଯାହାର କ୍ଷତି ତାଙ୍କୁ ବର୍ତ୍ତମାନ ର୍‍ୟାଙ୍କିଂରେ ସହିବାକୁ ପଡ଼ିଛି। ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନେରୀ (୮୬୧) ତୃତୀୟ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ଦ୍ରୁତ ବୋଲର୍ ପ୍ୟାଟ୍ କମିନ୍ସ (୮୪୧) ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନକୁ ଆସିଛନ୍ତି। ସ୍ପିନର୍ ନାଥନ୍ ଲିୟନ୍ ଦୁଇଟି ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ଲିଡ୍‌ସଠାରେ ପ୍ରଥମ ଟେଷ୍ଟରେ ପାକିସ୍ତାନ ବିପକ୍ଷରେ ଚମତ୍କାର ବିଜୟ ପରେ ଇଂଲଣ୍ଡର ପେସର ଓଲି ରବିନ୍ସନ୍ ଏବଂ ଜୋଶ୍ ଟଙ୍ଗ୍ ମଧ୍ୟ ଫାଇଦା ପାଇଛନ୍ତି। ଉଭୟ ମିଶି ୧୬ଟି ୱିକେଟ୍ ନେଇଥିଲେ। ରବିନ୍ସନ୍ ୧୫ଟି ସ୍ଥାନ ଉପରକୁ ଉଠି ୧୧ଶ ସ୍ଥାନକୁ ଆସିଥିବା ବେଳେ ଟଙ୍ଗ୍ ୧୬ଟି ସ୍ଥାନ ଉପରକୁ ଉଠି ୧୭ଶ ସ୍ଥାନରେ ପହଞ୍ଚିଛନ୍ତି।

ଆଇସିସି ର୍‍ୟାଙ୍କିଂରେ ଋଷଭ ପନ୍ତ ଟେଷ୍ଟ ବ୍ୟାଟ୍ସମ୍ୟାନମାନଙ୍କ ଟପ୍ ୧୦ ତାଲିକାରେ ପ୍ରବେଶ କରିଛନ୍ତି। ଭାରତର ଷ୍ଟାର୍ ୱିକେଟକିପର-ବ୍ୟାଟ୍ସମ୍ୟାନ୍ ପନ୍ତ ଛଅଟି ସ୍ଥାନ ଉପରକୁ ଉଠି ଯୁଗ୍ମ ଭାବେ ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ସେ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ୩୯ ଏବଂ ୬୬ ରନ୍‌ର ଇନିଂସ ଖେଳିଥିଲେ। ଭାରତ ଏହି ମ୍ୟାଚ୍‌କୁ ୧୬୫ ରନ୍‌ରେ ନିଜ ନାମରେ କରିଥିଲା। ପନ୍ତ ଏବଂ ଅଧିନାୟକ ଶୁବମନ ଗିଲଙ୍କର ୭୧୧ ପଏଣ୍ଟ ରହିଛି। ଗିଲ୍ ପ୍ରଥମ ମ୍ୟାଚ୍‌ରେ ଫ୍ଲପ୍ ରହିଥିଲେ। ଓପନିଂ ବ୍ୟାଟ୍ସମ୍ୟାନ୍ ଯଶସ୍ୱୀ ଜୟସ୍ୱାଲ (୭୦୧) ଦୁଇଟି ସ୍ଥାନ ତଳକୁ ଖସି ୧୧ଶ ସ୍ଥାନକୁ ଚାଲିଯାଇଛନ୍ତି। ଇଂଲଣ୍ଡର ହ୍ୟାରୀ ବ୍ରୁକ୍ (୮୭୪) ନମ୍ବର-୧ ଟେଷ୍ଟ ବ୍ୟାଟ୍ସମ୍ୟାନ୍ ଅଟନ୍ତି। ତାଙ୍କ ଦେଶର ଜୋ ରୁଟ୍ (୮୫୦) ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ (୮୪୦) ଏବଂ ଟ୍ରାଭିସ୍ ହେଡ୍ (୮୧୧) ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି।

# ଆନ୍ଥୋନି ହେଲେ ଯୁବା ଫୁଟ୍‌ବଲ୍ ଦଳର ସହଯୋଗୀ ପ୍ରଶିକ୍ଷକ



**ନୂଆଦିଲ୍ଲୀ**

ଇଷ୍ଟବେଙ୍ଗଲର ପ୍ରବନ୍ଧକ ଆନ୍ଥୋନୀ ଆଣ୍ଡ୍ରିଉଜ୍ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ସହଯୋଗୀ ପ୍ରଶିକ୍ଷକ ଭାବେ ନିଯୁକ୍ତି ହୋଇଛନ୍ତି। ଜୋଆକିମ୍ ଆଲେକ୍‌ଜାଣ୍ଡରସନ୍ ପୂର୍ବ ଭଳି ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ଏକାଧିକ ଆଇଡବ୍ଲ୍ୟୁଏଲ ଟ୍ରଫି ଜିତିବାରେ ଆନ୍ଥୋନୀ ଏକ ମାତ୍ର ପ୍ରଶିକ୍ଷକ। ନିଯୁକ୍ତି ପରେ ସେ ଏକାସାଙ୍ଗରେ ଉଭୟ କ୍ଲବ୍ ଓ ଦେଶର ଦାୟିତ୍ୱ ତୁଲାଇବେ।

ଆଇଡବ୍ଲ୍ୟୁଏଲ୍‌ର ସବୁଠୁ ସଫଳ ପ୍ରଶିକ୍ଷକ ଆନ୍ଥୋନୀ ୪ ଥର ଟ୍ରଫି ଜିତିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଗୋକୁଲମ କେରଳ ଏଫ୍ ୨୦୨୧-୨୧, ୨୦୨୨-୨୩ରେ ଲଗାତାର ୨ ଥର ବିଜେତା ହୋଇଥିଲା ବେଳେ ଇଷ୍ଟବେଙ୍ଗଲ ୨୦୨୪-୨୫ ଓ ୨୦୨୫-୨୬ରେ ଲଗାତାର ୨ଥର ଟ୍ରଫି ହାତେଇଥିଲା। ଅକ୍ଟୋବରରେ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୭ର ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ତାସ୍‌କେଣ୍ଟରେ ଉଜ୍‌ବେକିସ୍ତାନ ବିପକ୍ଷ ୨ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ବେଳେ ସେ ଭାରତୀୟ ଦଳ ସହ ଯୋଗଦେବେ। ଏହା ସହ ଇଷ୍ଟବେଙ୍ଗଲ ସହ ମଧ୍ୟ କାର୍ଯ୍ୟ ଜାରି ରଖିବେ।

# ପରାଜୟ ସହ ଶେଷ ହେଲା ସେରେନା ୱିଲିୟମ୍ସଙ୍କ ୟୁଏସ୍ ଓପନ୍ ଯାତ୍ରା

**ନ୍ୟୁୟର୍କ**



ପୂର୍ବତନ ଏକ ନମ୍ବର ମହିଳା ଖେଳାଳି ସେରେନା ୱିଲିୟମ୍ସ ଓ ପୁରୁଷ ଖେଳାଳି କାର୍ଲୋସ ଆଲ୍‌କାରାଜ ପ୍ରଥମ ଥର ଲାଗି ମିଶ୍ରିତ ଯୁଗଳରେ ଖେଳି ବିଫଳ ହୋଇଛନ୍ତି। ୟୁଏସ୍ ଓପନ୍ ମିଶ୍ରିତ ଯୁଗଳ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରୁ ଏହି ଯୋଡ଼ି ବିଦାୟ ନେଇଛନ୍ତି। କ୍ୱାର୍ଟର ଫାଇନାଲ୍‌ରେ ଏହି ଆମେରିକା ଓ ସ୍ପେନ୍ ଯୋଡ଼ି ୪-୫, ୧-୪ରେ ବେଲିନ୍ଦା ବେନ୍‌ସିକ୍ ଓ ଫ୍ଲାଭିଓ କୋବୋଲିଙ୍କଠୁ ହାରି ଯାଇଛନ୍ତି। ପ୍ରଥମ ରାଉଣ୍ଡରେ ସେରେନା-କାର୍ଲୋସ ୫-୩, ୪-୧ ଟାଇବ୍ରେକରରେ ଏରିନ୍ ରୁଟ୍‌ଲଫ୍ ଓ ଲୟଡ ଗ୍ଲାସପୁଲଙ୍କୁ ହରାଇଥିଲେ।

୨୦୨୨ ପରେ ସେରେନା ପ୍ରଥମ ଥର ୟୁଏସ୍ ଓପନ୍‌ରେ ଖେଳୁଛନ୍ତି। ବେନସିକ୍ ଓ କୋବଲି ସେମିଫାଇନାଲ୍‌ରେ ବିବାହିତ ଦମ୍ପତ୍ତି ଏଲିନା ସ୍ୱିତୋଲିନା ଓ ଗେଲ୍ ମନ୍‌ଫିଲ୍ସଙ୍କୁ ଭେଟିବେ। ସ୍ୱିତୋଲିନା ଓ ମନ୍‌ଫିଲ୍ସ କ୍ୱାର୍ଟରଫାଇନାଲ୍‌ରେ କାଟେରିନା ସିନିଆକୋଭା ଓ ହେନରି ପାଟେନଙ୍କୁ ୫-୪, ୪-୫, ୧୦-୮ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ସିନିଓକୋଭା ଓ ପାଟେନ ଶୀର୍ଷ ମାନ୍ୟତାପ୍ରାପ୍ତ ଯୋଡ଼ି ଆରିନା ସାବାଲେଙ୍କା ଓ ନୋଭାକ ଜୋକୋଭିକ୍‌ଙ୍କୁ ହରାଇଥିଲେ। ଅନ୍ୟଏକ ସେମିଫାଇନାଲ୍‌ରେ ମୀରା ଆନ୍ଦ୍ରିଭା ଓ ଆନ୍ଦ୍ରେ ରୁବଲେଭଙ୍କୁ ଭେଟିବେ କାରୋଲିନା ମୁଚୋଭା ଓ ଜାକୁବ ମେନସିକ୍। ଆନ୍ଦ୍ରିଭା ଓ ରୁବଲେଭ ଗତ ସଂସ୍କରଣ ବିଜେତା ଯୋଡ଼ି ସାରା ଏରାନି ଓ ଆନ୍ଦ୍ରିଆ ଭାଭାସୋରିଙ୍କୁ ପରାସ୍ତ କରିଥିଲେ। ଡାଏନା ସ୍ନାଇଡର ଓ କାସପର ରୁଡ୍‌ଙ୍କୁ ହରାଇ ମୁଚୋଭା ଓ ମେନସିକ୍ ସେମିଫାଇନାଲ୍ ସ୍ଥାନ ପକ୍କା କରିଥିଲେ।

# କ୍ରିକେଟରୁ ଅବସର ନେଲେ ୪ଟି ବିଶ୍ୱକପ୍ ଖେଳିଥିବା ଆଇମନ୍ ଅନୱ୍ୱରି

**ନୂଆଦିଲ୍ଲୀ**



ପାକିସ୍ତାନ ମହିଳା କ୍ରିକେଟ୍ ଦଳର ଦ୍ରୁତ ବୋଲର୍ ଆଇମନ୍ ଅନୱ୍ୱର ୩୪ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ପାକିସ୍ତାନ କ୍ରିକେଟ୍ ବୋର୍ଡ ବୁଧବାର (୨୬ ଅଗଷ୍ଟ) ତାଙ୍କର ଅନ୍ତର୍ଜାତୀୟ ଅବସର ବିଷୟରେ ସୂଚନା ଦେଇଛି। ସେ ପାକିସ୍ତାନ ପାଇଁ ଉଭୟ ଫର୍ମାଟ୍ ମିଶାଇ ମୋଟ ୪ଟି ବିଶ୍ୱକପ୍ ଖେଳିଛନ୍ତି। ଆଇମନ୍ ୨୦୨୩ ମହିଳା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ପାଇଁ ଖେଳୁଥିବାର ନଜର ଆସିଥିଲେ।

ପାକିସ୍ତାନର ଏହି ବୋଲର୍ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଟି-୨୦ ମ୍ୟାଚ୍ ଜରିଆରେ ନିଜର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେ ନିଜ କ୍ୟାରିୟରର ଶେଷ ମୁକାବିଲା ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦୨୩ ଟି-୨୦ ବିଶ୍ୱକପ୍‌ରେ ଖେଳିଥିଲେ। ଆଇମନ୍ ପାକିସ୍ତାନ ପାଇଁ ଏହି ଫର୍ମାଟ୍‌ରେ ଖେଳିଥିବା ୩୭ତମ ଖେଳାଳି ଥିଲେ। ସେ ମୁଖ୍ୟତଃ ଟି-୨୦ କ୍ରିକେଟ୍ ଖେଳୁଥିଲେ। ଯଦିଓ ସେ କିଛି ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଛନ୍ତି।

ଆଇମନ୍ ଅନୱ୍ୱର ପାକିସ୍ତାନ ପାଇଁ ୨୦୧୮, ୨୦୨୦ ଓ ୨୦୨୩ ମହିଳା ଟି-୨୦ ବିଶ୍ୱକପ୍‌ରେ ନଜର ଆସିଥିଲେ। ଏହା ବ୍ୟତୀତ ଆଇମନ୍ ପାକିସ୍ତାନ ପାଇଁ ୨୦୨୨ ମହିଳା ଦିନିକିଆ ବିଶ୍ୱକପ୍‌ର ମଧ୍ୟ ଏକ ଅଂଶ ଥିଲେ। ଯାହା ନ୍ୟୁଜିଲାଣ୍ଡର ଆୟୋଜନରେ ଖେଳା ଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମୁକାବିଲା ତାଙ୍କ କ୍ୟାରିୟରର ଶେଷ ଦିନିକିଆ ମ୍ୟାଚ୍ ଥିଲା।

ଆଇମନ୍ ଅନୱ୍ୱର ପାକିସ୍ତାନ ପାଇଁ ମୋଟ ୪୫ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏଥିମଧ୍ୟରେ ୮ଟି ଦିନିକିଆ ଏବଂ ୩୭ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ସାମିଲ ରହିଛି। ସେ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ସର୍ବମୋଟ ୩୩ଟି ୱିକେଟ୍ ନେଇଛନ୍ତି। ଟି-୨୦ ଅନ୍ତର୍ଜାତୀୟରେ ଆଇମନ୍‌ଙ୍କ ପ୍ରଦର୍ଶନ ଅଧିକ ପ୍ରଭାବ-ଶାଳୀ ଥିଲା। ୩୭ଟି ଟି-୨୦ ମ୍ୟାଚ୍‌ରେ ସେ ୨୯ଟି ୱିକେଟ୍ ନେଇଛନ୍ତି। ଏହା ସମେତ ୮ଟି ଦିନିକିଆ ମ୍ୟାଚ୍ ଖେଳି ୪ଟି ୱିକେଟ୍ ନେବାରେ ସଫଳ ହୋଇଛନ୍ତି।

ଆଇମନ୍ ଅନୱ୍ୱର ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିବା ପରେ ପାକିସ୍ତାନର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚୟନକର୍ତ୍ତାମାନେ ତାଙ୍କୁ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ମହିଳା ଟି-୨୦ ବିଶ୍ୱକପ୍ ୨୦୨୦ ପାଇଁ ପାକିସ୍ତାନର ୧୫ ଜଣିଆ ଦଳରେ ସାମିଲ କରିଥିଲେ। ଯଦିଓ ଫେବୃୟାରୀ ୨୦୨୩ ପରଠାରୁ ସେ ପାକିସ୍ତାନ ପାଇଁ କୌଣସି ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ବର୍ତ୍ତମାନ ସେ ଆଧିକାରିକ ଭାବେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିବା ସତ୍ତ୍ୱେ ଆଇମନ୍ ଅନୱ୍ୱର ଖେଳ ସହ ନିଜର ସମ୍ପର୍କ ଶେଷ କରୁନାହାଁନ୍ତି। ସେ ବର୍ତ୍ତମାନ ବ୍ରୋଡକାଷ୍ଟିଂ ଜରିଆରେ କ୍ରିକେଟ୍ ସହ ଜଡ଼ିତ ରହିବେ ଏବଂ ଜଣେ ନୂଆ ଅଫିସିଆଲ୍ ଭାବରେ ମଧ୍ୟ ନିଜର ଦାୟିତ୍ୱ ତୁଲାଇବେ। ଆଇମନ୍ ଚଳିତ ବର୍ଷ ଜାନୁଆରୀ ମାସରେ ମ୍ୟାଚ୍ ରେଫରି ଇଣ୍ଡକ୍ସନ କୋର୍ସ ସଫଳତାର ସହ ଶେଷ କରିଥିଲେ। ଏହାପରେ ସେ ସୋମବାରଠାରୁ ଆରମ୍ଭ ହୋଇଥିବା ନ୍ୟାସନାଲ୍ ମହିଳା ଅଣ୍ଡର-୧୯ ଟୁର୍ଣ୍ଣାମେଣ୍ଟରେ ମ୍ୟାଚ୍ ରେଫରି ଭାବରେ ନିଜର ଡେବ୍ୟୁ କରିଛନ୍ତି।

# ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଅଦାଲତ : ୨୪ ମାମଲାର ଶୁଣାଣି

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ମହିଳାମାନଙ୍କ ଅଭିଯୋଗର ତ୍ୱରିତ ଶୁଣାଣି ଓ ସମସ୍ୟାର ସମାଧାନ ବ୍ୟବସ୍ଥାକୁ ସେମାନଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ନ୍ୟାୟ, ସୁରକ୍ଷା ଓ ଆବଶ୍ୟକ ସହାୟତା ସହଜରେ ଉପଲବ୍ଧ କରାଇବା ଲକ୍ଷ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆୟୋଗ ପକ୍ଷରୁ ନିୟମିତ ଭାବେ ମାସିକ ଜିଲ୍ଲାଭିତ୍ତିକ ଶିବିର ଅଦାଲତ ଆୟୋଜନ ଦ୍ୱାରା ମହିଳାମାନଙ୍କୁ ନିଜ ଜିଲ୍ଲାରେ ହିଁ ଅଭିଯୋଗ ଜଣାଇବା ସହ ଆୟୋଗଙ୍କ ନିକଟରୁ ଆବଶ୍ୟକ ସହାୟତା ପାଇବାର ସୁଯୋଗ ମିଳୁଛି। ମହିଳାମାନେ ଯେପରି ନିଜର ଅଧିକାର, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ସମ୍ପର୍କରେ ସଚେତନ ହେବା ସହ ନ୍ୟାୟ ଓ ସୁରକ୍ଷା ପାଇବାର ମାର୍ଗ ସମ୍ପର୍କରେ ଅବଗତ ହୋଇପାରିବେ, ସେଥିପାଇଁ ଆୟୋଗ ପକ୍ଷରୁ ଏଭଳି ଶିବିର ଆୟୋଜନ କରାଯାଇ ଆୟୋଗ ପକ୍ଷରୁ ସମସ୍ତ ସେବା ଓ ସହାୟତା ବିନା ମୂଲ୍ୟରେ ପ୍ରଦାନ କରାଯାଉଛି।

ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ଅଦାଲତରେ ଘରୋଇ ହିଂସା, ଯୌନ ଉତ୍ପୀଡ଼ନ, ପାରିବାରିକ ବିବାଦ, ଅପହରଣ, ମହିଳା ଚାଲାଣ ସମେତ ମହିଳାମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସହ ସମ୍ପୃକ୍ତ ସମ୍ପର୍କିତ ସମୁଦାୟ ୨୪ଟି ମାମଲା ଶୁଣାଣି କରି ୧୧ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ, ୬ଟି ମାମଲାକୁ ଆରକ୍ଷୀ ଅଧିକ୍ଷକ ଏବଂ ୪ଟି ମାମଲାକୁ ସୁରକ୍ଷା ଅଧିକାରୀଙ୍କ ନିକଟକୁ ସମାଧାନ ପାଇଁ ପ୍ରେରଣ କରାଯାଇଛି। ଅବଶିଷ୍ଟ ୩ଟି ମାମଲାରେ ସମ୍ପୃକ୍ତ ପକ୍ଷମାନଙ୍କ ପୁନର୍ବାର ଉପସ୍ଥିତି ପାଇଁ ନୋଟିସ୍ ଜାରି କରାଯାଇଛି।

ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ନାଥ ଶତପଥୀ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ମୁକ୍ତା ସାହୁ ଏବଂ ପ୍ରତିଭା ଶତପଥୀ, ଡିଏସ୍‌ପି ବରଗଡ଼ ଶିପ୍ରା କୁମାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ, ଅଧ୍ୟକ୍ଷାଙ୍କ ଷ୍ଟେନୋଗ୍ରାଫର ତଥା ଅନ୍ୟାନ୍ୟ ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ରହି ମହିଳାମାନଙ୍କ ପାଇଁ ସହଜରେ ନ୍ୟାୟ ଓ ପ୍ରତିଷ୍ଠାନଗତ ସହାୟତା ଉପଲବ୍ଧ କରାଇବାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଆୟୋଗ ପକ୍ଷରୁ ଅଭିଯୋଗକାରୀମାନଙ୍କ ଠାରୁ ସିଧାସଳଖ ଭାବେ ସେମାନଙ୍କ ସମସ୍ୟା ଶୁଣାଯାଇ ମାମଲାଗୁଡ଼ିକର ଆଇନସମ୍ମତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଓ ପରାମର୍ଶ ପ୍ରଦାନ କରାଯାଇଥିଲା।

ମହିଳାମାନଙ୍କ ସମସ୍ୟାର ସମାଧାନ ପାଇଁ ଆୟୋଗଙ୍କ ପକ୍ଷରୁ ଜିଲ୍ଲାସ୍ତରରେ ଏଭଳି କ୍ୟାମ୍ପ କୋର୍ଟ ଆୟୋଜନ କରାଯିବା ଦ୍ୱାରା ମହିଳାମାନେ ନିଜ ସମସ୍ୟାକୁ ନିର୍ଭୟରେ ଉପସ୍ଥାପନ କରିବା ସହ ଆଇନଗତ ଅଧିକାର ଓ ଉପଲବ୍ଧ ସହାୟତା ବ୍ୟବସ୍ଥା ସମ୍ପର୍କରେ ଜାଣିପାରୁଛନ୍ତି। ଏହା ମହିଳାମାନଙ୍କୁ ନ୍ୟାୟ, ସୁରକ୍ଷା, ଅଧିକାର ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଏସିଆନ୍ ଗେମ୍ସ ୨୦୨୬ କାର୍ଯ୍ୟସୂଚୀ ଘୋଷଣା

**ନୂଆଦିଲ୍ଲୀ**



ଭାରତୀୟ ପ୍ରଶଂସକମାନେ ଏସିଆନ୍ ଗେମ୍ସ ୨୦୨୬ର କାର୍ଯ୍ୟସୂଚୀକୁ ବହୁତ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ବର୍ତ୍ତମାନ ସେମାନଙ୍କର ଅପେକ୍ଷାର ଅନ୍ତ ଘଟିଛି। ଏସିଆନ୍ ଗେମ୍ସ ୨୦୨୬ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଭାରତୀୟ ପୁରୁଷ କ୍ରିକେଟ୍ ଦଳ ସେପ୍ଟେମ୍ବର ୨୮ରେ ନିଜର ଅଭିଯାନ ଆରମ୍ଭ କରିବ। ସେହିପରି ଭାରତୀୟ ମହିଳା ଦଳର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୮ରେ ଜାପାନ ବିପକ୍ଷରେ ହେବ।

ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଦଳର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୨୮ରେ ହେବ। ଏପର୍ଯ୍ୟନ୍ତ ସେମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ଦଳର ନାମ ଘୋଷଣା କରାଯାଇ ନାହିଁ। ଯେଉଁ ଦଳ ଗ୍ରୁପ୍-ଏ'ରେ ଦ୍ୱିତୀୟ ସ୍ଥାନରେ ରହିବ, ସେହି ଦଳ ସହ ଭାରତର ମୁକାବିଲା ହେବ। ଏହି ମ୍ୟାଚ୍ କୋରୋଗୀ ଆଥଲେଟିକ୍ ପାର୍କରେ ଖେଳାଯିବ। ଭାରତୀୟ ଦଳ ବହୁ ପୂର୍ବରୁ ଘୋଷଣା ସରିଛି। ଏହି ପୁରୁଷ କ୍ରିକେଟ୍ ଦଳର ନେତୃତ୍ୱ ଶ୍ରେୟସ ଆୟର ନେବେ ଓ ଉପ-ଅଧିନାୟକ ଭାବେ ତିଲକ ବର୍ମା ନଜର ଆସିବେ।

ଟୁର୍ଣ୍ଣାମେଣ୍ଟରେ ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ପୁରୁଷ ଦଳକୁ ସିଧାସଳଖ ଏଣ୍ଟ୍ରି ମିଳିଛି। ଏହି ଦଳଗୁଡ଼ିକ କ୍ୱାର୍ଟର ଫାଇନାଲରୁ ନିଜର ଅଭିଯାନ ଆରମ୍ଭ କରିବେ। ଅନ୍ୟପଟେ ଗ୍ରୁପ୍ 'ଏ'ରେ ଆଫଗାନିସ୍ତାନ, ଜାପାନ ଏବଂ ନେପାଳକୁ ସାମିଲ କରାଯାଇ ଥିବା ବେଳେ ଗ୍ରୁପ୍ 'ବି'ରେ ହଂକଂ, ଚୀନ୍, ମାଲେସିଆ ଓ ଓମାନକୁ ରଖାଯାଇଛି। ଏହି ଗ୍ରୁପ୍‌ଗୁଡ଼ିକର ବିଜେତା ଦଳ କ୍ୱାର୍ଟରଫାଇନାଲରେ ପହଞ୍ଚିଥିବା ଦଳଗୁଡ଼ିକ ସହ ମୁହାଁମୁହିଁ ହେବେ। ସେହିପରି ମ୍ୟାଚ୍ ହାରିଯିବା ଦଳଗୁଡ଼ିକର ଯାତ୍ରା ଗ୍ରୁପ୍ ଷ୍ଟେଜ୍‌ରେ ହିଁ ଶେଷ ହୋଇଯିବ।

ଭାରତୀୟ ମହିଳା କ୍ରିକେଟ୍ ଦଳର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୮ରେ ଜାପାନ ସହ ସ୍ଥିର କରାଯାଇଛି। ଏହି ମ୍ୟାଚ୍ କୋରୋଗୀ ଆଥଲେଟିକ୍ ପାର୍କରେ ଖେଳାଯିବ। ଏସିଆନ୍ ଗେମ୍ସ ୨୦୨୬ ରେ ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେବେ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବ୍ୟତୀତ, ଆୟୋଜକ ଜାପାନ, ବାଂଲାଦେଶ, ଚୀନ, ଶ୍ରୀଲଙ୍କା, ମାଲେସିଆ, ପାକିସ୍ତାନ ଓ ଥାଇଲାଣ୍ଡ ଭାଗ ନେଉଛନ୍ତି। ଏଭଳି ପରିସ୍ଥିତିରେ ଭାରତକୁ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ କଡ଼ା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିପାରେ। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୨୨ ରେ ଖେଳାଯିବ ଏବଂ ଏହି ଦିନ ହିଁ ବ୍ରୋଞ୍ଜ ପଦକ ମ୍ୟାଚ୍ ମଧ୍ୟ ଆୟୋଜିତ ହେବ।

ପୁରୁଷ କ୍ରିକେଟ୍ ଦଳର ମ୍ୟାଚ୍ ସୂଚୀ : ୨୪ ସେପ୍ଟେମ୍ବର ୨୦୨୬ : ଆଫଗାନିସ୍ତାନ ବନାମ ଜାପାନ, ଗ୍ରୁପ୍ ଇ, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୪ ସେପ୍ଟେମ୍ବର ୨୦୨୬ : ହଂକଂ, ଚୀନ୍ ବନାମ ମାଲେସିଆ, ଗ୍ରୁପ୍ ଇ, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୫ ସେପ୍ଟେମ୍ବର ୨୦୨୬ : ହଂକଂ, ଚୀନ୍ ବନାମ ଓମାନ, ଗ୍ରୁପ୍ ଇ, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୫ ସେପ୍ଟେମ୍ବର ୨୦୨୬ : ଆଫଗାନିସ୍ତାନ ବନାମ ନେପାଳ, ଗ୍ରୁପ୍ ଇ, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୬ ସେପପ୍ଟେମ୍ବର ୨୦୨୬ : ଜାପାନ ବନାମ ନେପାଳ, ଗ୍ରୁପ୍ ଇ, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୬ ସେପପ୍ଟେମ୍ବର ୨୦୨୬ : ମାଲେସିଆ ବନାମ ଓମାନ, ଗ୍ରୁପ୍ ଇ, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୮ ସେପ୍ଟେମ୍ବର ୨୦୨୬ : ପାକିସ୍ତାନ ବନାମ ଗ୍ରୁପ୍ ଇ ର ଦ୍ୱିତୀୟ ସ୍ଥାନିତ ଦଳ, କ୍ୱାର୍ଟର ଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୮ ସେପ୍ଟେମ୍ବର ୨୦୨୬ : ଭାରତ ବନାମ ଗ୍ରୁପ୍ ଇ ର ଦ୍ୱିତୀୟ ସ୍ଥାନିତ ଦଳ, କ୍ୱାର୍ଟର ଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୯ ସେପ୍ଟେମ୍ବର ୨୦୨୬ : ଶ୍ରୀଲଙ୍କା ବନାମ ଗ୍ରୁପ୍ ଇ ର ବିଜେତା ଦଳ, କ୍ୱାର୍ଟର ଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୯ ସେପ୍ଟେମ୍ବର ୨୦୨୬ : ବାଂଲାଦେଶ ବନାମ ଗ୍ରୁପ୍ ଇ ର ବିଜେତା ଦଳ, କ୍ୱାର୍ଟର ଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ।

୧ ଅକ୍ଟୋବର ୨୦୨୬ : କ୍ୟୁଏଫ ୧ର ବିଜେତା ବନାମ ଛର୪ର ବିଜେତା, ସେମିଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୧ ଅକ୍ଟୋବର ୨୦୨୬ : କ୍ୟୁଏଫ ୨ ର ବିଜେତା ବନାମ କ୍ୟୁଏଫ୩ର ବିଜେତା, ସେମିଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୩ ଅକ୍ଟୋବର ୨୦୨୬ : ବ୍ରୋଞ୍ଜ ପଦକ ମ୍ୟାଚ୍, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୩ ଅକ୍ଟୋବର ୨୦୨୬ : ଫାଇନାଲ୍, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ।

ମହିଳା କ୍ରିକେଟ୍ ଦଳର ମ୍ୟାଚ୍ ସୂଚୀ : ୧୭ ସେପ୍ଟେମ୍ବର ୨୦୨୬: ବାଂଲାଦେଶ ବନାମ ଚୀନ, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୧୭ ସେପ୍ଟେମ୍ବର ୨୦୨୬: ଆଫଗାନିସ୍ତାନ ବନାମ ଥାଇଲାଣ୍ଡ, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୧୮ ସେପ୍ଟେମ୍ବର ୨୦୨୬: ଶ୍ରୀଲଙ୍କା ବନାମ ମାଲେସିଆ, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ।

୧୮ ସେପ୍ଟେମ୍ବର ୨୦୨୬: ଭାରତ ବନାମ ଜାପାନ, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୦ ସେପ୍ଟେମ୍ବର ୨୦୨୬: ନମ୍ବର ୨ ଦଳ ବନାମ ନମ୍ବର ୩ ଦଳର ବିଜେତା, ସେମିଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୦ ସେପ୍ଟେମ୍ବର ୨୦୨୬: ନମ୍ବର ୧ ଦଳ ବନାମ ନମ୍ବର ୪ ଦଳର ବିଜେତା, ସେମିଫାଇନାଲ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୨ ସେପ୍ଟେମ୍ବର ୨୦୨୬: ବ୍ରୋଞ୍ଜ ପଦକ ମ୍ୟାଚ୍, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ। ୨୨ ସେପ୍ଟେମ୍ବର ୨୦୨୬: ଫାଇନାଲ୍, ନକ୍‌ଆଉଟ୍, କୋଲମ୍ବୋ ଆଥଲେଟିକ୍ ପାର୍କ।



# ମୋଦୀଙ୍କ ଜନ୍ମଦିବସରୁ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ

## ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟସ୍ତରୀୟ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସାର୍ବଜନୀନ ଜୀବନରେ ଦୀର୍ଘ ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ "ସେବା ସଂକଳ୍ପ ଅଭିଯାନ" ସମଗ୍ର ଦେଶରେ ଆୟୋଜନ କରାଯିବ । ଆସନ୍ତା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମାସବ୍ୟାପୀ ଅଭିଯାନରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରି ବିଭିନ୍ନ ଜନକଲ୍ୟାଣ ଓ ସେବାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ମାସବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନକୁ ସଫଳ କରିବା ପାଇଁ ବୁଧବାର ଦିନ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ମନ୍ତ୍ରୀ ରବି ନାରାୟଣ ନାଏକ, ଡ.ମୁକେଶ ମହାଲିଙ୍ଗ, ସଂପଦ ସ୍ୱାଇଁଙ୍କ ସମେତ ରାଜ୍ୟ ପଦାଧିକାରୀ, ସମସ୍ତ ଜିଲ୍ଲା ସଭାପତି ଏବଂ ପ୍ରଭାରୀ, ରାଜ୍ୟ ଓ ଜିଲ୍ଲାର ସଂଯୋଜକମଣ୍ଡଳୀ ଯୋଗ ଦେଇଥିଲେ । ଏହି ଅଭିଯାନକୁ ସଫଳ କରିବା ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିରେ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସଂଯୋଜକ ଥିବାବେଳେ ରାଜ୍ୟ ସାଧାରଣ ସଂପାଦକ ସୀମାଞ୍ଚଳ ଖଟେଇ ଓ ବରିଷ୍ଠ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ ସହ-ସଂଯୋଜକ ଅଛନ୍ତି । ସେହିପରି କମିଟିରେ ନବରଙ୍ଗପୁର ସାଂସଦ ଶ୍ରୀ ବଳଭଦ୍ର ମାଝୀ, ବିଧାୟକ ଇରାସିସ ଆଚାର୍ଯ୍ୟ, ପ୍ରତାପ ନାୟକ, ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ସଦସ୍ୟ ଅଛନ୍ତି ବୋଲି ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

"ସେବା ସଂକଳ୍ପ ଅଭିଯାନ" ସଂପର୍କରେ ସୁଚନା ଦେଇ ଡା.ମହାପାତ୍ର କହିଛନ୍ତି ଯେ, ସେପ୍ଟେମ୍ବର ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ସନ୍ଧ୍ୟାରେ ଘରକୁ ଯାଇ "ଆଶୀର୍ବାଦର ଦୀପ" ପ୍ରଜ୍ୱଳନ କରାଯିବ । ସେହିପରି ରାଜ୍ୟ, ଜିଲ୍ଲା ଓ ବ୍ଲକମାନଙ୍କରେ ରକ୍ତଦାନ ଶିବିର ଏବଂ ଅନ୍ୟାନ୍ୟ ସେବା କାର୍ଯ୍ୟମାନ ଆୟୋଜନ କରାଯିବ । ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟମାନଙ୍କରେ ବିଭିନ୍ନ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ । ନମୋ ସେବା ଗାଥା କାର୍ଯ୍ୟକ୍ରମ ଜରିଆରେ ବିଗତ ୨୫ ବର୍ଷର ସେବା କାର୍ଯ୍ୟ, ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଏବଂ ଦେଶରେ ଆସିଥିବା ପରିବର୍ତ୍ତନର କାହାଣୀକୁ ସରଳ, ଭାବପ୍ରବଣ ଓ ସଙ୍ଗୀତମୟ ନାଟ୍ୟ ପରିବେଷଣ ଏବଂ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ଗାଁରୁ ଗାଁକୁ ପହଁଚାଯିବ । ଏହି କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ, ସାମୁଦାୟିକ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନମାନଙ୍କରେ ଆୟୋଜନ କରାଯିବ । ଏହି ଅବସରରେ ୨୫ ସେପ୍ଟେମ୍ବର - ୭ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଅଙ୍ଗନୱାଡ଼ି ସମ୍ମାନ ଓ ମାତୃ ସମ୍ବାଦ କାର୍ଯ୍ୟକ୍ରମ ପାଳନ କରାଯାଇ ମୋଦୀ ସରକାରଙ୍କ ପୋଷଣ, ସ୍ୱାସ୍ଥ୍ୟ ଏବଂ ମହିଳା ସମ୍ବନ୍ଧୀୟ ଯୋଜନାଗୁଡ଼ିକ ବିଷୟରେ ଶିଶୁ ଓ ମା'ମାନଙ୍କୁ ଅତ୍ୟନ୍ତ ସରଳ ଏବଂ କଥୋପକଥନ ଶୈଳୀରେ ସୂଚନା ଦିଆଯିବ । ମୋଦୀ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଯେଉଁ ୨୫ ଲକ୍ଷ ନାଗରିକଙ୍କ ଜୀବନ ଓ ସ୍ଥାନୀୟ ଅଂଚଳରେ ସକାରାତ୍ମକ ପରିବର୍ତନ ଆସିଛି, ସେମାନଙ୍କର ବାସ୍ତବ କାହାଣୀ ଦେଶବାସୀଙ୍କ ସମ୍ମୁଖରେ ପରିବର୍ତନର କାହାଣୀ କାର୍ଯ୍ୟକ୍ରମ ଜରିଆରେ ଉପସ୍ଥାପନ କରାଯିବ । ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଜରିଆରେ ଗତ କିଛି ବର୍ଷ ମଧ୍ୟରେ ବଡ଼, ବାସ୍ତବ ଏବଂ ସ୍ପଷ୍ଟ ପରିବର୍ତନକୁ ନିଜ ଅନୁଭୂତି ଆଧାରରେ ସ୍ଥାନୀୟବାସିନ୍ଦାମାନେ ଭାରତର ବିକାଶର କାହାଣୀକୁ ଉପସ୍ଥାପନ କରିବେ । ଏଥିରେ ବିଶେଷ ଭାବେ ରାଜ୍ୟର ଇନ୍‌ଫ୍ଲୁଏନ୍ସର ଓ ଡିଜିଟାଲ୍ କ୍ରିଏଟରମାନଙ୍କୁ ଯୋଡାଯିବ । ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଜରିଆରେ ମୋଦିଜୀଙ୍କର ୨୫ ବର୍ଷର ସେବା ପାଇଁ କୃତଜ୍ଞତା ପ୍ରକାଶ କରିବା ସହିତ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡିଶା ୨୦୩୬ ପାଇଁ ସାମୂହିକ ସଂକଳ୍ପ ନିଆଯିବ । ଏହି ଯାତ୍ରା ପ୍ରତ୍ୟେକ ଜିଲ୍ଲା ଓ ଗ୍ରାମରେ ଆୟୋଜିତ ହେବ । ବଡ଼ନଗରରୁ ବାରାଣସୀ କାର୍ଯ୍ୟକ୍ରମ ଜରିଆରେ ଜଳ, ଜନ ଓ ସେବା ସଂକଳ୍ପ ଯାତ୍ରା ଅନୁଷ୍ଠିତ ହେବ। ସେବା - ମୋର ଯୋଗଦାନ ଅଭିଯାନ କାର୍ଯ୍ୟକ୍ରମ ୧୭ ସେପ୍ଟେମ୍ବର ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ନାଗରିକ ସାମାଜିକ ସେବାରେ ନିଜର ଯୋଗଦାନ ଦେବେ । ୨୫ଟି ପ୍ରମୁଖ ସେବା କାର୍ଯ୍ୟକଳାପର ଏକ ତାଲିକା ପ୍ରକାଶ କରାଯାଇଛି ଏବଂ ଅଂଶଗ୍ରହଣକାରୀମାନେ ନିଜ ଘର, ପଡ଼ୋଶୀ, ଗ୍ରାମ, ବିଦ୍ୟାଳୟ, କର୍ମସ୍ଥଳୀ କିମ୍ବା ଯେକୌଣସି ସାର୍ବଜନୀନ ସ୍ଥାନରେ ସେବା, ବିକାଶ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବେ ବୋଲି ଡା.ମହାପାତ୍ର ସୁଚନା ଦେଇଛନ୍ତି ।

# ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବୀରେ ମନଓ୍ୱର ଅଲ୍ଲୀଙ୍କ ସପ୍ତମ ଦିନ ଅନଶନକୁ ନବୀନଙ୍କ ସମର୍ଥନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହ ୬ ଦଫା ଦାବୀରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନଓ୍ୱର ଅଲ୍ଲୀଙ୍କ ଅନଶନ ବୁଧବାର ସପ୍ତମ ଦିବସରେ ପହଞ୍ଚିଛି । ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ଉପଦେଷ୍ଟା ମଧୁମିତା ସାମଲ ସହିତ ଅମିତ ଜେନା, ସ୍ମୃତି ରଂଜନ ସାମଲ, ଏସ.କେ ହେଦାଇ ବିରୋଧି ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରି ୬ ଦଫା ଦାବୀ ପତ୍ର ପ୍ରଦାନ କରିବା ସହ ସମର୍ଥନ ଲୋଡ଼ିଥିଲେ । ଶ୍ରୀ ପଟ୍ଟନାୟକ ମନଓ୍ୱର ଅଲ୍ଲୀଙ୍କ ସପ୍ତମ ଦିନ ଅନଶନକୁ ସମର୍ଥନ ଜଣାଇବା ସହ ସଂଗଠନର ଦାବୀ ପତ୍ରକୁ ଆଗାମୀ ବିଧାନସଭା ଅଧିବେଶନରେ ଏହି ୬ ଦଫା ଦାବୀ ଉପସ୍ଥାପନା କରିବେ ବୋଲି ପ୍ରତିଶୃତି ଦେଇଥିଲେ ଏବଂ ବିଜୁ ଜନତା ଦଳର ଏକ ଟିମ୍ ମନଓ୍ୱର ଅଲ୍ଲୀଙ୍କ ଅନଶନ ସ୍ଥଳକୁ ଯାଇ ଆଲୋଚନା କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଗୁରୁବାରର ୪ଟା ସମୟରେ ଛାତ୍ରଛାତ୍ରୀଙ୍କର ଭୁଲ୍ ପାଠ୍ୟ ପୁସ୍ତକ ସରକାରଙ୍କୁ ଫେରସ୍ତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଲୋୟର ପିଏମଜିରେ ଜାରି ରଖିବା ପାଇଁ ସଂଗଠନର ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୁଧବାର ଏସ୍. କେ. ହେଦାଇଙ୍କ ନେତୃତ୍ୱରେ ଶତାଧିକ ଯୁବକ ମନଓ୍ୱର ଅଲ୍ଲୀଙ୍କୁ ସମର୍ଥନ ଦେବା ପାଇଁ ଅନଶନ ସ୍ଥଳୀରେ ପହଞ୍ଚିଥିଲେ। ବୁଧବାର ଅନଶନର ସପ୍ତମ ଦିବସରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ତପନ ମିଶ୍ର, ଢେଙ୍କାନାଳ ସଭାପତି ଅଶ୍ୱିନୀ ଜେନା, ପ୍ରଫୁଲ ପରିଡ଼ା, ଗଞ୍ଜାମ ଯୁବ ନେତା କୃଷ୍ଣ ନାହାକ, ଗଣେଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡାରେ ମହମ୍ମଦଙ୍କ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳିତ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ସାରା ବିଶ୍ୱକୁ ଆଲୋକିତ କରିଥିବା ମହାପୁରୁଷ ହଜରତ୍ ମହମ୍ମଦ (ଏସ୍‌ଏଏସ୍)ଙ୍କ ଜନ୍ମଦିନ ମହାଆଡମ୍ବରରେ ପାଳନ ହୋଇଯାଇଛି। ଇଦ୍ ମିଲାଦୁନ୍ କମିଟି ପକ୍ଷରୁ ଆୟୋଜିତ ଏହି ଜୟନ୍ତୀରେ କେନ୍ଦ୍ରାପଡା ହାଇସ୍କୁଲ୍ ଛକଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା ଦେଇ ଇସଲାମ୍ ଧର୍ମ ସମ୍ପର୍କରେ ଓ ମହମ୍ମଦଙ୍କ ଆଦର୍ଶ ସମ୍ପର୍କରେ ସ୍ଲୋଗାନ୍ ଦେଇଥିଲେ। କେନ୍ଦ୍ରାପଡା ସହର ଓ ଆଖପାଖ ଅଞ୍ଚଳରୁ ମୁସଲିମ୍ ସମ୍ପ୍ରଦାୟର ବ୍ୟକ୍ତିମାନେ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। କେନ୍ଦ୍ରାପଡା ପୋଲିସ୍ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସହର ପରିକ୍ରମା ସମୟରେ ବିଭିନ୍ନ ଛକ ମାନଙ୍କରେ ଏହି ଶୋଭାଯାତ୍ରାକାରୀଙ୍କୁ ବ୍ୟାପକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ମୌଲାନା ଅଜମତୁଲା ହସମତୀ, ହାପିଜ କମାଲ୍ ଉଦ୍ଦିନ ହବିବି, ସୟଦ୍ ଅହେସାନ୍ ଅଲ୍ଲୀ, ମହମ୍ମଦ ସଲ୍ଲିମ୍ ଖାଁ, ମହମ୍ମଦ ବଦରୁଦ ଜମାନ, ମୁକ୍ତାର ଖାଁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିବା ସମୟରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୌର ଅଧକ୍ଷା ସରୀତା ସାହୁ, ମହମ୍ମଦ ଆକବର ଅଲ୍ଲୀ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳ, ସମାଜସେବୀ ରଞ୍ଜିତ ସାହୁ, ରାଜେଶ ଦାସ, ରାଜେଶ ପଣ୍ଡା, କାଉନ୍‌ସିଲର ଉମେଶ ଚନ୍ଦ୍ର ନାୟକ, ଶରତ ବେଉରା, ହିବଜୁର୍ ରହେମାନ୍, ହିରଣ୍ୟ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋଭାଯାତ୍ରାକାରୀଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶତାଧିକ ଭାରତୀୟଙ୍କ ସମେତ...

ନେପାଳର ବିପର୍ଯ୍ୟୟ ମୁକାବିଲା ପ୍ରାଧିକରଣ ଅନୁସାରେ, ରସୁଓ୍ୱା, ନୁଓ୍ୱାକୋଟ୍, ଧାଦିଂ, ଚିତଓ୍ୱାନ୍ ଏବଂ ଗୋରଖାର ନଦୀକୂଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ଏବଂ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରାଯାଇଛି। ରସୁଓ୍ୱାର ସହାୟକ ମୁଖ୍ୟ ଜିଲ୍ଲା ଅଧିକାରୀ ଧ୍ରୁବ ପ୍ରସାଦ ଅଧିକାରୀ କହିଛନ୍ତି ଯେ, ବନ୍ୟାର ଜଳସ୍ତର ଅସ୍ୱାଭାବିକ ଭାବେ ଅଧିକ ଥିଲା ଏବଂ ଉଭୟ ଜନବସତି ପ୍ରବଳ କ୍ଷତିଗ୍ରସ୍ତ ହୋଇଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଭୀଷଣ ବନ୍ୟାକୁ ଦୃଷ୍ଟିରେ ରଖି ଉଦ୍ଧାର ଏବଂ ରିଲିଫ୍ ଅଭିଯାନକୁ ଜୋରଦାର କରିବା ପାଇଁ ରସୁଓ୍ୱା ଏବଂ ଆଖପାଖ ଅଞ୍ଚଳରେ ନେପାଳ ସେନା, ସଶସ୍ତ୍ର ପୋଲିସ ବଳ ଏବଂ ନେପାଳ ପୋଲିସର ଯବାନମାନଙ୍କୁ ମୁତୟନ କରାଯାଇଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଅନୁସାରେ, ବନ୍ୟା ପରବର୍ତ୍ତୀ ସ୍ଥିତି ଉପରେ ଆଲୋଚନା କରିବା ଏବଂ ତାହାର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇଛି। ନେପାଳ ସେନା ତ୍ରିଶୂଳୀ ନଦୀ ଆଖପାଖ ଅଞ୍ଚଳରେ ଖୋଜାଖୋଜି ଏବଂ ଉଦ୍ଧାର ଅଭିଯାନ ଚଳାଇବା ପାଇଁ ଦୁଇଟି ହେଲିକାପ୍ଟର ପଠାଇଛି। ସେନା ଏକ ବିବୃତିରେ ଜଣାଇଛି ଯେ, ଜରୁରୀକାଳୀନ ଚିକିତ୍ସା ଉଦ୍ଧାର ଦଳ ସହ ସଜ୍ଜିତ ଏକ ଏମଆଇ-୧୭ ହେଲିକାପ୍ଟରକୁ ତ୍ରିଶୂଳୀସ୍ଥିତ ଜିଲ୍ଲା ହସ୍ପିଟାଲ୍ ଆଡ଼କୁ ପଠାଯାଇଛି। ତେବେ ନେପାଳ ସେନା କହିଛି ଯେ ଭୀଷଣ ବନ୍ୟା ଯୋଗୁଁ ହୋଇଥିବା ମୋଟ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ବିବରଣୀ ଏପର୍ଯ୍ୟନ୍ତ ମିଳିପାରି ନାହିଁ ଏବଂ କ୍ଷତି ସମ୍ପର୍କିତ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରହିଛି।

### ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ...

ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଏବଂ ନେପାଳର ଜନତାଙ୍କ ପ୍ରତି ଗଭୀର ସମବେଦନା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଭାରତ ଏହି କଠିନ ସମୟରେ ନେପାଳ ସହ ସମ୍ପୂର୍ଣ୍ଣ ଦୃଢ଼ତାର ସହ ଠିଆ ହୋଇଛି। ଭାରତ ନେପାଳ ସରକାରଙ୍କ ରିଲିଫ ଏବଂ ଉଦ୍ଧାର ପ୍ରୟାସରେ ପ୍ରଭାବିତ ଲୋକଙ୍କ ସହାୟତା ପାଇଁ ସମସ୍ତ ସମ୍ଭବ ସହଯୋଗ ଦେବାକୁ ପ୍ରସ୍ତୁତ ଅଛି।

ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ମଧ୍ୟ ନେପାଳରେ ହଠାତ୍ ଆସିଥିବା ବନ୍ୟାରେ ହୋଇଥିବା ଜନହାନି ଏବଂ ବିପର୍ଯ୍ୟୟ ଉପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ସହ ଫୋନରେ କଥା ହୋଇଥିଲେ ଏବଂ ନେପାଳରେ ବନ୍ୟା କାରଣରୁ ହୋଇଥିବା ଜନହାନି ନେଇ ଗଭୀର ଦୁଃଖ ପ୍ରକାଶ କରିଥିଲେ। ସେ ଏହି କଠିନ ସମୟରେ ନେପାଳର ଲୋକଙ୍କ ସହ ଭାରତର ଏକତା ପ୍ରକାଶ କରିବା ସହ ସମ୍ଭବ ସମସ୍ତ ମାନବୀୟ ଏବଂ ରିଲିଫ୍ ସହାୟତା ଯୋଗାଇଦେବାର ଭରସା ଦେଇଥିଲେ।

### ଶାନ୍ତି ପ୍ରସ୍ତାବ ଦେଲା...

ଉଭୟଙ୍କ ମଧ୍ୟରେ ହୋଇଥିବା ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ସକାରାତ୍ମକ ରହିଥିବା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। କଥାବାର୍ତ୍ତା କାଳରେ ଦ୍ୱିପାକ୍ଷିକ ସମ୍ପର୍କରେ ଆସିଥିବା ଉନ୍ନତି ଉପରେ ସମୀକ୍ଷା କରାଯାଇଥିଲା। ଆଗକୁ ଏହି ସମ୍ପର୍କକୁ କିପରି ସ୍ୱାଭାବିକ କରାଯାଇପାରିବ ତା' ଉପରେ ଆଲୋକପାତ କରାଯାଇଥିଲା। ଏହି କଥାବାର୍ତ୍ତା ପରେ ଡୋଭାଲ ଚୀନ ଉପରାଷ୍ଟ୍ରପତି ହାନ୍ ଝେଙ୍ଗଙ୍କୁ ଭେଟିଥିଲେ। ଦୁଇ ଦେଶର ସମ୍ପର୍କରେ ଉନ୍ନତି ଆଣିବା ପାଇଁ ଚାଲିଥିବା ପ୍ରୟାସ କ୍ରମରେ ଡୋଭାଲ ଦୁଇ ଦିନିଆ ଚୀନ ଗସ୍ତ କରିଛନ୍ତି।

### ପୂର୍ବତନ ବିଧାୟକ ସତ୍ୟ ଭୂଷଣ...

ବିୟୋଗରେ ପଦ୍ମପୁର ଅଞ୍ଚଳ ସମେତ ସମଗ୍ର ଓଡ଼ିଶା ରାଜନୀତି ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ମହଲରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଯାଉଛି।

**ମୁଖ୍ୟମନ୍ତ୍ରୀଙ୍କ ଶୋକ :** ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ପଦ୍ମପୁରର ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି।

**ବାଚସ୍ପତିଙ୍କ ଶୋକ :** ପଦ୍ମପୁରର ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ବିୟୋଗରେ ବାଚସ୍ପତି ସୁରମା ପାଢ଼ୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ବାଚସ୍ପତି ଜଣାଇଛନ୍ତି ଯେ, ସ୍ୱର୍ଗତ ସାହୁ ତିନି ଥର ବିଧାୟକ ଭାବେ ନିର୍ବାଚିତ ହେବା ତାଙ୍କ ଲୋକପ୍ରିୟତାର ପ୍ରମାଣ।

### ବଡ଼ ଧରଣର ଆକ୍ରମଣ ଷଡ଼ଯନ୍ତ୍ର...

ଗ୍ରେନେଡ୍ ଜବତ କରିଛି। ଜବତ କରାଯାଇଥିବା ହତିଆର ଓ ଗୋଳା ବାରୁଦର ଯାଞ୍ଚ କରାଯିବା ପରେ ଏହାକୁ ହେପାଜତକୁ ନିଆଯାଇଛି। ଗିରଫ କରାଯାଇଥିବା ସନ୍ଦିଗ୍ଧଙ୍କଠାରୁ ତାଙ୍କ ସହଯୋଗୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ଚେଷ୍ଟା କରାଯାଉଛି।

### ଡିଆରଡିଓର କ୍ଷେପଣାସ୍ତ୍ର ଜ୍ଞାନକୌଶଳ...

ଟେକ୍ନୋଲୋଜି ଅଂଶୀଦାରମାନଙ୍କ ଭାଗିଦାରୀ ଓ କର୍ମସଂସ୍ଥାନର ସୁଯୋଗ ବୃଦ୍ଧି ପାଇବ। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇଁ ବିଦେଶ ଉପରେ ନିର୍ଭର କରିବା ବଦଳରେ ଭାରତୀୟ ସେନାକୁ ଶୀଘ୍ର ଏବଂ ଦେଶୀୟ ସ୍ତରରେ ପ୍ରସ୍ତୁତ କ୍ଷେପଣାସ୍ତ୍ର ମିଳିପାରିବ। ଏହି ପଦକ୍ଷେପ ଦ୍ୱାରା ଡିଆରଡିଓ ମୁଖ୍ୟତଃ ଆଗାମୀ ପିଢ଼ିର ଗବେଷଣା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିପାରିବ ଏବଂ ଭାରତୀୟ ଘରୋଇ କ୍ଷେତ୍ର ନିର୍ମାଣ ଓ ଯୋଗାଣ ଦାୟିତ୍ୱ ସମ୍ଭାଳିବ।

### ବିଶ୍ୱରେ ସର୍ବାଧିକ...

ଅଧ୍ୟୟନରେ ମୁଖ୍ୟ ଲେଖକ ଦିଲେପା ଏଡିରିଭେରା ସାପ ବିଷ ଯୋଗୁ ହେଉଥିବା ରୋଗ (ଏସଇ)କୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ବୋଲି କହିଛନ୍ତି। ଅତୀତରେ ସାପ କାମୁଡ଼ିବା ଓ ଗିଳିଯିବାର ଅନେକ ଉଦାହରଣ ରହିଛି। ଏଥିରୁ କିଛି ଗତ ବର୍ଷର ହୋଇଥିବା ବେଳେ ଆଉ କିଛି ଚଳିତବର୍ଷର। ତେବେ ଏହି ସଂଖ୍ୟା ଅନୁମାନ କରିବା ଏବେବି ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଏହି ଅଧ୍ୟୟନ ଲାଗି ଗବେଷକମାନେ ଜାନୁୟାରୀ ୨୦୦୭ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ୭୯ଟି ଦେଶରେ ସାପ କାମୁଡ଼ା ସମ୍ପର୍କିତ ତଥ୍ୟ ସମୀକ୍ଷା କରିଛନ୍ତି। ସେମାନଙ୍କ ବିଶ୍ଳେଷଣ ଅନୁସାରେ ପ୍ରତି ବର୍ଷ ୨୧ରୁ ୭୦ ଲକ୍ଷ ସର୍ପ ଦଂଶନ ହେଉଛି। ଏଥିରୁ ୭୫ ପ୍ରତିଶତ କେବଳ ୨୦ଟି ଦେଶରେ ହେଉଛି। ଏହି ତାଲିକାରେ ଭାରତ ଶୀର୍ଷରେ ରହିଛି। କାରଣ ଭାରତରେ ପ୍ରତି ବର୍ଷ ୪୯ ହଜାରରୁ ୧୩ଲକ୍ଷ ପର୍ଯ୍ୟନ୍ତ ସର୍ପ ଦଂଶନ ଅଭିଯୋଗ ଆସୁଛି। ଏହି ୨୦ ଦେଶରେ ନାଇଜେରିଆ, ବ୍ରାଜିଲ ଓ ଚୀନ୍ ମଧ୍ୟ ଅଛନ୍ତି। ସର୍ପ ଦଂଶନ ଯୋଗୁ ବିଶ୍ୱରେ ପ୍ରତି ବର୍ଷ ୨,୭୪ ହଜାରରୁ ୫ଲକ୍ଷ ୧୩ ହଜାର ଲୋକେ ପ୍ରାଣ ହରାଉଛନ୍ତି। ତେବେ ଗବେଷକମାନେ କହିଛନ୍ତି ଯେ ଏହି ତଥ୍ୟ ହୁଏତ କମ୍ ହୋଇପାରେ, ବାସ୍ତବିକ ମାମଲା ଓ ଏଥିଯୋଗୁ ହେଉଥିବା ମୃତ୍ୟୁ ଅଧିକ ହୋଇପାରେ।

### ନଭେମ୍ବର ୨୪ରୁ ଐତିହାସିକ...

ତେବେ ଚଳିତ ବର୍ଷ ବାଲିଯାତ୍ରା ଉପର ପଡ଼ିଆ ଓ ତଳ ପଡ଼ିଆରେ କରାଯିବାକୁ ସ୍ଥିର କରାଯାଇଛି। ବୈଦ୍ୟୁତିକ ସୁରକ୍ଷା, ମଞ୍ଚ ଓ ଭିତ୍ତିଭୂମି ସୁରକ୍ଷା, ଅଗ୍ନିଶମ ସୁରକ୍ଷାକୁ ସୁନିଶ୍ଚିତ କରାଇବା, ଦୋଳି ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ ସରଞ୍ଜାମର ସୁରକ୍ଷା ପ୍ରମାଣପତ୍ର ସହ ମାନକ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଛନ୍ତି। ଆଇନ ଶୃଙ୍ଖଳା, ଗମନାଗମନ, ଯାତାୟତ, ଗାଡ଼ି ରହଣୀ ସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡ଼ିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ, ବିଶେଷକରି ଅଧିକ ସଂଖ୍ୟକ ସିସିଟିଭି ସ୍ଥାପନ ଉପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଯାନବାହନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଯାତାୟାତ ମାର୍ଗ ସୂଚୀ ପ୍ରସ୍ତୁତ କରାଯିବ। ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବାଲିଯାତ୍ରା ପରିସରରେ ପ୍ଲାଷ୍ଟିକ ଓ ଫୋମ୍ ନିର୍ମିତ ଖାଦ୍ୟ ପାତ୍ର ଓ ବ୍ୟାଗ୍ ବ୍ୟବହାର ନିଷିଦ୍ଧ କରାଯିବ, ଏହା ପରିବର୍ତ୍ତେ ଖାଦ୍ୟ ପରଶିବା ପାଇଁ ବ୍ୟବସାୟୀମାନେ ଶାଳପତ୍ରର ବ୍ୟବହାର ଏବଂ ଅନ୍ୟାନ୍ୟ ସାମଗ୍ରୀ ନିମନ୍ତେ କପଡ଼ା ବ୍ୟାଗ ବ୍ୟବହାର କରାଯିବା ପାଇଁ ଜିଲ୍ଲାପାଳ କହିଛନ୍ତି। ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଞ୍ଚ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ବାଲିଯାତ୍ରା ଆହୁରି ରଙ୍ଗୀନ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯିବ। ଅନୈତିକ ପାର୍କିଂକୁ ଏଡ଼ାଇବା ପାଇଁ ବ୍ୟବସ୍ଥା କରାଯିବା ସହ, ପୂର୍ବରୁ ବ୍ୟବହୃତ ହେଉଥିବା ପାର୍କିଂ ସହିତ ପାର୍କିଂ ସ୍ଥାନରୁ ଯାତ୍ରୀମାନଙ୍କୁ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଯାତାୟତକୁ ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପାର୍କିଂ ସ୍ଥାନ ବୃଦ୍ଧି, ପଡ଼ିଆ ଓ ଏହାର ଆଖପାଖ ଅଞ୍ଚଳର ଉପଯୁକ୍ତ ଆଲୋକିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ, ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ ବାଙ୍କୀ ମନସ୍ୱିନୀ ଦାସ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନସ୍ଥ କେନ୍ଦୁଆପଦା-ଭଦ୍ରକ-କଟକ ସେକ୍ସନରେ ୩ୟ ଲାଇନ୍ କମିଶନିଂ ପାଇଁ କେନ୍ଦୁଆପଦା ଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପରିପ୍ରେକ୍ଷୀରେ, କାର୍ଯ୍ୟର ସୁରକ୍ଷିତ ଓ ସୁଗମ ସମ୍ପାଦନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ଟ୍ରେନ୍ ସେବାକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯିବ।

ଏହି ଅନୁଯାୟୀ, ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ଉଲ୍ଲେଖିତ ତାରିଖରେ ବାତିଲ, ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ୬୮୪୩୮ କଟକ-ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ବାତିଲ ରହିବ। ୬୮୪୩୭ ଭଦ୍ରକ-କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ବାତିଲ ରହିବ। ୬୮୪୨୪ କଟକ-ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ଭଦ୍ରକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍ ଠାରେ ସ୍ୱଳ୍ପ-ସମାପ୍ତ ହେବ। ୬୮୪୨୩ ଭଦ୍ରକ-କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ କଟକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍ ଠାରୁ ଯାତ୍ରା ଆରମ୍ଭ କରିବ।୧୮୦୩୭ ଖଡ଼ଗପୁର-ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୨୯ ଅଗଷ୍ଟ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ। ୧୮୦୩୮ ଯାଜପୁର କେନ୍ଦୁଝର ରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୮ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ। ୧୮୦୨୧ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ।୧୮୦୨୨ ଖୋର୍ଦ୍ଧା ରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତେ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ।

# ଜିପିଏଫ୍ ଅର୍ଥ ଆତ୍ମସାତ ମାମଲାରେ ପୂର୍ବତନ କନିଷ୍ଠ କିରାଣୀ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ପୂର୍ବତନ କନିଷ୍ଠ କିରାଣି ଏବଂ ବର୍ତ୍ତମାନ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ସଂଗ୍ରାମ ପଟ୍ଟନାୟକଙ୍କୁ ଜିପିଏଫ୍ ଅର୍ଥ ହଡ଼ ଓ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦାୟର ମାମଲାରେ ପଟ୍ଟନାୟକଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ୧୩(୧)(ସି)(ଡି) ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା ୪୦୯, ୪୭୭-ଏ, ୪୩୫ ଓ ୨୦୧ ଅନୁଯାୟୀ ଚାର୍ଜସିଟ୍ ଦାଖଲ ହୋଇଥିଲା। ଭିଜିଲାନ୍ସର ସୂଚନା ଅନୁଯାୟୀ, ୧୯୯୯ରୁ ୨୦୦୩ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦରମାରୁ କଟାଯାଇଥିବା ସାଧାରଣ ଭବିଷ୍ୟନିଧି (ଜିପିଏଫ୍) ରିଫଣ୍ଡ ଅର୍ଥ ମହାଲେଖାକାର (ଏଜି), ଓଡ଼ିଶା, ଭୁବନେଶ୍ୱରଙ୍କ ନିକଟରେ ଜମା କରାଯାଇନଥିଲା। ଏହି ଅର୍ଥର ଅନିୟମିତତା ଓ ହଡ଼ପ ନେଇ ଅଭିଯୋଗ ହୋଇଥିଲା। ମାମଲାର ଶୁଣାଣି ପରେ କେନ୍ଦୁଝରର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ସଂଗ୍ରାମ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଦେଇଛନ୍ତି।

## ଭୁବନେଶ୍ୱରରେ ଖୋଲିଲା ଶ୍ୟାମ ସୁନ୍ଦର ଚାନ୍ଦିଓ୍ୱାଲାଙ୍କ ନୂତନ ଶୋ'ରୁମ୍

# "ଦି ସାଇନ୍ ଅଫ୍ ପ୍ୟୁରିଟି" ଯାତ୍ରାରେ ଆଉ ଏକ ମାଇଲ୍‌ଖୁଣ୍ଟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କୃଷ୍ଟ ରୁପା କାରିଗରୀର ଦୀର୍ଘ ପରମ୍ପରା ପାଇଁ ପରିଚିତ ଶ୍ୟାମ ସୁନ୍ଦର ଚାନ୍ଦିଓ୍ୱାଲା ଚଳିତ ମାସ ୨୬ ତାରିଖ ଦିନ ଭୁବନେଶ୍ୱରରେ ଏହାର ଏକ ନୂତନ ଶୋ'ରୁମ୍‌ର ଶୁଭାରମ୍ଭ କରିଛି। ଏହି ବ୍ରାଣ୍ଡର ଶୋ'ରୁମ୍ ଓଡ଼ିଶାରେ ପ୍ରଥମ ହୋଇଥିବା ବେଳେ ଭାରତରେ ୧୮ତମ ଶୋ'ରୁମ୍ ଭାବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। "ଦି ସାଇନ୍ ଅଫ୍ ପ୍ୟୁରିଟି" ଅର୍ଥାତ୍ ପବିତ୍ରତାର ଚମକ ପ୍ରତି ନିଜର ପ୍ରତିବଦ୍ଧତା ପାଇଁ ପରିଚିତ ଏହି ବ୍ରାଣ୍ଡରେ ବିଭିନ୍ନ ପ୍ରକାରର ହଲମାର୍କଯୁକ୍ତ ରୁପା ସାମଗ୍ରୀ ଉପଲବ୍ଧ ରହିଛି। ଏଥିରେ ରୁପା ଅଳଙ୍କାର, ରୁପା ବାସନକୁସନ, ରୁପା ମୂର୍ତ୍ତି ଏବଂ ରୁପା ଉପହାର ସାମଗ୍ରୀ ଆଦି ସାମିଲ ରହିଛି, ଯାହା ପାରମ୍ପରିକ ଓ ଆଧୁନିକ ଉଭୟ ରୁଚିକୁ ପୂରଣ କରିଥାଏ। ଭୁବନେଶ୍ୱର କାନନ ବିହାରସ୍ଥିତ କିଟ୍ ସ୍କୋୟାର ନିକଟ ପଟିଆଠାରେ ଅବସ୍ଥିତ ଏହି ନୂତନ ଶୋ'ରୁମ୍ ବ୍ରାଣ୍ଡର ଶୁଦ୍ଧତା, ସ୍ୱଚ୍ଛତା ଓ ବିଶ୍ୱାସର ମୂଲ୍ୟବୋଧର ପ୍ରତୀକ। ଏହି ମୂଲ୍ୟବୋଧ ହିଁ ପିଢ଼ି ପରେ ପିଢ଼ି ଗ୍ରାହକମାନଙ୍କର ଭଲପାଇବା ଓ ବିଶ୍ୱାସ ଅର୍ଜନ କରିବାରେ ବ୍ରାଣ୍ଡକୁ ସାହାଯ୍ୟ କରିଛି। ଶ୍ୟାମ ସୁନ୍ଦର ଚାନ୍ଦିଓ୍ୱାଲାର ପ୍ରତିଷ୍ଠାତା ସୁନ୍ଦର ଭାଲୋଟିଆ କହିଛନ୍ତି, "ଭୁବନେଶ୍ୱରରେ ଏହି ନୂତନ ଶୋ'ରୁମ୍ କଠିନ ପରିଶ୍ରମ, ନିଷ୍ଠା ଏବଂ ଗ୍ରାହକମାନଙ୍କର ଆମ ପ୍ରତି ରହିଥିବା ବିଶ୍ୱାସର ପ୍ରତିଫଳନ। ଓଡ଼ିଶାରେ ଏହି ନୂତନ ଶୋ'ରୁମ୍ ତଥା ଭାରତର ୧୮ତମ ଶୋ'ରୁମ୍ ଖୋଲିବା ଆମ ପାଇଁ ଗର୍ବର ମୁହୂର୍ତ୍ତ।"

# ରାଜୀବ ଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନରେ ସମ୍ମାନିତ ହେଲେ ଅଧ୍ୟାପକ ଦେବାଶିଷ ପଧାନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ତଥା ଯୁବ ରେଡକ୍ରସର ଉପଦେଷ୍ଟା ଦେବାଶିଷ ପଧାନ ଭୁବନେଶ୍ୱର ସ୍ଥିତ ଜୟଦେବ୍ ଭବନ୍‌ରେ ରେଡକ୍ରସର ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପିସିସି ସଭାପତି ଭକ୍ତ ଚରଣ ଦାସ, ସମ୍ମାନୀତ ଅତିଥି ଭାବରେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଅଶୋକ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ସତ୍ୟବ୍ରତ ନାୟକ ଏବଂ ଅନ୍ୟ ଅତିଥିମାନେ ଯୋଗ ଦେଇ ଅଧ୍ୟାପକ ଶ୍ରୀ ପଧାନଙ୍କୁ ଟ୍ରଫି, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ରେ ଏହି ଖବର ପ୍ରଚାରିତ ହେବାପରେ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।



ଉତ୍କଳ ଦୀପିକା

ଭୁବନେଶ୍ୱର, ୨୭ ଅଗଷ୍ଟ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ମହାପ୍ରଭୁଙ୍କୁ ନେଇ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର ରିଲିଜକୁ ସମ୍ପୂର୍ଣ୍ଣ ବ୍ୟାନ୍ କରାଯିବା ଉଚିତ୍: ଶଙ୍କରାଚାର୍ଯ୍ୟ

**ପୁରୀ, ୨୬/୮ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ ହୋଇଥିବା କାର୍ଟୁନ୍ ଚଳଚ୍ଚିତ୍ର ଉପରେ ପ୍ରତିକ୍ରିୟା ରଖିଛନ୍ତି ଜଗତଗୁରୁ ଶଙ୍କରାଚାର୍ଯ୍ୟ । ଏଲି ଏନିମେସନ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ନିର୍ମିତ 'ମହାପ୍ରଭୁ ଜଗନ୍ନାଥ' କାର୍ଟୁନ୍ ଚଳଚ୍ଚିତ୍ର ରିଲିଜ୍ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଉ । ଏହି କାର୍ଟୁନ୍ ଫିଲ୍ମ ସମ୍ପୂର୍ଣ୍ଣ ଶାସ୍ତ୍ର ଓ ପରମ୍ପରା ବିରୋଧୀ ଅଟେ । ବୁଧବାର ଏକ ପ୍ରେସ୍ ରିଲିଜ ଜରିଆରେ ଏହି ମତ ରଖିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ । ଜଗତଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି,' ବିକୃତ କାର୍ଟୁନ୍ ଫିଲ୍ମ ରିଲିଜ୍ ହେଲେ ଜଗନ୍ନାଥ ସଂସ୍କୃତି ସମେତ ସନାତନ ହିନ୍ଦୁ ସଂସ୍କୃତିକୁ ସମ୍ପୂର୍ଣ୍ଣ ବିକୃତ କରିଦେବ। ଛୋଟ ଛୋଟ ପିଲା ଏହାକୁ ଦେଖିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବନା କମିଯିବ । ଯାହାକି ଆଗାମୀ ଦିନରେ ସନାତନ ହିନ୍ଦୁ ଧର୍ମକୁ ବିପଦକୁ ନେଇଯିବ । ଏଣୁ ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ନିର୍ମିତ ହୋଇଥିବା କାର୍ଟୁନ୍ ଚଳଚ୍ଚିତ୍ରକୁ ରିଲିଜକୁ ସମ୍ପୂର୍ଣ୍ଣ ବ୍ୟାନ କରାଯିବା ଉଚିତ୍ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ କୌଣସି କାଳ୍ପନିକ ଚଳଚ୍ଚିତ୍ର ନିର୍ମିତ ହେବା କଥା ନୁହେଁ ।' ସେପଟେ ଶଙ୍କରାଚାର୍ଯ୍ୟଙ୍କ ମତକୁ ଉଲ୍ଲେଖ କରି ଶ୍ରୀମନ୍ଦିର ମୁକ୍ତି ମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏକ ଚିଠି ଗଜପତି ମହାରାଜାଙ୍କୁ ପ୍ରଦାନ କରାଯାଇଛି । ଏନେଇ ଗଜପତି ମହାରାଜାଙ୍କ ଶ୍ରୀନହରର ମ୍ୟାନେଜର ଜଗନ୍ନାଥ ସାହୁ ଗଣମାଧ୍ୟମକୁ ଏକ ପ୍ରେସ ରିଲିଜ୍ ସୂଚନା ଦେଇଛନ୍ତି । ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି, 'ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ପରମବ୍ରହ୍ମ । ତାଙ୍କ ଉପରେ କାର୍ଟୁନ୍ ଫିଲ୍ମ ତିଆରି ହେବା ଠିକ ନୁହେଁ । ମହାପ୍ରଭୁଙ୍କ ପରମ୍ପରା,ବିଧି ଏବଂ ଇତିହାସକୁ ବିକୃତ କରି ଫିଲ୍ମ ହେବା ଠିକ୍ ନୁହେଁ । ଏହା ଦ୍ୱାରା ଭବିଷ୍ୟତରେ ଜଗନ୍ନାଥ ସଂସ୍କୃତି ବିକୃତ ହେବ । ପରବର୍ତ୍ତୀ ପିଢ଼ି ଭୁଲ୍ ଜ୍ଞାନ ହାସଲ କରିବେ । ଜଗନ୍ନାଥ ସଂସ୍କୃତିର ହିଁ କ୍ଷତି ହେବ । ଏଣୁ ମହାପ୍ରଭୁଙ୍କ ଉପରେ କୌଣସି ଶାସ୍ତ୍ର ବିରୋଧୀ କାଳ୍ପନିକ ଚଳଚ୍ଚିତ୍ର ରିଲିଜ୍ ଉପରେ ରୋକ୍ ଲାଗିବା ଉଚିତ୍ ।'





ଭୁବନେଶ୍ୱର : ମହମ୍ମଦଙ୍କ ଜୟନ୍ତୀ ଅବସରରେ ରାଜଧାନୀରେ ମୁସଲମାନ ଭାଇଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା। (ଫଟୋ : ସମ୍ବାଦ କଳିକା)

# ଭୁବନେଶ୍ୱରର ବହୁଚର୍ଚ୍ଚିତ ପତ୍ନୀ ହତ୍ୟା ମାମଲା : ୩୫ ବର୍ଷ ଦଣ୍ଡ ଭୋଗିବ ସ୍ୱାମୀ

**କଟକ, ୨୬/୦୮ ନ୍ୟୁଜ ବ୍ୟୁରୋ**

ପତ୍ନୀଙ୍କୁ ଛୁରି ଭୁଷି ହତ୍ୟା କରିବା ସହ ଝିଅଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରି ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା ମୁଖ୍ୟ ଆସାମୀ ସଞ୍ଜୀତ ଦାଶ ଓରଫ ବାଙ୍କୁ ହାଇକୋର୍ଟ ଜୀବନଦାନ ଦେଇଛନ୍ତି । ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ନିମ୍ନ ଅଦାଲତଙ୍କ ରାୟରେ ସାମାନ୍ୟ କୋହଳ କରିଛନ୍ତି । ଯଦିଓ ଆସାମୀ ସାଂଘାତିକ ଅପରାଧ କରିଛି ତଥାପି ଏହା 'କ୍ୱଚିତ୍‌ରୁ ଆହୁରି କ୍ୱଚିତ୍' ଘଟଣା କୁହାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ତଥାପି ଆସାମୀକୁ ଅତି କମ୍‌ରେ ୩୫ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି। ୩୫ ବର୍ଷ ଜେଲ୍‌ଦଣ୍ଡ ପୂରଣ ନହେବା ପର୍ଯ୍ୟନ୍ତ ସେ ଖଲାସ ହେବା ଲାଗି ଆବେଦନ କରିପାରିବ ନାହିଁ । ଅପରପକ୍ଷରେ ହାଇକୋର୍ଟ ଏହି ମାମଲାରେ ଆସାମୀର ଦୁଇ ଛୋଟ ଝିଅଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥ ଦୁଇ ଝିଅଙ୍କ ନାଁରେ ଏକ ଜାତୀୟକରଣ ବ୍ୟାଙ୍କ୍‌ରେ ଜମା କରାଯିବ। ସେମାନେ ସାବାଳିକା ନହେବା ପର୍ଯ୍ୟନ୍ତ ଉକ୍ତ ଅର୍ଥକୁ ଉଠାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଆସାମୀ ସଞ୍ଜୀତ ଦାଶ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି



ଯେ, ଆସାମୀ ସଞ୍ଜୀତ ଦାଶ ବୈଦିକ ରୀତିରେ ସରସ୍ୱତୀ ଦାଶଙ୍କୁ ବିବାହ କରିଥିଲେ । ଟଙ୍କା ପାଇଁ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳି ଲାଗୁଥିଲା । ଉଭୟ ଭୁବନେଶ୍ୱରରେ ରହୁଥିଲେ । ୨୦୨୨ ମସିହା ଜୁନ୍ ୯ ତାରିଖ ଦିନ ସଞ୍ଜୀତ ପତ୍ନୀ ସରସ୍ୱତୀଙ୍କୁ ଛୁରିରେ ଭୁସି ହତ୍ୟା କରିଥିଲା । ପାଖରେ ଥିବା ୬ବର୍ଷର ଝିଅକୁ ତଣ୍ଟିକାଟି ମାରିଦେବାକୁ ଉଦ୍ୟମ କରି ପରେ ସଞ୍ଜୀତ କେଉଁଆଡ଼େ ଫେରାର ହୋଇଯାଇଥିଲା । ସେତେବେଳକୁ ଉଭୟଙ୍କର ଆଉ ଗୋଟିଏ ୩ ଦିନର ଝିଅ ଥିଲା । ଏହି ଘଟଣା ଜାଣିବା ପରେ ସରସ୍ୱତୀଙ୍କ ଭାଇ ଶଶିକାନ୍ତ ଦାଶ ଭରତପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇଥିଲା । ଅଦାଲତ ୨୦୨୪ ଜୁଲାଇ ୩୦ରେ ରାୟ ପ୍ରକାଶ କରି ଆସାମୀକୁ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ । ଏହା ବିରୋଧରେ ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ରାଜ୍ୟ ସରକାର ଦଣ୍ଡାଦେଶ କାଏମ୍ ପାଇଁ ହାଇକୋର୍ଟକୁ ଅପିଲ୍‌ରେ ଆସିଥିଲେ । ଉଭୟପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ରାୟରେ କହିଛନ୍ତି ଯେ, ଆସାମୀ ଯେଉଁ କାଣ୍ଡ କରିଛି ତାହା ଜଘନ୍ୟ। ଏଥିରେ ଯଦିଓ ଫାଶୀଦଣ୍ଡାଦେଶ ଦିଆଯାଇଛି କିନ୍ତୁ ଏହା ସେହି ପର୍ଯ୍ୟାୟର ନୁହେଁ । କିନ୍ତୁ ଫାଶୀ ଦଣ୍ଡାଦେଶ ଯଦି ଦିଆନଯାଏ ତାହେଲେ ଆସାମୀକୁ ଆଜୀବନ କାରାଦଣ୍ଡ ଭୋଗିବାକୁ ପଡ଼ିବ । ଅନେକ ସମୟରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ଆସାମୀମାନେ ୧୪ ବର୍ଷ ଜେଲ୍ ଭୋଗିବା ପରେ ମୁକ୍ତ ହେବା ପାଇଁ ଆବେଦନ କରି ମୁକୁଳି ଯାଇଥାନ୍ତି କିନ୍ତୁ ଏ କ୍ଷେତ୍ରରେ ଆସାମୀକୁ ସର୍ବନିମ୍ନ ୩୫ ବର୍ଷ ଜେଲ୍ ଜୀବନ ଭୋଗିବାକୁ ପଡ଼ିବ। ଅର୍ଥାତ ଆସାମୀ ଜେଲ୍‌ରେ ୩୫ ବର୍ଷ ନ କଟାଇବା ପର୍ଯ୍ୟନ୍ତ ମୁକୁଳିବା ଲାଗି ଆବେଦନ କରିପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ମାମଲା ପରିଚାଳନାରେ ସହଯୋଗ ଲାଗି ଆମିକସ୍ କ୍ୟୁରୀ ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥ ସାରଥୀ ନାୟକଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।

# ଆଜି କିଟ୍‌ରେ 'ଖେଲୋ ଇଣ୍ଡିଆ ସମ୍ବାଦ'

## ଜାତୀୟ କ୍ରୀଡ଼ା ଦିବସ ପୂର୍ବରୁ ଦେଶବ୍ୟାପୀ ଯୁବ ସଂଯୋଗ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୫।୮ ନ୍ୟୁଜ ବ୍ୟୁରୋ**

ଜାତୀୟ କ୍ରୀଡ଼ା ଦିବସ ପୂର୍ବରୁ ଯୁବପିଢ଼ିଙ୍କୁ ଦେଶର କ୍ରୀଡ଼ା ଓ ରାଷ୍ଟ୍ର ନିର୍ମାଣ ଯାତ୍ରା ସହ ଯୋଡ଼ିବା ଉଦ୍ଦେଶ୍ୟରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାରରେ ଦେଶବ୍ୟାପୀ 'ଖେଲୋ ଇଣ୍ଡିଆ ସମ୍ବାଦ–ଖେଲ୍ କି ବାତ୍ ପିଏମ୍ କେ ସାଥ୍' କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆୟୋଜକ ପ୍ରତିଷ୍ଠାନ ଭାବେ କିଟ୍ ରହିବ ବୋଲି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ ଖୁଣ୍ଟିଆ, କିଟ୍ ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରଭାତ କୁମାର ରାଉତ ଏବଂ କିଟ୍ ଏନ୍‌ଏସ୍‌ଏସ୍ ଲିଆଜନ୍ ଅଫିସର ତଥା କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ସ୍ମୃତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଯୁବ ବ୍ୟାପାର ବିଭାଗ





ଅଧୀନରେ ମେରା ଯୁବା ଭାରତ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବପିଢ଼ି, କ୍ରୀଡ଼ାବିତ୍, ଜନପ୍ରତିନିଧି ଏବଂ କ୍ରୀଡ଼ା କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷ ଏକ ମଞ୍ଚରେ ଏକାଠି ହେବେ। ଯୁବ ସହଭାଗିତା, କ୍ରୀଡ଼ାର ବିକାଶ, ଶାରୀରିକ ସୁସ୍ଥତା ଏବଂ ରାଷ୍ଟ୍ର ନିର୍ମାଣ ଉପରେ ଏଥିରେ ଗୁରୁତ୍ୱ ଦିଆଯିବ। ଏଥିସହ 'ବିକଶିତ ଭାରତ@୨୦୪୭' ଲକ୍ଷ୍ୟ ପୂରଣରେ ଯୁବପିଢ଼ିଙ୍କ ସକ୍ରିୟ ଅବଦାନ ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ। ଦେଶର ବିଭିନ୍ନ ଜିଲ୍ଲାର ଚୟନିତ ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମ ଏକକାଳୀନ ଭାବେ ଆୟୋଜିତ ହେବ। ଦେଶବ୍ୟାପୀ ପ୍ରାୟ ୧,୬୦୦ଟି ସ୍ଥାନରେ ୮ ଲକ୍ଷରୁ ଅଧିକ ଯୁବକଯୁବତୀ ଏଥିରେ ଯୋଗଦେବାର ଆଶା ରହିଛି । କଲେଜ ଛାତ୍ରଛାତ୍ରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ମାଇଁ ଭାରତ ସ୍ୱେଚ୍ଛାସେବୀ, ଯୁବ କ୍ଲବ ସଦସ୍ୟ ଏବଂ କ୍ରୀଡ଼ାପ୍ରେମୀମାନେ ଏଥିରେ ସକ୍ରିୟ ଭାବେ ସାମିଲ ହେବେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭର୍ଚ୍ୟୁଆଲ୍ ସମ୍ବୋଧନ। ଦେଶର ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ଲାଇଭ୍ ଫିଡ୍ ମାଧ୍ୟମରେ ଯୁବପିଢ଼ି ପ୍ରଧାନମନ୍ତ୍ରୀଙ୍କ କ୍ରୀଡ଼ା, ଫିଟ୍‌ନେସ୍ ଏବଂ ଯୁବ ନେତୃତ୍ୱାଧୀନ ରାଷ୍ଟ୍ର ନିର୍ମାଣ ସମ୍ପର୍କିତ ଦୃଷ୍ଟିକୋଣ ଶୁଣିବେ। ଏହା ପରେ ସ୍ଥାନୀୟସ୍ତରରେ 'ଯୁବ ସମ୍ବାଦ' ଆୟୋଜିତ ହେବ। ଏଥିରେ ଯୁବପିଢ଼ି କ୍ରୀଡ଼ାବିତ୍, ଜନପ୍ରତିନିଧି ଓ କ୍ରୀଡ଼ା କ୍ଷେତ୍ରର ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରିବେ। ଭାରତର କ୍ରୀଡ଼ା ପରିବେଶକୁ ସୁଦୃଢ଼ କରିବା, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ, ଯୁବ ସହଭାଗିତା ବୃଦ୍ଧି ଏବଂ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଭଳି ବିଷୟ ଉପରେ ଆଲୋଚନା ହେବ। ଏହି ଅବସରରେ ଯୁବପିଢ଼ି ଭାରତୀୟ କ୍ରୀଡ଼ାର ଭବିଷ୍ୟତ ସମ୍ପର୍କରେ ନିଜର ମତାମତ, ଅନୁଭୂତି, ପରାମର୍ଶ ଓ ଆଶା ମଧ୍ୟ ରଖିପାରିବେ। ଗଣ Bharat Suggestions Box ମାଧ୍ୟମରେ ଯୁବପିଢ଼ି ଡିଜିଟାଲ୍ ଭାବେ ନିଜର ପରାମର୍ଶ ପ୍ରଦାନ କରିପାରିବେ। ଅଗଷ୍ଟ ୨୯ରେ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମହାନ ଭାରତୀୟ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ। କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ନେତୃତ୍ୱ, ଦୃଢ଼ତା, ଦଳଗତ ଭାବନା ଓ ଶାରୀରିକ ସୁସ୍ଥତା ବିକଶିତ ହୁଏ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯିବ। 'ଖେଲୋ ଇଣ୍ଡିଆ ସମ୍ବାଦ' ମାଧ୍ୟମରେ ଯୁବପିଢ଼ିଙ୍କୁ ଦେଶର କ୍ରୀଡ଼ା ପରିବେଶରେ ଅଧିକ ସକ୍ରିୟ ଭାବେ ସାମିଲ କରିବା ସହ ସେମାନଙ୍କୁ କେବଳ ଦର୍ଶକ ନୁହେଁ, ବରଂ ଭାରତର କ୍ରୀଡ଼ା ଓ ବିକାଶ ଯାତ୍ରାର ସକ୍ରିୟ ଅଂଶୀଦାର ଭାବେ ଗଢ଼ି ତୋଳିବା ଲକ୍ଷ୍ୟ ରହିଛି।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ପରିଷଦ

# ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ବିଷୟରେ ହେଲା ବିସ୍ତୃତ ଆଲୋଚନା

**କଟକ, ୨୬/୦୮ ନ୍ୟୁଜ ବ୍ୟୁରୋ**

ସଭାପତି ପ୍ରଫେସର ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ପରିଷଦର କର୍ମକର୍ତ୍ତାମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ତାଙ୍କ ଅଫିସରେ ଏକ ସୌଜନ୍ୟମୂଳକ ସାକ୍ଷାତ କରି ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ ଓ ଏକ ସ୍ମାରକ ପତ୍ର ଦେଇଥିଲେ । ରେଭେନ୍ସାର ବିକାଶ ପାଇଁ ଏହି ପରିଷଦ ଅଙ୍ଗୀକାରବଦ୍ଧ ବୋଲି ଅଧ୍ୟାପକମାନେ ମନ୍ତ୍ରୀଙ୍କୁ ଜଣାଇଥିଲେ। ବିଶ୍ୱବିଦ୍ୟାଳୟର



ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ହଷ୍ଟେଲର ଆବଶ୍ୟକତା ରହିଛି ବୋଲି ଶିକ୍ଷକ ପରିଷଦ ମନ୍ତ୍ରୀଙ୍କୁ ଜଣାଇଥିଲେ । ବିଶେଷକରି ଦ୍ୱିତୀୟ କ୍ୟାମ୍ପସରେ ଅଧିକ ଛାତ୍ରବାସ, ଶ୍ରେଣୀ ଗୃହ, ଲାବୋରେଟୋରୀର ଆବଶ୍ୟକତା ବିଷୟରେ ପରିଷଦ ଏହାର ଦାବୀ ଜଣାଇଥିଲା । ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତିଯୋଗ୍ୟତା ବୃଦ୍ଧି ପାଇଁ ଶିଳ୍ପ ପ୍ରତିଷ୍ଠାନ ସହିତ ବିଶ୍ୱବିଦ୍ୟାଳୟଗୁଡିକର ସହଭାଗୀତା ବୃଦ୍ଧି ଓ କ୍ୟାରିଅର ପ୍ଲେସମେଣ୍ଟ ପାଇଁ ସରକାରଙ୍କ ଉଦ୍ୟମ ଆବଶ୍ୟକ ବୋଲି ଶିକ୍ଷକ ପରିଷଦ ମତ ରଖିଥିଲେ। ଛାତ୍ରଛାତ୍ରୀଙ୍କ ନିଯୁକ୍ତିଯୋଗ୍ୟତାକୁ ଆହୁରି ସୁଦୃଢ଼ କରିବା ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା, କମ୍ପ୍ୟୁଟର ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ମଧ୍ୟ ଆରଭିଏସ୍‌ପି ପ୍ରସ୍ତାବ ଦେଇଛି। ଅଧ୍ୟାପକ ପଦବୀ ସୃଷ୍ଟି କରିବା ସହିତ ପରୀକ୍ଷାଗାର, ଶ୍ରେଣୀଗୃହ, ଆସବାବପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇବାକୁ ପରିଷଦ ଅନୁରୋଧ କରିଛି। ଏଥି ସହିତ ଭାରତୀୟ ଜ୍ଞାନ କୌଶଳ ଓ ପରମ୍ପରା ବିଷୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅଧ୍ୟାପକମାନେ ମତ ରଖିଥିଲେ। ଏହା ବ୍ୟତୀତ ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମର ସୁପରିଚାଳନା, ନିୟୋଜିତ ଅଧ୍ୟାପକମାନଙ୍କ ପାରିଶ୍ରମିକ ସଂଶୋଧନ ସମ୍ପର୍କରେ ମଧ୍ୟ ଆରଭିଏସ୍‌ପି ଦାବୀ କରିଛି। ଓଡ଼ିଶାର ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ଅବସର ଗ୍ରହଣ ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରିବାକୁ ଆରଭିଏସ୍‌ପି ମନ୍ତ୍ରୀଙ୍କୁ ଅନୁରୋଧ କରିଛି। ୟୁଜିସିର ସୁପାରିଶ ଏବଂ ଦେଶର ଅନେକ ରାଜ୍ୟରେ ପ୍ରଚଳିତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯିବା ଉଚିତ ବୋଲି ପରିଷଦ ମତ ପ୍ରକାଶ କରିଛି। ଶିକ୍ଷକ ପରିଷଦ ପକ୍ଷରୁ ପ୍ରଫେସର ରଞ୍ଜନା ବାଜପାୟୀ, ପ୍ରଫେସର ବିକ୍ରମ କେଶରୀ ମିଶ୍ର, ପ୍ରଫେସର ଅଭିଷେକ ଶର୍ମା ଓ ପ୍ରଫେସର ମଲ୍ଲୀକାର୍ଜୁନ ମିଶ୍ର ଏହି ଆଲୋଚନାରେ ଭାଗ ନେଇଥିଲେ।

## ବିଜେଡି ସଂଖ୍ୟାଲଘୁ ସେଲ୍ ନବକଳେବର : ରାଜ୍ୟ ସଭାପତି ଏସ୍.କେ. ନିଜାମୁଦ୍ଦିନ

**ଭୁବନେଶ୍ୱର, ୨୬/୮ ନ୍ୟୁଜ ବ୍ୟୁରୋ**

ଦଳକୁ ପୁନର୍ଗଠନ କରିବାରେ ଲାଗି ପଡ଼ିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ଦଳର ସଂଖ୍ୟାଲଘୁ ସେଲ୍ ନବକଳେବର କରାଯାଇଛି । ରାଜ୍ୟସ୍ତରୀୟ ସେଲ୍‌କୁ ପୁନର୍ଗଠନ କରାଯିବା ସହ ୩୦ଟି ସାଂଗଠନିକ ଜିଲ୍ଲାରେ ସଂଖ୍ୟାଲଘୁ ସେଲ୍ ସଭାପତି ଘୋଷଣା ହୋଇଛି । ଦିଲ୍ଲୀପ ତୀର୍କି, ମୁଜିବୁଲ୍ଲା (ମୁନ୍ନା) ଖାନ, ସାଂସଦ ସସ୍ମିତ ପାତ୍ରଙ୍କୁ ସଂଖ୍ୟାଲଘୁ ସେଲ୍ ଉପଦେଷ୍ଟା ନିଯୁକ୍ତ କରାଯାଇଛି । ଦଳର ବରିଷ୍ଠ ନେତା ତଥା ଭୁବନେଶ୍ୱରର ପୂର୍ବତନ କର୍ପୋରେଟର ଏସ.କେ. ନିଜାମୁଦ୍ଦିନଙ୍କୁ ସଂଖ୍ୟାଲଘୁ ସେଲ୍ ରାଜ୍ୟ ସଭାପତି ଦାୟିତ୍ୱ ଦିଆଯାଇଛି । କାର୍ଯ୍ୟକାରୀ ସଭାପତି ଭାବେ ବିଧାୟକ ରୋହିତ ଯୋଶେଫ ତୀର୍କି, ରିଜୱାନା ବେଗମ, ଅମଜାଦ ଅଲ୍ଲୀ ଖାନ ନିଯୁକ୍ତ ହୋଇଛନ୍ତି। ୨୮ଜଣ ଉପସଭାପତି, ୩୦ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୩୧ଜଣ ସାଧାରଣ ସମ୍ପାଦକ, ୨୫ଜଣ ସମ୍ପାଦକ, ୨୧ଜଣ ଯୁଗ୍ମ ସମ୍ପାଦକଙ୍କୁ ଏହି ଟିମରେ ସାମିଲ କରାଯାଇଛି । ୩୦ଟି ସାଂଗଠନିକ ଜିଲ୍ଲାରେ ସଂଖ୍ୟାଲଘୁ ସେଲ୍ ପାଇଁ ନୂଆ ସଭାପତି ଘୋଷଣା କରାଯାଇଛି। ହସରତ ହୁସେନ-ଢେଙ୍କାନାଳ, ଅବଦଶ ସମାଦ ଖାନ-ବାଲେଶ୍ୱର, ଜମିଲ ଅଖତର ଖାନ-ଭଦ୍ରକ, ମୁସରଫ ଖାନ-ଭୁବନେଶ୍ୱର, ଏମ୍‌ଡି ସଫିଉଲ-ବୌଦ୍ଧ, ଏମ୍‌ଡି ଅସଦୁଲ୍ଲା ଖାନ-ବଲାଙ୍ଗୀର, ଭୁଷଣ ମିଞ୍ଜି-ଦେବଗଡ଼, ଏସ୍କେ ନାଜିମୁଦ୍ଦିନ-ବରଗଡ଼, ପ୍ରଶାନ୍ତୋ ବୀରୋ-ଗଜପତି, କୁଲଦୀପ ସିଂ ଧିଲନ-ଗଞ୍ଜାମ, ଏମ୍‌ଡି ସିକନ୍ଦର ଆଲାମ-ଜଗତସିଂହପୁର, ମୀନାହଜ ଉଲ ଆବେଦିନ-ଝାରସୁଗୁଡ଼ା, ଇମାନୁଲ ରଥ-କନ୍ଧମାଳ, ଏସ୍କେ ହୁମାୟୁନ- କଟକ, ନାସିର ହାୟତ-କେନ୍ଦୁଝର, ମୋକିମ ଖାନ-କଟକ ମହାନଗର, ଅଖତର ଅଲ୍ଲୀ ଖାନ-ଖୋର୍ଦ୍ଧା, ରାଜେନ୍ଦ୍ର ଖାସଲା-ମାଲକାନଗିରି, ଏମ୍‌ଡି ଜରର-ମୟୂରଭଞ୍ଜ-୨, କାଦିର ମହମ୍ମଦ ଖାନ-କଳାହାଣ୍ଡି, ରାଜକୁମାର ଦାସ-କୋରାପୁଟ, ସରୋଜ ଜାଲ୍-ନବରଙ୍ଗପୁର, ଏସ୍କେ ନଇମ-ନୟାଗଡ଼, ସାହିଦ ମହମ୍ମଦ-ନୂଆପଡ଼ା, ଅମିନୁଦ୍ଦିନ ଖାନ-ପୁରୀ, ଜଲିଲ ଖାନ-ରାୟଗଡ଼ା, ଇଜାଜ ଅହମ୍ମଦ-ରାଉରକେଲା, ଅଫତାବ ଆଲାମ-ସମ୍ବଲପୁର, ଆକବର ଅଲ୍ଲୀ-ସୋନପୁର, ମହମ୍ମଦ ସାହାବୁଦ୍ଦିନ- ସୁନ୍ଦରଗଡ଼ ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ଭାବେ ବିଜେଡି ନିଯୁକ୍ତ କରିଛି। ବଲାଙ୍ଗୀର ପାଇଁ ଅବଦୁଲ ରଫିକ (ସନ୍ଜୁ) ଓ କଟକ ମହାନଗରରେ ଜନ୍ ଆଶିଷ ବରାଳ ଏବଂ ସୁନ୍ଦରଗଡ଼ରେ ବିଜୟ କୁମାର ସୋରେଙ୍ଗଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦେଇଛନ୍ତି ନବୀନ ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୬/୦୮/୨୦୨୬
୩,୮୬,୫୭୮/- ଟଙ୍କା
ସୁନା:- ୦୧ ଗ୍ରାମ୍ ୧୦୦ମିଲିଗ୍ରାମ
ରୂପା:-୧୮ ଗ୍ରାମ୍ ୦୦୦ମିଲିଗ୍ରାମ୍

## ୭ ବର୍ଷର ହିସାବ ଦେଲେ ଭୁବନେଶ୍ୱର ସାଂସଦ

# ୮୮%ଜନ ଅଭିଯୋଗର ହୋଇଛି ସମାଧାନ

**ଭୁବନେଶ୍ୱର,୨୬/୦୮ ନ୍ୟୁଜ ବ୍ୟୁରୋ**

ନିଜ କାର୍ଯ୍ୟକାଳ ର ୭ବର୍ଷ ପୂରଣ ପରେ ନିଜ ୭ ବର୍ଷ ର ୭୦ ବିକାଶ ଓ ସେବା ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ନିଜ କାର୍ଯ୍ୟକାଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା, କୃଷି ଆଦିର ବିକାଶ, ପାନୀୟ ଜଳ ଯୋଗାଣ,ବିଦ୍ୟୁତ ଯୋଗାଣ ସମେତ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତଙ୍କର ସହଯୋଗରେ କାମ କରାଯାଉଥିବା ଦର୍ଶାଇଛନ୍ତି ସାଂସଦ। ଜନ ଅଭିଯୋଗ ଶୁଣାଣୀ ଏବଂ ସଂସଦୀୟ କ୍ଷେତ୍ରର ୮ଟି ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଲୋକଙ୍କ ଦାବି ଓ ଆବଶ୍ୟକତାକୁ ନେଇ, ସାଂସଦ ଭାବରେ କରିଥିବା ନିଜର ବିକାଶ ଓ ସେବା କାର୍ଯ୍ୟ ମଧ୍ୟରେ ପ୍ରମୁଖ ରହିଛି ଖୋର୍ଦ୍ଧା ରାମେଶ୍ୱର ଠାରୁ କଟକ ଟାଙ୍ଗି ପର୍ଯ୍ୟନ୍ତ ୮୩୦୭କୋଟି ଟଙ୍କା ମଞ୍ଜୁର ହୋଇଥିବା ୬ଲେନ୍ ବିଶିଷ୍ଟ ୧୧୧କିଲୋମିଟର ରାସ୍ତା, ଖୋର୍ଦ୍ଧା, ବାଘମାରି, ରାଜ ସୁନାଖଳା, ବେଗୁନିଆ ଓ ପୁବୁ ସାହି ବାଇପାସ୍, ପଳାଶୁଣୀ ସେତୁ ସମ୍ପ୍ରସାରଣ, ପଳାଶୁଣୀରୁ ରସୁଲଗଡ ରାସ୍ତାର ଭିତ୍ତିଭୂମି ବିକାଶ, ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୩୭ଟି ସଡ଼କ ପ୍ରକଳ୍ପ, ସର୍ଭିସ ରୋଡ ଓ ଡ୍ରେନ୍ ନିର୍ମାଣ ସମେତ ଭୁବନେଶ୍ୱରକୁ ଟ୍ରାଫିକ ଭିଡ଼ମୁକ୍ତ ଏବଂ ସୁଗମ ଯାତାୟାତ ସୁବିଧା ସମ୍ପନ୍ନ ସହର ଭାବରେ ଗଢ଼ି ତୋଳିବା ପାଇଁ ନୂତନ ସଡ଼କ ପ୍ରକଳ୍ପ ଇତ୍ୟାଦି ।ଏଥିସହିତ ଗମନାଗମନକୁ ଅଧିକ ସୁଗମ କରିବା ପାଇଁ, ବିଭିନ୍ନ ସ୍ଥାନରେ ରାସ୍ତା ସହିତ ସେତୁ, ୨୪୦ କୋଟି ଟଙ୍କା ବ୍ୟୟରେ ୭ଟି ଫ୍ଲାଏ ଓଭର ବ୍ରିଜ୍, ୧୮୬ କୋଟି ଟଙ୍କା ବ୍ୟୟରେ ୧୬ଟି ଅଣ୍ଡର ପାସ୍ ଆଦି କରାଯାଇଥିବା ନିଜ ରିପୋର୍ଟ କାର୍ଡରେ ଦର୍ଶାଇଛନ୍ତି ସାଂସଦ। ଗମନା ଗମନ ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ବିକାଶ ସମେତ ଭୁବନେଶ୍ୱର, ମଞ୍ଚେଶ୍ୱର, ଲିଙ୍ଗରାଜ ଷ୍ଟେସନ୍‌ର ନବୀକରଣ, ପଟିଆ ଓ କଳାରାହାଙ୍ଗରେ ରେଳ ଓଭର୍ ବ୍ରିଜ୍ ଏବଂ ଅଟ୍ରି, ସାନପଦର, ତାରାବୋଇ, ବୋଲଗଡ ଆଦି ଷ୍ଟେସନ୍‌ରେ ରେଳ ରହଣି ପାଇଁ ବ୍ୟବସ୍ଥା କରାଯାଇଛି । ଅନୁରୂପ ଭାବରେ ସଂସଦୀୟ କ୍ଷେତ୍ରରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯିବା ସହିତ ୫କୋଟି ୪୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୮ଟି ବ୍ଲକ ଲେଭୁଲ ମଡର୍ଣ୍ଣ ଲାଇବ୍ରେରୀ ଓ କୋଚିଂ ସେଣ୍ଟର ଓ ୨୩କୋଟି ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୫୬ଟି ପଞ୍ଚାୟତ ସ୍ତରୀୟ ଲାଇବ୍ରେରୀ ନିର୍ମାଣ ସମେତ ଶିକ୍ଷାନୁଷ୍ଠାନମାନଙ୍କ ବିକାଶ ପାଇଁ ବ୍ୟାପକ କାର୍ଯ୍ୟ କରାଯାଇଥିବାର ବିବରଣୀରେ ଉଲ୍ଲେଖ ରହିଛି। ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ନିକଟତର କରିବାକୁ ବ୍ଲକ ସ୍ତରରେ ସାଂସଦ ଚିକିତ୍ସା ଶିବିରର ଆୟୋଜନ କରାଯାଇ ୩୦୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମେତ ଔଷଧ ପ୍ରଦାନ କରାଯାଇଛି। ନିଜସ୍ୱ ଉଦ୍ୟମରେ ବିଭିନ୍ନ ଡାକ୍ତରଖାନା ମାନଙ୍କରେ ୨୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବା ସହିତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସହାୟକ ଉପକରଣ ଆଦି ବଣ୍ଟନ କରାଯାଇଥିବା ଦର୍ଶାଇଛନ୍ତି ସାଂସଦ। ପାନୀୟ ଜଳ ଯୋଗାଣ ସମେତ ଭୁବନେଶ୍ୱରରେ ସ୍ୱରେଜ୍ ନେଟୱାର୍କର ବିକାଶ, ଜଳସେଚନ, ବିଭିନ୍ନ କେନାଲ ଓ ଗଙ୍ଗୁଆ ନାଳର ବ୍ୟାପକ ପୁନରୁଦ୍ଧାର ଆଦି କାର୍ଯ୍ୟ ନେଇ ହିସାବ ଦେଇଛନ୍ତି ଅପରାଜିତା। ଅଞ୍ଚଳର ବିଜୁଳି ସେବାକୁ ଲୋକାଭିମୁଖୀ କରିବା ପାଇଁ ବାଲିଅନ୍ତାରେ ୬୧୬କୋଟି ଟଙ୍କାରେ ଗ୍ରିଡ୍ ସବ୍ ଷ୍ଟେସନ୍,୧୯ କୋଟି ଟଙ୍କା ବ୍ୟୟରେ ନାଗେଶ୍ୱର ଟାଙ୍ଗି ସବ୍‌ଷ୍ଟେସନ୍ ନିର୍ମାଣ ସମେତ ଅନେକ ସ୍ଥାନରେ ସୌର ଆଲୋକ ସ୍ଥାପନ କରାଯାଇଛି। କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ବେଗୁନିଆରେ ଏକ ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ସମେତ ଅନେକ ସ୍ଥାନରେ ମାଗଣା କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଛି। ଲୋକଙ୍କ ଦାବୀ ମୁତାବକ ପାଣ୍ଡରା ଠାରେ ୫୭ କୋଟି ଟଙ୍କା ବ୍ୟୟ ଅଟକଳରେ ଆଧୁନିକ ମାଛ ବଜାର ସମେତ, ବହୁ ଭେଣ୍ଡିଙ୍ଗ ଜୋନ୍ ନିର୍ମାଣ, ସହିଦନଗର ହାଟ ପାଇଁ ଜମି ଯୋଗାଣ ଆଦି କାର୍ଯ୍ୟ ଚାଲୁ ରହିଛି।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com